79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୯୮ ● କଟକ ● ବୁଧବାର ● ୦୩ ଜୁନ୍-୨୦୨୬ ● ମିଥୁନ-୦୩ ● ସାଲ୍-୧୪୩୧
CUTTACK ● WEDNESDAY ● 03 JUNE-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ବଦଳିଲେ ସିବିଏସ୍‌ଇ ଅଧ୍ୟକ୍ଷ ଓ ସଚିବ

## ଓଏସ୍‌ଏମ୍ ତଦନ୍ତ ପାଇଁ ଗଢ଼ାହେଲା କମିଟି, ଏସ୍. ରାଧା ଚୌହାନ କମିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ,(ଏଜେନ୍ସି):**

ସିବିଏସ୍‌ଇ ପୁନଃ ମୂଲ୍ୟାଙ୍କନ ବିବାଦରେ କେନ୍ଦ୍ର ସରକାର ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ। ବିବାଦ ଦିନକୁ ଦିନ ବଢୁଥିବାରୁ ମଙ୍ଗଳବାର ସରକାର ସିବିଏସ୍‌ଇ ଅଧ୍ୟକ୍ଷ ଓ ସଚିବଙ୍କ ବଦଳି କରିଛନ୍ତି। ସିବିଏସ୍‌ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥାରୁ ନେଇ ବିବାଦ ଲାଗି ରହିଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଏସ୍‌ଇ ଅଧ୍ୟକ୍ଷ ଆଇଏଏସ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଓ ପରୀକ୍ଷା ସଂସ୍କାର କଥା ବୁଝୁଥିଲେ। ଶିକ୍ଷା ମନ୍ତ୍ରଣାଳୟ ସହ ସେ ସମନ୍ୱୟ ରକ୍ଷା କରୁଥିଲେ। ସେହିପରି ସଚିବ ଭାବେ କାର୍ଯ୍ୟ କରୁଥିବା ଆଇଏଏସ୍ ହିମାଂଶୁ ଗୁପ୍ତା ପ୍ରଶାସନିକ, ଅର୍ଥ ଓ ଏହା ସହ ଜଡ଼ିତ କାର୍ଯ୍ୟର ଦେଖାଶୁଣା କରୁଥିଲେ। ଏବେ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାବାଦ ଅନ୍ ସ୍କ୍ରିନ ମାର୍କିଂ(ଓଏସ୍‌ଏମ) ବ୍ୟବସ୍ଥା କେଉଁ



ପରିସ୍ଥିତିରେ ଗ୍ରହଣ କରାଯାଇଥିଲା, ତା'ର ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଓଏସ୍‌ଏମ ତଦନ୍ତ ପାଇଁ ଜଣିକିଆ କମିଟି ଗଠନ କରାଯାଇଛି। କାପାସିଟି ବିଲ୍ଡିଂ କମିଶନ ଅଧ୍ୟକ୍ଷ ଏସ୍ ରାଧା ଚୌହାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ସରକାର। କମିଟି ଓଏସ୍‌ଏମ ସିଷ୍ଟମ୍ ସହ ଜଡ଼ିତ ସମସ୍ତ ଚୁକ୍ତି, ନିୟମାବଳୀ ଏବଂ ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ କରିବ। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ତଦନ୍ତ ପ୍ରକ୍ରିୟାକୁ ସଠିକ୍ ଓ ନିରପେକ୍ଷ କରିବା ପାଇଁ କମିଟିକୁ ବିଶେଷ ସ୍ୱାଧୀନତା ଦିଆଯାଇଛି। ତଦନ୍ତ ସମୟରେ ଆବଶ୍ୟକ ପଡ଼ିଲେ କମିଟିର ଅଧ୍ୟକ୍ଷା ଏସ୍. ରାଧା ଚୌହାନ ଅନ୍ୟ ସରକାରୀ ବିଭାଗ କିମ୍ବା କାର୍ଯ୍ୟାଳୟର ବିଶେଷଜ୍ଞ ଓ ଅଧିକାରୀମାନଙ୍କର ସାହାଯ୍ୟ ନେଇପାରିବେ। କେନ୍ଦ୍ର ସରକାର ଏହି ମାମଲାକୁ ଗମ୍ଭୀରତାର ସହ ନେଇଥିବାରୁ ତଦନ୍ତ ଶେଷ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଛନ୍ତି। ତଦନ୍ତ ସମିତିକୁ ଆଗାମୀ ୩୦ଦିନ ମଧ୍ୟରେ ନିଜର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରି କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମିଟିର କାର୍ଯ୍ୟ ପରିସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇନାହିଁ। କିନ୍ତୁ ଓଏସ୍‌ଏମ ପାଇଁ ଚୁକ୍ତି କେମିତି ଦିଆଯାଇଥିଲା ? ସମସ୍ତ ନିୟମାବଳୀ ଓ ପ୍ରକ୍ରିୟା ଠିକ୍ ଭାବେ ଅନୁପାଳନ କରାଯାଇଥିଲା କି ନାହିଁ, ତା'ର ଯାଞ୍ଚ କମିଟି କରିବ ବୋଲି ଜଣାପଡ଼ିଛି। କମିଟି ରିପୋର୍ଟ ଦେବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବେ। ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କାନ୍ କରାଯାଇଥିବା ଉତ୍ତରଖାତା ଦେଖିବାର ସୁବିଧା ଉପଲବ୍ଧ କରାଯାଇଥିଲା। କିନ୍ତୁ ଏହି ସ୍କାନ୍ ଉତ୍ତର ଖାତା ଦେଖିବା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ କରିଥିଲେ। ଅନେକ ପରୀକ୍ଷାର୍ଥୀ କହିଥିଲେ ଯେ ସେମାନଙ୍କୁ ସ୍ପଷ୍ଟ ଦୃଶ୍ୟମାନ ହେଉ ନଥିବା ପୃଷ୍ଠା ସହ ସମ୍ପୂର୍ଣ୍ଣ ଉତ୍ତର ଖାତା ମିଳୁନାହିଁ। ସେହିପରି ବୋର୍ଡର ଅନଲାଇନ୍ ସେବା ମଧ୍ୟ ଠିକ୍ ଭାବେ ଉପଲବ୍ଧ ହେଉନାହିଁ। ଏହାପରେ ଓଏସ୍‌ଏମ୍ ପ୍ଲାଟ୍‌ଫର୍ମ ଓ ଡିଜିଟାଲ୍ ମୂଲ୍ୟାଙ୍କନ ଚୁକ୍ତି ପ୍ରଦାନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଉପରେ ପ୍ରଶ୍ନଉଠିଛି। ବିକ୍ରେତା ଚୟନ ପ୍ରକ୍ରିୟା, ସାଇବର ସୁରକ୍ଷା ସମସ୍ୟା ଓ ପୁନଃ ମୂଲ୍ୟାଙ୍କନ ସେବାରେ ବିଳମ୍ବକୁ ନେଇ ମଧ୍ୟ ବିବାଦ ଦେଖାଯାଇଛି। ସିବିଏସ୍‌ଇର ମୂଲ୍ୟାଙ୍କନ ଓ ରେଜଲ୍ଟ ପରେ ନିଆଯାଇଥିବା ପଦକ୍ଷେପ ଉପରେ ଗୋଟିଏ ସପ୍ତାହ ଧରି ବିବାଦ ଲାଗି ରହିଥିଲା। ଏହାକୁ ନେଇ ପୂରା ଦେଶର ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହୋଇଥିଲା। ଏଥିପାଇଁ ସରକାର କଡ଼ା ପଦକ୍ଷେପ ନେଇଛନ୍ତି।

## ନୂଆ ମୁଖିଆ ନିଯୁକ୍ତ

**ନୂଆଦିଲ୍ଲୀ,(ଏଜେନ୍ସି):**

କେନ୍ଦ୍ର ସରକାର ସିବିଏସ୍‌ଇର ଅନ୍-ସ୍କ୍ରିନ୍ ମାର୍କିଂ ବିବାଦକୁ ନେଇ ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ପୂର୍ବତନ



ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କ ବଦଳି ପରେ ଏବେ ବୋର୍ଡରେ ନୂଆ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ସହିତ ସମଗ୍ର ଟେଣ୍ଡର ପ୍ରକ୍ରିୟାର ଯାଞ୍ଚ ପାଇଁ ଗଠିତ କମିଟିର ରୂପରେଖ ସ୍ପଷ୍ଟହୋଇଛି। ବୋର୍ଡର କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ କେନ୍ଦ୍ର ସରକାର ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଶାନ୍ତ ସୀତାରାମ ଲୋଖଣ୍ଡେଙ୍କୁ ସିବିଏସ୍‌ଇର ନୂଆ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ସେହିଭଳି ବରିଷ୍ଠ ପ୍ରଶାସନିକ ଅଧିକାରୀ ବରୁଣ ଭାରଦ୍ୱାଜଙ୍କୁ ବୋର୍ଡର ନୂଆ ସଚିବ ଦାୟିତ୍ୱ ମିଳିଛି।

# ମୋହନ ସରକାରଙ୍କ ୨ବର୍ଷ ପୂର୍ତ୍ତି

## ଯୋଗଦେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,(ପିପିଏସ୍):**

ଚଳିତ ମାସ ତୃତୀୟ ସପ୍ତାହରେ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆସନ୍ତା ୧୯ ତାରିଖରେ ରାଷ୍ଟ୍ରପତି ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବେ। ରାଇରଙ୍ଗପୁରରେ ନବନିର୍ମିତ ଷ୍ଟାଡିୟମ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ହେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ। ପରବର୍ତ୍ତୀ ସମୟରେ ଓଡ଼ିଶା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ସାଂସଦ ନବ ଚରଣ



### ୨୦ରେ ରାଇରଙ୍ଗପୁରରେ ବିଶାଳ କାର୍ଯ୍ୟକ୍ରମ

ମାଝୀ। ଏହି ଅବସରରେ ସ୍ଥାନୀୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର ସୂଚନା ରହିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୦ରେ ଓଡ଼ିଶା ଗସ୍ତରେ ଆସି ରାଇରଙ୍ଗପୁର ଗସ୍ତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ଯୋଜନାର ଶୁଭାରମ୍ଭ କରିପାରନ୍ତି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ ଉତ୍ସବ ୨୦ତାରିଖରେ ରାଇରଙ୍ଗପୁରରେ ଆୟୋଜିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବାରୁ ଏହାକୁ ସୁଚାରୁ ରୂପେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ନିଜ ଗାଁ ରାଇରଙ୍ଗପୁର ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ବି ରାଷ୍ଟ୍ରପତିଙ୍କ ଗାଁ ପାହାଡ଼ପୁର ଯିବେ। କଥା ଦେଇ କଥା ରଖିବାକୁ ଯାଉଛନ୍ତି ପ୍ରଧାନମନ୍ତ୍ରୀ। ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ତାଙ୍କ ଗାଁକୁ ବୁଲିଆସିବାକୁ କଥା ଦେଇଥିଲେ ମୋଦୀ। ଆଉ ଏବେ ଆସିବା ଯୋଜନା କରିଛନ୍ତି।

# ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ବଢ଼ିଲା ସିଟ୍ ସଂରକ୍ଷଣ

## ଏସ୍‌ସି-ଏସ୍‌ଟିଙ୍କୁ ଦ୍ୱିଗୁଣ, ଏସ୍‌ଇବିସିଙ୍କୁ ୧୧.୨୫% ସୁବିଧା

**ଭୁବନେଶ୍ୱର,(ପିପିଏସ୍):**

ଦୀର୍ଘବର୍ଷର ତର୍କବିତର୍କ ଓ ଛକାପଞ୍ଝା ପରେ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ବୃତ୍ତିଗତ ଓ ବୈଷୟିକ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ବର୍ଦ୍ଧିତ ସଂରକ୍ଷଣ ହାର ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ପ୍ରଥମଥର ପାଇଁ ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍‌ଇବିସି)ର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାରେ ୧୧.୨୫% ସଂରକ୍ଷଣ ସୁବିଧା ସହ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ସଂରକ୍ଷଣ ହାର ମଧ୍ୟ ବୃଦ୍ଧିପାଇଛି। ବିଧିବଦ୍ଧ ଭାବେ ଅନୁସୂଚୀତ ଜାତି,ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ସ୍ମାରକପତ୍ର(ଅଫିସ ମେମୋରେଣ୍ଡମ) ଜାରି ହୋଇଛି। ଏହି ନୂଆ ନିୟମକୁ ତତ୍କାଳ ପ୍ରଭାବରୁ ଲାଗୁ କରାଯାଇଛି। ଗତ ଏପ୍ରିଲ ୫ତାରିଖରେ ରାଜ୍ୟ କ୍ୟାବିନେଟ୍ ଉଚ୍ଚଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ କରିଥିଲେ। ବିଭାଗ ପକ୍ଷରୁ ଜାରି



କାର୍ଯ୍ୟାଳୟ ସ୍ମାରକପତ୍ର ଅନୁସାରେ, ଓଡ଼ିଶା ବୃତ୍ତିଗତ ଶିକ୍ଷାନୁଷ୍ଠାନ (ନାମଲେଖା ନିୟନ୍ତ୍ରଣ ଓ ଫି ନିର୍ଦ୍ଧାରଣ) ଅଧିନିୟମ ୨୦୦୭ର ଧାରା-୪ ଅଧୀନରେ ଗଠିତ 'ନୀତି ନିର୍ଦ୍ଧାରଣ କମିଟି'ଙ୍କ ସୁପାରିସ ଆଧାରରେ ଚଳିତ ଶିକ୍ଷାବର୍ଷରୁ ବର୍ଦ୍ଧିତ ସଂରକ୍ଷଣ ହାର କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ, ପଲିଟେକନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁଷଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲଚର ଆଣ୍ଡ ଆଲାଏଡ୍ ସାଇନ୍ସ, ଆର୍କିଟେକଚର, ପ୍ଲାନିଂ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଭଳି ସମସ୍ତ ବୃତ୍ତିଗତ ପାଠ୍ୟକ୍ରମର ସାର୍ଟିଫିକେଟ୍, ଡିପ୍ଲୋମା, ସ୍ନାତକ ଓ ସ୍ନାତକୋତ୍ତରସ୍ତରରେ ଲାଗୁ ହେବ। ଏହି ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ଅନୁସୂଚୀତ ଜନଜାତି ପାଇଁ ୨୨.୫୦% ଓ ଅନୁସୂଚୀତ ଜାତିଙ୍କ ପାଇଁ ୧୬.୨୫% ସଂରକ୍ଷଣ ହାର ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ। ଏହି ନୂଆ ଏକକ (ୟୁନିଫର୍ମ) ସଂରକ୍ଷଣ ନିୟମ ପ୍ରସ୍ତୁତ କରିବା ସମୟରେ ସରକାର ସ୍ପଷ୍ଟ କରିଛନ୍ତି ଯେ ବାର୍ଷିକ ଅନୁମୋଦିତ ଆସନ ସଂଖ୍ୟା ହିସାବ କରାଯିବାବେଳେ ସର୍ବଭାରତୀୟ କୋଟା ପାଇଁ ଉଦ୍ଦିଷ୍ଟ ଥିବା ସଂରକ୍ଷିତ ଆସନଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। ଏହାବ୍ୟତୀତ ସମାନ୍ତରାଳ ସଂରକ୍ଷଣ ଓ ଆର୍ଥିକ ଭାବେ ଦୁର୍ବଳ ବର୍ଗଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ପୂର୍ବଭଳି ପ୍ରଚଳିତ ଅଧିନିୟମ, ନିୟମାବଳୀ ଓ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ହେବ। ବିଭାଗୀୟ ସଚିବ ବି. ପରମେଶ୍ୱରନ୍ ଏହି କାର୍ଯ୍ୟାଳୟ ସ୍ମାରକପତ୍ର ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ନୂଆ ସଂରକ୍ଷଣ ବ୍ୟବସ୍ଥା ଫଳରେ ରାଜ୍ୟରେ ଉଭୟ ମେଡିକାଲ ଓ ଇଞ୍ଜିନିୟରିଂ ଆସନ ସଂଖ୍ୟାରେ ବଡ଼ ପରିବର୍ତ୍ତନ ଆସିବ। ରାଜ୍ୟର ମୋଟ ୨୪୨୧ଟି ମେଡିକାଲ ସିଟ୍ ମଧ୍ୟରୁ ଏସଟିଙ୍କ ପାଇଁ ଆସନ ସଂଖ୍ୟା ୨୯୦ରୁ ୫୪୫କୁ ଓ ଏସ୍‌ସିଙ୍କ ପାଇଁ ୧୯୩ରୁ ୩୯୩ କୁ ବୃଦ୍ଧି ପାଇବା ସହ ଏସ୍‌ଇବିସି ବର୍ଗଙ୍କୁ ୨୭୨ଟି ସିଟ୍ ମିଳିବ। ସେହିପରି ୪୪୫୭୯ଟି ଇଞ୍ଜିନିୟରିଂ ସିଟ୍ ମଧ୍ୟରୁ ଏସ୍‌ଟିଙ୍କ ପାଇଁ ୧୦୦୩୦, ଏସ୍‌ସିଙ୍କ ପାଇଁ ୭୨୪୪ ଓ ଏସ୍‌ଇବିସି ବର୍ଗଙ୍କ ପାଇଁ ୫୦୧୫ଟି ଆସନ ସଂରକ୍ଷିତ ରହିବ। ଚଳିତବର୍ଷ ଏପ୍ରିଲ ୫ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଉଚ୍ଚଶିକ୍ଷା ବିଭାଗରେ ବର୍ଦ୍ଧିତ ସଂରକ୍ଷଣ ଓ ଏସ୍‌ଇବିସିଙ୍କ ପାଇଁ ପ୍ରଥମଥର ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲା। ରାଜ୍ୟରେ ମେଡିକାଲ୍, ନର୍ସିଂ, ଇଞ୍ଜିନିୟରିଂ,ପଲିଟେକନିକ୍, ଆଇଟିଆଇ, ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ ଅନୁସୂଚୀତ ଜନଜାତି(ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀଙ୍କ ସିଟ୍ ସଂରକ୍ଷଣ ୧୨%ରୁ ୨୨.୫୦% ଓ ଅନୁସୂଚୀତ ଜାତି(ଏସ୍‌ସି)ଙ୍କୁ ୮% ରୁ ୧୬.୨୫%କୁ ବୃଦ୍ଧି କରାଯାଇଥିବାବେଳେ ଏସ୍‌ଇବିସିଙ୍କୁ ପ୍ରଥମଥର ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ଲାଗୁ କରାଯାଇଛି।

# ଅଜା ଦୋକାନରେ ଜଳିଗଲା ନାତି

**ବ୍ରହ୍ମପୁର,(ପିପିଏସ୍):**

ଖରା ଛୁଟି ପାଇଁ ୧୫ଦିନ ହେଲା ଅଜା ଘରକୁ ଆସିଥିଲେ। ମଙ୍ଗଳବାର ଅଜା ତାଙ୍କୁ ନିଜ ଦୋକାନରେ ବସାଇ ଦେଇ ଘରକୁ ଯାଇଥିଲେ। ସେ ଘରୁ ଫେରିଲା ବେଳକୁ ଦୋକାନରେ ନିଆଁ



ଲାଗିଥିଲା ଓ ଭିତରେ ପଡ଼ିଥିଲେ ନାତି। ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଦାନ୍ତିଲିଙ୍ଗି ଛକରେ। ମୃତ ନାବାଳକଙ୍କ ନାଁ ବାଦଲ ମୂଳି। ତାଙ୍କୁ ୧୩ ବର୍ଷ ହୋଇଥିଲା। ଦାନ୍ତିଲିଙ୍ଗି ଛକରେ ତାଙ୍କ ଅଜା ଗଣେଶ ମୂଳି ଗୋଟିଏ ଚା ଓ ଗ୍ରୋସରୀ ଦୋକାନ କରିଛନ୍ତି। ସେ ବେଳେ ବେଳେ ଆସି ଅଜାଙ୍କ ସହିତ ଦୋକାନରେ ବସନ୍ତି। ଆଜି ମଧ୍ୟ ସେ ଦୋକାନରେ ବସିଥିଲେ। ତେବେ ତାଙ୍କ ଅଜା ନ ଥିଲେ। ସେ ବାଦଲଙ୍କୁ ଦୋକାନରେ ବସାଇ ଦେଇ କୌଣସି କାମରେ ଘରକୁ ଯାଇଥିଲେ। ସେ ଘରୁ ଫେରିଲା ବେଳକୁ ଦୋକାନ ଜଳୁଥିଲା।ଏହି ଅଗ୍ନିକାଣ୍ଡରେ ଗଣେଶଙ୍କ ଦୋକାନଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି ବାଦଲ। ନିଆଁ କେମିତି ଲାଗିଲା, ତାହା ସ୍ପଷ୍ଟ ହୋଇନି। ତେବେ ଗ୍ୟାସ ସିଲିଣ୍ଡର ଫାଟିବା ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଲାଗିବ ଦଲାଲଙ୍କ ଫଟୋ

## ଡିଏସ୍‌ଆରଙ୍କୁ ମିଳିବ ମାଜିଷ୍ଟ୍ରେଟ୍ କ୍ଷମତା !

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟର ସବରେଜିଷ୍ଟ୍ରାର୍ ଓ ତହସିଲ ଅଫିସଗୁଡ଼ିକରୁ ଦଲାଲି ଓ ଦୁର୍ନୀତିକୁ ମୂଳପୋଛ କରିବା ପାଇଁ ରାଜ୍ୟ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ସବରେଜିଷ୍ଟ୍ରାର ଅଫିସଗୁଡ଼ିକରେ ଦଲାଲଙ୍କ ଫଟୋ ଲାଗିବା ସହ ଜିଲ୍ଲା ସବରେଜିଷ୍ଟ୍ରାରମାନଙ୍କୁ ମାଜିଷ୍ଟ୍ରେଟ୍ କ୍ଷମତା ଦେବାକୁ ସରକାର ଯୋଜନା କରୁଛନ୍ତି। ସବରେଜିଷ୍ଟ୍ରାର୍ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କୁ ଶୋଷଣ କରୁଥିବା ମିଡିଲମ୍ୟାନ୍ ବା ଦଲାଲମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜସ୍ୱ ବିଭାଗ ଅଣ୍ଟା ଭିଡ଼ିଛି। ଏଣିକି ସବରେଜିଷ୍ଟ୍ରାର୍ ଅଫିସଗୁଡ଼ିକରେ କୌଣସି ଦଲାଲ୍ ବୁଲିଲେ, ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ଜରିଆରେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ଫଟୋକୁ ଅଫିସ୍ ପରିସରରେ ସାର୍ବଜନୀନ ଭାବେ ଲଗାଯିବ, ଯାହାଦ୍ୱାରା ସେମାନଙ୍କ ଅସଲ ଚେହେରା ସମସ୍ତଙ୍କ ସାମ୍ନାକୁ ଆସିପାରିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ଡିଏସଆର (ଜିଲ୍ଲା ସବରେଜିଷ୍ଟ୍ରାର) ଅଫିସରେ ଲଗାଯାଇଥିବା ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ଅତ୍ୟାଧୁନିକ ସର୍ଭିଲାନ୍ସ ସିଷ୍ଟମ ଯୋଗୁଁ ଅନେକ ସନ୍ଦିଗ୍ଧ ବ୍ୟକ୍ତି ବାରମ୍ବାର କାର୍ଯ୍ୟାଳୟକୁ ଆସୁଥିବା ନଜରକୁ ଆସିଛି। ସେମାନଙ୍କୁ ବାରଣ ମଧ୍ୟ କରାଯାଉଛି। ଏହି ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ ଆଗକୁ ସମସ୍ତ ଡିଏସ୍‌ଆର ଅଫିସରେ ଏହି ଦଲାଲମାନଙ୍କ ଫଟୋ ଟଙ୍ଗାଯିବ। କେବଳ ସେତିକି ନୁହେଁ, ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମରୁ ଧରାପଡୁଥିବା ମିଡିଲମ୍ୟାନଙ୍କ ଉପରେ କିଭଳି ଦଣ୍ଡ ବିଧାନ କରାଯିବ ଓ ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ଅଫିସରମାନଙ୍କ ବିରୋଧରେ କି ପ୍ରକାର ଆକ୍ସନ ନିଆଯିବ, ସେନେଇ ସରକାର ଏକ ସ୍ୱତନ୍ତ୍ର ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଆଣିବାକୁ ଯାଉଛନ୍ତି। ଏହି ଏସଓପି ପ୍ରସ୍ତୁତ କରିବା ଓ ଏଥିପାଇଁ ଆବଶ୍ୟକୀୟ ଆଇନଗତ



ବ୍ୟବସ୍ଥାର ତର୍ଜମା ନିମନ୍ତେ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ ହୋଇଛି। ସେହିପରି ଆଗାମୀ ଦିନରେ ଏହି ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମର ପରିସରକୁ ଆହୁରି ବ୍ୟାପକ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ କରିଛନ୍ତି। ସମସ୍ତ ରାଜସ୍ୱ ଓ ତହସିଲ ଅଫିସରେ ଏହି ସିଷ୍ଟମ ଲଗାଯିବା ସହ କ୍ଷେତ୍ର ପରିଦର୍ଶନ ବା ଫିଲଡ଼ ଭିଜିଟ ସମୟରେ ମଧ୍ୟ ଅଧିକାରୀମାନଙ୍କୁ ଟ୍ରାକିଂ କରାଯିବ, ଫଳରେ କାର୍ଯ୍ୟରେ ସ୍ୱଚ୍ଛତା ଆସିପାରିବ। ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ ଡିଏସ୍‌ଆର ବା ଜିଲ୍ଲା ସବରେଜିଷ୍ଟ୍ରାରମାନଙ୍କୁ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରଦାନ କରିବା ସମ୍ପର୍କରେ ସରକାର ଗମ୍ଭୀରତାର ସହ ବିଚାର କରୁଛନ୍ତି ଓ ଖୁବ୍‌ଶୀଘ୍ର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏବେସୁଦ୍ଧା କୌଣସି ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କ ଉପରେ ନିର୍ଭର କରିବାକୁ ପଡୁଥିବାବେଳେ, ଡିଏସଆରଙ୍କୁ ଏହି କ୍ଷମତା ମିଳିଲେ ଅନେକ ସରକାରୀ କାର୍ଯ୍ୟ ବେଶ୍ ଦ୍ରୁତଗତିରେ ଆଗେଇବ। ଏହାସହ ଦୁର୍ନୀତିଖୋର ଓ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଜିଲ୍ଲା ସବରେଜିଷ୍ଟ୍ରାରମାନେ ସ୍ୱତନ୍ତ୍ର ଓ ପ୍ରତ୍ୟକ୍ଷ ଭାବେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି କହିଛନ୍ତି ମନ୍ତ୍ରୀ।

**ସମ୍ପାଦକୀୟ**

## ବିଚାରପତିଙ୍କ ସଂଖ୍ୟା

**ବାଟେଘାଟେ**



ସାରା ଓଡ଼ିଶାଟା ପଡୁଛି ଉଠୁଛି
ଚର୍ଚ୍ଚାରେ ଏବେ ଥାନା
ଥାର୍ଡ଼ ଡିଗିରି ହାଜତ ମୃତ୍ୟୁ
ଥାନା ହେଲା ଭୂତଖାନା
ଲୋକ ମାତି ଥାନା ଘେରାଉ କରିଲେ
କରୁଛନ୍ତି ତନାଘନା
ନିଲମ୍ବିତ ଅବା ବଦଳି କରିଲେ
କ୍ରୋଧ ଦବି ଯାଏ ସିନା
ନିର୍ଦ୍ଦୋଷ ଏଠି ଦୋଷୀ ହୋଇ ମରେ
ବୁଲେ ଖାଲି ପରୁଆନା
ମନ୍ତ୍ରୀଏ କର ଘେନା
ଶାସନରେ ଯଦି ସୁଧାର ନ ଆସେ
ସବୁ ହୋଇଯିବ ଚୂନା -ରାହୀ

## କବିସୂର୍ଯ୍ୟନଗର ଥାନା ପୁଲିସ୍ ଦିବ୍ୟାଙ୍ଗଙ୍କୁ ମାରିଦେବା ଅଭିଯୋଗ

# ଏନ୍‌ଏଚ୍‌ଆର୍‌ସିଙ୍କ କଡ଼ା ହସ୍ତକ୍ଷେପ

**ବ୍ରହ୍ମପୁର(ପିପିଏସ୍):**

କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ଘଟଣାରେ କଠୋର ହୋଇଛି ପୁଲିସ୍। ୨୪ଘଣ୍ଟା ମଧ୍ୟରେ ଗଞ୍ଜାମ ଏସ୍‌ପି ତଦନ୍ତ ରିପୋର୍ଟ ଏନ୍‌ଏଚ୍‌ଆର୍‌ସିକୁ ପ୍ରଦାନ କରିଛନ୍ତି । ପ୍ରାଥମିକ ଭାବେ ଜଣେ ଆଇପିଏସ୍‌ଙ୍କୁ ବଦଳି ସହ ୩ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ ଓ ହୋମ୍‌ଗାର୍ଡ ଡ୍ରାଇଭରକୁ ବହିଷ୍କାର କରାଯାଇଛି। ଥାନା ଓ ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ

### ଏଫ୍‌ଆଇଆର୍‌ରେ ନଥିଲା ସୁଶାନ୍ତଙ୍କ ନାଁ

### ବିଚାର ବିଭାଗୀୟ ତଦନ୍ତ ଦାବି

ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେପଟେ ମୃତ ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ହେବାପରେ ତାଙ୍କ ଶରୀରରେ ଅନେକ କ୍ଷତଚିହ୍ନ ରହିଥିବା ଜଣାପଡିଛି। ମୃତଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗରୁ ନମୁନା ସହ ଭିସାରା ସଂଗ୍ରହକରି ପରୀକ୍ଷା ନିମନ୍ତେ ରାଜ୍ୟ ଫରେନ୍ସିକ ଲାବରେଟୋରୀକୁ ପଠାଯାଇଥିବା ବେଳେ ଏହାର ରିପୋର୍ଟ ଆସିବାପରେ ମୃତର କାରଣ ସ୍ପଷ୍ଟହେବ ବୋଲି କହିଛନ୍ତି ଏମ୍‌କେସିଜି ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡା.ସୁଦୀପା ଦାସ । ସୂଚନାଥାଉକି, କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କ ଥାର୍ଡ ଡିଗ୍ରୀପରେ ତାଙ୍କ ମୃତ୍ୟୁକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା । ଆଉ ଏଭଳି ଅଭିଯୋଗକୁ ପୁଲିସ୍ ଗୁରୁତର ସହ ନେଇ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଛି । ଦକ୍ଷିଣାଞ୍ଚଳ ଆଇଜିଙ୍କ ନିର୍ଦ୍ଦେଶପରେ ଗଞ୍ଜାମ ଏସ୍‌ପି ହରିଶ ବିଶି କବିସୂର୍ଯ୍ୟନଗର ଥାନାକୁ ଯାଇ ତଦନ୍ତ କରିବାପରେ ଏକ ରିପୋର୍ଟ ବୁଧବାର ଏନ୍‌ଏଚ୍‌ଆର୍‌ସିକୁ ପ୍ରଦାନ କରିଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହି ମାମଲାରେ ସମ୍ପୃକ୍ତ ଥିବା କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ପରିବର୍ତ୍ତନ କରାଯାଇଛି। ମାମଲାରେ ଏଚ୍‌ଆର୍‌ପିସି ତଦନ୍ତ କରିବ। ଗଞ୍ଜାମ ଏସ୍‌ପି କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିରେ ନୂଆ ପୁଲିସ୍ କର୍ମଚାରୀଙ୍କୁ ନିଯୋଜିତ କରିବା ପାଇଁ ପଦକ୍ଷେପ ନେବେ। ଟ୍ରେନି ଆଇପିଏସ୍ ନୀତିଶ କୁମାର ମିଶ୍ରଙ୍କ ସହ ଅନ୍ୟ ନିଲମ୍ବିତ ହୋଇଥିବା ପୁଲିସ୍ କର୍ମଚାରୀଙ୍କୁ ସୁଶାନ୍ତଙ୍କ ମୃତ୍ୟୁରେ ସେମାନଙ୍କ ଭୂମିକା କ'ଣ ରହିଥିଲା ସେନେଇ ତଦନ୍ତ କରାଯିବା ସହ ଥାନା ପରିସରରେ ଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ଭିଜିଆଲକୁ ମଧ୍ୟ ତଦନ୍ତ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଜି କହିଛନ୍ତି । ସେପଟେ ସୁଶାନ୍ତଙ୍କ ମୃତଦେହକୁ ଏମ୍‌କେସିଜି ମେଡିକାଲ୍‌ର



ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ସୁଦୀପା ଦାସଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ ବ୍ୟବଚ୍ଛେଦ କରିଥିଲେ। ବ୍ୟବଚ୍ଛେଦ ବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଛି। ଏହାର ନମୁନା ଭିସାରା ରାଜ୍ୟ ଫରେନ୍ସିକ ସାଇନ୍ସ ଲାବରେଟୋରୀକୁ ପଠାଇ ଦିଆଯାଇଛି। ରିପୋର୍ଟ ଆସିବାପରେ ସୁଶାନ୍ତଙ୍କ ମୃତ୍ୟୁ କିପରି ହେଲା ସ୍ପଷ୍ଟହେବ ବୋଲି ପ୍ରଫେସର ଦାସ କହିଛନ୍ତି । ସେପଟେ ମୃତ ସୁଶାନ୍ତଙ୍କ ଗାଁ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁବଳିଆ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଗାଁ ନିକଟରେ ଥିବା ଏକ ପଥର ଖାଦାନରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୁଲିସ୍ ସୁଶାନ୍ତଙ୍କୁ ଘରୁ ଥାନାକୁ ନେଇ ୭ଦିନ ରଖିଥିବା ବେଳେ ଶାରୀରିକ ନିର୍ଯାତନା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଘଟଣାର ପୁଲିସ୍ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଇଛି, ତଥାପି ମାମଲାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି।

# ପୁଣି ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,(ପିପିଏସ୍):**

ପୁଣି ବସ୍ ଭଡ଼ା ବଢ଼ାଇଲେ ରାଜ୍ୟ ସରକାର। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏଁ ବଢ଼ିଲା। ପୂର୍ବରୁ ଅର୍ଡିନାରୀ ବସ୍‌ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ପଇସାକୁ ବୃଦ୍ଧିପାଇଛି। ଏକ୍ସପ୍ରେସ୍ ବସ୍‌ଭଡ଼ା କିଲୋମିଟର ପିଛା ୯୪ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧିପାଇଛି। ଡିଲକ୍ସ ବସ୍‌ର ଭଡ଼ା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ପଇସା ବଢ଼ି ୧୩୫ପଇସାରେ ପହଞ୍ଚିଛି। ଏସି ଡିଲକ୍ସ ବସ୍‌ଭଡ଼ା ମଧ୍ୟ ବୃଦ୍ଧିପାଇଛି। ପୂର୍ବରୁ ଏହି ବର୍ଗର ବସ୍‌ସେବା ପାଇଁ ଯାତ୍ରୀମାନଙ୍କୁ



କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ। ଅର୍ଥାତ୍ ଏହି ବସ୍‌ର ଭଡ଼ା ମଧ୍ୟ କିମି ପିଛା ୪ ପଇସା ବଢ଼ିଛି। ସୁପର ଡିଲକ୍ସ ବସ୍‌ଭଡ଼ା କିଲୋମିଟର ପିଛା ୬ ପଇସା ବଢ଼ିଛି। ପୂର୍ବରୁ ଏହି ବର୍ଗର ବସ୍‌ରେ ଯାତ୍ରା କରିବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ସେମାନଙ୍କୁ କିମି ପିଛା ୨୫୩ ପଇସା ଦେବାକୁ ପଡ଼ିବ। ମେ' ୨୫ ତାରିଖରେ ପେଟ୍ରୋଲର ଲିଟର ପିଛା ଦାମ ୨.୬୧ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୨.୭୧ଟଙ୍କା ବଢ଼ିଥିଲା। ଏହାକୁ ମିଶାଇ ୧୧ଦିନ ଭିତରେ ତୈଳ ଦର ୪ର୍ଥ ଥର ପାଇଁ ବୃଦ୍ଧି ପାଇଛି।




# ଆଜିର ରାଶିଫଳ

**ମେଷ** - ନ୍ୟାୟମାର୍ଗ ଓ ମିଷ୍ଟ ବଚନକୁ ନିଜର ଭୂଷଣଭାବି କର୍ମ କରିଲେ ଲାଭବାନ ହେବେ। ଧାତୁ ପଦାର୍ଥ କ୍ରୟ ବିକ୍ରୟ କରୁଥିବା ବ୍ୟବସାୟୀମାନେ ଲାଭବାନ ହେବେ। ରାଜନୀତି କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ମିଳିବ।

**ବୃଷ** - ଶତୃ, ରୋଗ, ଋଣରୁ ମୁକ୍ତି ହେବାର ବାଟ ଖୋଲି ଯିବ। ପୂର୍ବ ଶତ୍ରୁମାନେ ପଛଘୁଞ୍ଚା ଦେବେ ଓ ବିଦେଶ ଯାତ୍ରାରେ ସଫଳ ହେବେ। ନେଇଥିବା ଲୋକ କିମ୍ବା ଦେଉନଥିବା ଲୋକଙ୍କ ଠାରୁ ସମସ୍ତ ଅର୍ଥପ୍ରାପ୍ତି ହୋଇଯିବ।

**ମିଥୁନ** - ଧନଧାନ୍ୟ, ଗୋସଂପଦ, ଭୂମି, ବସ୍ତ୍ରଭୂଷଣ, ବାହାନାଦି ପ୍ରାପ୍ତି ହେବାର ଯୋଗ ଅଛି। ଜାଗା, ଜମି, ଗୃହ ସମ୍ବନ୍ଧୀୟ ସମସ୍ୟା ସହଜରେ ସମାଧାନ ହେବ। ନୂତନ ବ୍ୟବସାୟ ଆରମ୍ଭ କରି ପାରିବେ ଓ ବ୍ୟବସାୟ କ୍ଷେତ୍ରରେ ଆଶାତୀତ ଲାଭ ପାଇବେ।

**କର୍କଟ** - ସୁସ୍ଥ ମାନସିକତା ରକ୍ଷାକରି ବିଦ୍ୟାକ୍ଷେତ୍ରରେ ଆଶାତୀତ ଲାଭ ପାଇବେ। କୌଣସି ସହୃଦୟ ବ୍ୟକ୍ତିଙ୍କଠାରୁ ସହାୟତା ପାଇ ଘରୋଇ ସମସ୍ୟାର ସମାଧାନ ହେବ।

**ସିଂହ** - ଅନେକ ସମସ୍ୟାର ସମାଧାନ ହେବ। ପରିବାରରେ ହସ ଖୁସିରେ ବାତାବରଣ ଖେଳିଯିବ। ଛାତ୍ର ଛାତ୍ରୀମାନେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ପାଇବେ।

**କନ୍ୟା** - ସୁଖ ସମୃଦ୍ଧି ବୃଦ୍ଧିହେବା ସହ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସ୍ୱାସ୍ଥ୍ୟରେ ଆଶାଜନକ ପରିବର୍ତ୍ତନ ଦେଖାଦେବ ଓ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବ ଓ ଲାଭ ମିଳିବ।

**ତୁଳା** - ଶିକ୍ଷାର୍ଥୀମାନେ ଉଚ୍ଚଶିକ୍ଷା ପାଇବାର ସୁଯୋଗ ପାଇବେ। ସାମୁହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ। ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ।

**ବିଛା** - ଶତୃନାଶ, ଋଣନାଶ ଓ ପୁରାତନ ରୋଗପୀଡ଼ାର ଉପଶମ ହେବ। ଭାଗିଦାରମାନେ ପାଦ ସହିତ ପାଦ ମିଶେଇ ବେପାର ବୃଦ୍ଧି କରିବେ। ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ।

**ଧନୁ** - ସମସ୍ତ ଦୁଃଶ୍ଚିନ୍ତା ଦୂର ହେବା ସହ ପୁରାତନ ରୋଗର ଉପଶମ ହୋଇ ଶରୀର ସୁସ୍ଥ ରହିବ। ଉଚ୍ଚ ସମ୍ଭାବନାର ଆଶା ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ। ଶୁଭ ସମାଚାର ଶୁଣି ଆନନ୍ଦିତ ହେବେ।

**ମକର** - ବନ୍ଧୁ ମିତ୍ରଙ୍କଠାରୁ ଉପହାର ପ୍ରାପ୍ତି ହେବ ଓ ଦାମ୍ପତ୍ୟ ସୁଖରେ ଆନନ୍ଦିତ ହେବେ। ବ୍ୟବସାୟରେ ଉତ୍ତମ ରୋଜଗାର ହୋଇ ଆର୍ଥିକସ୍ଥିତି ସନ୍ତୋଷପ୍ରଦ ହେବ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଉଚିତ୍।

**କୁମ୍ଭ** - ସାଧାରଣ ବ୍ୟକ୍ତି ବିଶେଷଙ୍କଠାରୁ ବିଶେଷ ଲାଭବାନ ହେବେ। ରାଜନୀତି, ସଂଗଠନ, ସଭାସମିତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢେଇବ। ବ୍ୟବସାୟରେ ଉତ୍ତମ ରୋଜଗାର ହୋଇ ଆର୍ଥିକସ୍ଥିତି ସନ୍ତୋଷପ୍ରଦ ହେବ।

**ମୀନ** - ଶାରିରୀକ ସୁସ୍ଥତା ଦେଖା ଦେବା ସହ ହରାଇ ଥିବା ଧନ ପ୍ରାପ୍ତି ହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ ଓ କାରବାର ସ୍ଥିତିରେ ସୁଧାର ଆସିବ।

# ସୋରିଷ ମାଛ ଫ୍ରାଏ

**ଆବଶ୍ୟକ ସାମଗ୍ରୀ -** ମାଛ, ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା,ଗୋଟା ଧନିଆ, ଦହି, ଲୁଣ, ହଳଦିଗୁଣ୍ଡ, ତେଲ।

**ପ୍ରସ୍ତୁତି ପ୍ରଣାଳୀ -** ପ୍ରଥମେ ବଜାରରୁ ବଡ଼ ମାଛ କିଣି ଆଣନ୍ତୁ। ପରେ ତାକୁ ଭଲ ଭାବରେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ସୋରିଷ ମାଛ ଫ୍ରାଏ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ସୋରିଷ, ରସୁଣ, କଞ୍ଚା ଲଙ୍କା, ଜିରା,ଗୋଟା ଧନିଆ ଏକାଠି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ ବଟା ମସଲାରେ ଅଳ୍ପ ଦହି ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ସେଥିରେ ସ୍ୱାଦ ଅନୁସାରେ ଲୁଣ, ହଳଦିଗୁଣ୍ଡ ପକାଇ ଭଲ ଭାବରେ ଗୋଳାନ୍ତୁ। ପରେ ଧୋଇ ରଖିଥିବା ମାଛକୁ ମସଲାରେ ପକାଇ ଅଧଘଣ୍ଟା ପାଇଁ ଢାଙ୍କି ରଖନ୍ତୁ । ପରେ ଗ୍ୟାସରେ କରେଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ସେଥିରେ ମସଲା ଗୋଳା ମାଛକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ। ମାଛର ଦୁଇ ପାଖ ଲାଲ ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଆଜି ପଖାଳ ଦିବସରେ ସୋରିଷ ମାଛ ଫ୍ରାଏକୁ ପଖାଳ ସହ ଖାଆନ୍ତୁ।



# ରାତିରେ ପୋଷାକ ସଫା କରୁଛନ୍ତି କି...

ରାତିରେ ପୋଷାକ ଧୋଇବା ଠିକ୍ ନା ଭୁଲ୍ ? ଏହି ପ୍ରଶ୍ନ ଆଜିକାଲି ସମୟରେ ବଡ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି। କାରଣ ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ବ୍ୟସ୍ତ ରହୁଛନ୍ତି। ଅଫିସ୍ କାମ ଏବଂ ପାରିବାରିକ ଦାୟିତ୍ୱ ମଧ୍ୟରେ ସମୟ ଚାଲିଯିବା ପରି ମନେହୁଏ। ତେଣୁ ଅନେକ ଲୋକ ରାତିରେ ପୋଷାକ ଧୋଇବାକୁ ପ୍ରାଥମିକତା ଦିଅନ୍ତି। କିନ୍ତୁ ବାସ୍ତୁ ଶାସ୍ତ୍ର ଅନୁସାରେ, ରାତିରେ ପୋଷାକ ଧୋଇବା ଅଶୁଭ ବୋଲି କୁହାଯାଏ। ଏପରି କରିବା ଦ୍ୱାରା ଘରର ଶକ୍ତି ପ୍ରଭାବିତ ହୁଏ ଏବଂ ସବୁ ସୁଖ-ସମୃଦ୍ଧି ନଷ୍ଟ ହୋଇଯାଏ।

**ବାସ୍ତୁ ଶାସ୍ତ୍ର କ'ଣ କୁହେ:**

ବାସ୍ତୁ ଶାସ୍ତ୍ରରେ ରାତିକୁ ନକାରାତ୍ମକ ଶକ୍ତିର ସମୟ ଭାବରେ ବିବେଚନା କରାଯାଏ। ଏହି ସମୟରେ ପରିବେଶରେ ନକାରାତ୍ମକ ଶକ୍ତି ଅଧିକ ସକ୍ରିୟ ଥାଏ। ଏହି ସମୟରେ ପୋଷାକ ଧୋଇବା ଏବଂ ଶୁଖାଇବା ଦ୍ୱାରା ନକାରାତ୍ମକ ଶକ୍ତି ପୋଷାକ ଉପରେ ପ୍ରଭାବ ପକାଇପାରେ, ଯାହା ପିନ୍ଧୁଥିବା ବ୍ୟକ୍ତିଙ୍କ ପାଇଁ ସମସ୍ୟା ସୃଷ୍ଟିକରେ। ତେଣୁ, ଦିନରେ ପୋଷାକ ଧୋଇବା ଅଧିକ ଶୁଭ ବୋଲି ବିବେଚନା କରାଯାଏ।

**ରାତିରେ ପୋଷାକ ଧୋଇବାରେ ଅସୁବିଧା:**

ସୂର୍ଯ୍ୟାସ୍ତ ପରେ ପୋଷାକ ଧୋଇ ଖୋଲା ସ୍ଥାନରେ ଶୁଖାଇବା ଏକ ବାସ୍ତୁ ଦୋଷ ଭାବରେ ବିବେଚନା କରାଯାଏ। ଏହା ଘରର ସମୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ହଠାତ୍ ଆର୍ଥିକ କ୍ଷତି ଏବଂ ମାନସିକ ଅଶାନ୍ତି ସୃଷ୍ଟିକରିପାରେ। ରାତିରେ ଅଧିକ ଆର୍ଦ୍ରତା ଥାଏ, ଯାହା ପୋଷାକକୁ ସମ୍ପୂର୍ଣ୍ଣ ଶୁଖିବାକୁ ବାଧା ଦିଏ। ଏହା ଜୀବାଣୁ ଏବଂ କବକ ବୃଦ୍ଧି ପାଇବାର ସମ୍ଭାବନା ମଧ୍ୟ ବୃଦ୍ଧି କରେ, ଯାହା ଚର୍ମ ରୋଗର କାରଣ ହୋଇପାରେ। ତେଣୁ, ସୂର୍ଯ୍ୟାସ୍ତ ପରେ ଖୋଲା ସ୍ଥାନରେ ପୋଷାକ ଧୋଇବା ଏବଂ ଶୁଖାଇବାରୁ ଦୂରେଇ ରହିବା ଭଲ।

**କପଡା ଧୋଇବା ପାଇଁ ସର୍ବୋତ୍ତମ ସମୟ:**

ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ରରେ, ଦିନକୁ କପଡା ଧୋଇବା ଏବଂ ଶୁଖାଇବା ପାଇଁ ସର୍ବୋତ୍ତମ ସମୟ ଭାବରେ ବିବେଚନା କରାଯାଏ। ସକାଳେ ବାତାବରଣ ଅଧିକ ସକାରାତ୍ମକ ହୋଇଥାଏ। ସୂର୍ଯ୍ୟକିରଣ କପଡାକୁ ପରିଷ୍କାର ଏବଂ ଶକ୍ତିଶାଳୀ କରିଥାଏ, ଯାହା ଏହା ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଦିନରେ ଶୁଖାଯାଉଥିବା କପଡା ଉପରେ ମଧ୍ୟ ଜୀବାଣୁ ଏବଂ କୀଟାଣୁର ପ୍ରଭାବ ପଡେ ନାହିଁ।




# ମୟୂରପୁଚ୍ଛ ବଦଳାଇଦେବ ଭାଗ୍ୟ

ମୟୂରପୁଚ୍ଛକୁ ନେଇବାସ୍ତୁ ଉପଚାର ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ମୟୂରପୁଚ୍ଛକୁ ସୌଭାଗ୍ୟର ପ୍ରତୀକ ବୋଲି ବି କୁହାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହାକୁ ଘରେ ରଖିଲେ ଅନେକ ବାସ୍ତୁ ସମସ୍ୟା ମଧ ଠିକ୍ ହୋଇଯାଏ ବୋଲି ବିଶ୍ୱାସ କରାଯାଏ।

ଘରର ଦକ୍ଷିଣ-ପୂର୍ବ ଦିଗରେ ମୟୂରପୁଚ୍ଛ ରଖିବା ସବୁଠୁ ଉତ୍ତମ ହୋଇଥାଏ। ଏହା ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରିବାରେ ସାହାଯ୍ୟ କରିଥାଏ।

କିନ୍ତୁ ଘରେ ରାହୁ ଦୋଷ ଥିଲେ ୮ଟି ମୟୂରପୁଚ୍ଛକୁ ଘରର ଉତ୍ତର-ପୂର୍ବ ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଧ୍ୟାନଦେବେ ଯିବା ଆସିବା ସମୟରେ ଯେମିତି ସମସ୍ତଙ୍କର ଦୃଷ୍ଟି ଏହି କବାଟ ଉପରେ ପଡୁଥିବ।

ଘରେ ଟଙ୍କା ପଇସାର ଅଭାବ ଦେଖାଯାଉଥିଲେ, ଶୁଭଦିନ ଦେଖି ଘରକୁ ମୟୂରପୁଚ୍ଛ କିଣିଆଣି ଠାକୁର ଘରେ ରଖିଦେବେ। ଆଉ କିଣିଲାବେଳେ ପ୍ରଭୁ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ କୁଆଡ଼େ ଧନର ଅଭାବ ରହେନାହିଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।



ଉତ୍ତର ଦିଗର ସ୍ୱାମୀ ହେଲେ କୁବେର। ତେଣୁ ଏହି ଦିଗରେ ଟ୍ରେଜେରି ହେଉ ଅବା ଆଲମିରା ରଖିବା ଶୁଭ। କିନ୍ତୁ ଯଦି ଭୁଲ୍ୱଶତଃ ଘରର ଦକ୍ଷିଣ ଦିଗରେ ଏହା ରହିଯାଇଛି, ତା'ହେଲେ ଆଲମିରା ହେଉ ଅବା ଟ୍ରେଜେରି ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେଲେ; ଘରେ ଧନର ଅଭାବ ଦେଖାଯାଇ ନଥାଏ ବୋଲି ବିଶ୍ୱାସ ରହିଛି। ପିଲାଙ୍କ ଷ୍ଟଡି ରୁମ୍ ହେଉ ଅଥବା ସେମାନଙ୍କ ପଢା ଟେବୁଲ୍ ଉପରେ ମୟୂରପୁଚ୍ଛଟିଏ ରଖିଦେଲେ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇବା ସହ ପାଠ ଭଲ ହୋଇଥାଏ।

# କାହାକୁ ଡେଟ୍ କରୁଛନ୍ତି କ୍ରିଷ୍ଟଲ ?



ଟେଲି ଦୁନିଆର ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କ୍ରିଷ୍ଟଲ ଡିସୁଜା । ଆଜିକାଲି ସେ ନିଜ ଲଭ ଲାଇଫକୁ ନେଇ ଚର୍ଚ୍ଚାରେ ଅଛନ୍ତି। କିଛି ଦିନ ତଳେ କ୍ରିଷ୍ଟଲଙ୍କ ଦୁବାଇର ଅରବପତି ବିଜନେସମ୍ୟାନଙ୍କ ସହ କୋଜି ଭିଡିଓ ଭାଇରାଲ ହୋଇଥିଲା । ଯାହା ପରେ ବି;ଜନେସମ୍ୟାନଙ୍କ ସହ ତାଙ୍କ ଡେଟିଂ ଚର୍ଚ୍ଚା ଜୋର ଧରିଥିଲା। ଅଭିନେତ୍ରୀ ଏବେ ନିଜ ପ୍ରେମିକଙ୍କ ସହ ରୋମାଣ୍ଟିକ ଫଟୋ ସେୟାର କରିଛନ୍ତି। ଯାହା ସୋସିଆଲ ମିଡିଆରେ ହଲଚଲ ସୃଷ୍ଟି କରିଛି । ଅଭିନେତ୍ରୀ କ୍ରିଷ୍ଟଲ ଡିସୁଜା ଏବେ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ପ୍ରେମିକଙ୍କ ଏକ ମିଷ୍ଟେରିୟସ୍ ଫଟୋ ସେୟାର କରିଛନ୍ତି। ଫଟୋରେ ପ୍ରେମିକଙ୍କ ବାହୁବନ୍ଧନରେ ଦେଖାଯାଉଛନ୍ତି ଅଭିନେତ୍ରୀ। ସେ ରୋମାଣ୍ଟିକ ଅନ୍ଦାଜରେ ପ୍ରେମିକଙ୍କ ହାତ ଧରିଥିବା ନଜର ଆସିଛନ୍ତି। ଉଭୟ ବହୁତ ଖୁସି ଥିବା ଲାଗୁଛନ୍ତି। ହେଲେ ଫଟୋରେ କେବଳ ଅଭିନେତ୍ରୀଙ୍କ ସ୍ୱପ୍ନର ରାଜକୁମାରଙ୍କ ହାତ ହିଁ ଦେଖାଯାଉଛି। କିନ୍ତୁ ସେ ପ୍ରେମିକଙ୍କ ମୁହଁ ଦେଖାଉନାହାନ୍ତି । ପ୍ରେମିକ ସହ କ୍ରିଷ୍ଟଲଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅଭିନେତ୍ରୀଙ୍କ ପୋଷ୍ଟ ଦେଖି ଫ୍ୟାନମାନଙ୍କର ବିଶ୍ୱାସ, ଅଭିନେତ୍ରୀ ନିଜ ରିଲେସନଶିପକୁ କନଫର୍ମ କରିଦେଇଛନ୍ତି। ହେଲେ ତାଙ୍କ ସ୍ୱପ୍ନର ରାଜକୁମାର କିଏ ? ଏହା ଉପରେ ସସପେନ୍ସ ଜାରି ଅଛି।

# ବିଶ୍ୱ ସାଇକେଲ୍ ଦିବସ

ସୁସ୍ଥ ରହିବା ପାଇଁ ସାଇକେଲ ଚଳାଇବା ସବୁଠାରୁ ଏକ ଉପେଭାଗ୍ୟ ଉପାୟ। ଏହା ଉଭୟ ଶାରୀରିକ ଏବଂ ମାନସିକ ସ୍ତରେର ସକ୍ରିୟ ରେଖ। ଡଐଡ଼ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଅନୁଯାୟୀ, ଯଦି ଜେଣ ପ୍ରତିଦିନ ୩୦ ମିନିଟ୍ ପାଇଁ ସାଇେକଲ ଚଳାନ୍ତି ତେେବ ଏହା ଓଜନ ହ୍ରାସ କରିବାେର, କେୋଲେଷ୍ଟ୍ରାଲ୍ ହ୍ରାସ କରିବାେର ଏବଂ େଗାଡକୁ ମଜବୁତ୍ କରିବାେର ସାହାଯ୍ୟ କରିବ। ଏହା ବ୍ୟତୀତ ସାଇେକଲ




ଚଳାଇବାେର ଆହୁରି ଅେନକ ଲାଭ ମଧ୍ୟ ଅଛି। ଏହା ଜାଣିବା େପର ଆପଣ ନିଶ୍ଚିତ ଭାେବର ପୁନର୍ବାର ସାଇେକଲ ଚଳାଇବା ଆରମ୍ଭ କରେିଦେବ। ସାଇେକଲ୍ ଚଳାଇବାର ଏହି ଉପକାରିତାଙ୍କୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୩ ତାରିେଖର 'ବିଶ୍ୱ ସାଇେକଲ୍ ଦିବସ' ପାଳନ କରାଯାଏ। ଏହାର ଉେଦ୍ଦଶ୍ୟ ହେଉଛି ସାଇେକଲ୍ର ଗୁରୁତ୍ୱକୁ ବର୍ଣ୍ଣନା କରି ସ୍ୱାସ୍ଥ୍ୟ ଏବଂ ପରେିବଶର ଉପକାରିତା ବିଷୟେର ଲୋକଙ୍କୁ ଅବଗତ କରାଇବା। ମିଳିତ ଜାତିସଂଘର ସାଧାରଣ ସଭା ଜନ ସେଚତନତା ସୃଷ୍ଟି କରିବା ପାଇଁ ୨୦୧୮ର 'ବିଶ୍ୱ ସାଇେକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ଚଳିତ ବର୍ଷ ସପ୍ତମ 'ବିଶ୍ୱ ସାଇେକଲ ଦିବସ' ପାଳନ କରାଯାଉଛି। ୦୩ ଜୁନ୍ ୨୦୧୮ ରେ ନ୍ୟୁୟକର୍ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା 'ବିଶ୍ୱ ସାଇେକଲ ଦିବସ' ଆନୁଷ୍ଠାନିକ ଭାେବ ଆରମ୍ଭ େହାଇଥିଲା। ଏହି କାର୍ଯ୍ୟକ୍ରମେର ଜାତିସଂଘର ଅଧିକାରୀ, ଆଥେଲଟ୍ଙ୍କ ସେମତ ବହୁ ସଂଖ୍ୟାେର ଲୋକ େଯାଗ ଦେଇଥିେଲ।

# ପାଦରେ ସବୁବେଳେ ଯନ୍ତ୍ରଣା ରହୁଛି କି ?

ପାଦରେ ସବୁ ବେଳେ ଯନ୍ତ୍ରଣା ରହୁଛି କି ? ଯଦି ରହୁଛି ଏହାକୁ କେବଳ ଥକ୍କାପଣ ଭାବି ଅଣଦେଖା କରନ୍ତୁନି । ଏହା ହୁଏତ ଭିଟାମିନ୍-କେ ଅଭାବର ଲକ୍ଷଣ ହୋଇଥାଇପାରେ । ଏମିତି କେତେକ ଲକ୍ଷଣ ରହିଛି, ଯାହା ଭିଟାମିନ୍-କେ'ର ଅଭାବରୁ ଦେଖା ଦେଇଥାଏ । ଯାହାର ଅଭାବକୁ ଦୂର କରିବା ଦ୍ୱାରା ହିଁ ସମସ୍ୟା ଆପେ ଆପେ କମିଚାଲେ । ସାରାଦିନ କାମ କରିବା ପରେ ଥକ୍କାପଣ ଯୋଗୁ ଯନ୍ତ୍ରଣା ଅନୁଭବ ହୋଇଥାଏ, ଯାହାକୁ ଆମେ ସାଧାରଣ ଭାବି ଅଣଦେଖା କରି ଦେଇଥାଉ । କିନ୍ତୁ କେବେ ଭାବିଛନ୍ତି କି ଏହା କୌଣସି ଗୁରୁତର ସମସ୍ୟା ହୋଇଥାଇପାରେ । ଚାଲନ୍ତୁ ଦେଖିବା ଏମିତି କେତେକ ଲକ୍ଷଣ ଯାହା ଜଣାଇଥାଏ ଯେ ଆପଣଙ୍କ ଶରୀରରେ ଭିଟାମିନ୍-କେ'ର ଅଭାବ ରହିଛି ।




ଯେପରିକି ସାମାନ୍ୟ ଆଘାତରେ ଅଧିକ ରକ୍ତ ସ୍ରାବ- ଯଦି କୌଣସି ବ୍ୟକ୍ତିଠାରେ ସାମାନ୍ୟ ଆଘାତ ଲାଗିବା ପରେ ମାତ୍ରାଧିକ ରକ୍ତ ବାହାରୁଥାଏ, ତେବେ ଏହା ଭିଟାମିନ୍-କେ' ଅଭାବର ସବୁଠାରୁ ବଡ଼ ଲକ୍ଷଣ । କାରଣ ଏହି ଭିଟାମିନ୍ ରକ୍ତକୁ ଗାଢା କରିବାରେ ସହାୟତା କରିଥାଏ । ଏହାର ଅଭାବରୁ ରକ୍ତ ପତଳା ହେବା ସହ ସାମାନ୍ୟ ଆଘାତରେ ମାତ୍ରାଧିକ ରକ୍ତ ବାହାରିଥାଏ ।

ମାଢି ଓ ନାକରୁ ରକ୍ତ ବାହାରିବା- ବିନା କାରଣରେ ମାଢି ଓ ନାକରୁ ରକ୍ତ ବାହାରିବା ହେଉଛି ଭିଟାମିନ୍-କେ' ଅଭାବର ଲକ୍ଷଣ । ଏହି ଭିଟାମିନ୍ର ଅଭାବ ଯୋଗୁ ଶରୀରରେ ରକ୍ତ ପତଳା ହୋଇପଡେ ।

**ଶରୀରରେ ନୀଳ ଓ ବାଇଗଣୀ-** ଚିହ୍ନ ଦେଖାଦେବା ଯଦି ବିନା ଆଘାତରେ ଶରୀରରେ ନୀଳ ଓ ବାଇଗଣୀ ଚିହ୍ନ ଦେଖା ଦେଉଛି, ତେବେ ଏହା ଭିଟାମିନ୍-କେ' ଅଭାବର ଲକ୍ଷଣ । ଏହି ଚିହ୍ନ ସେତେବେଳେ ଆସିଥାଏ, ଯେତେବେଳେ ରକ୍ତ ଛୋଟ ଛୋଟ ଶିରାପ୍ରଶିରାରେ ପ୍ରବାହିତ ହୋଇଥାଏ । ହାଡ଼ରେ ଯନ୍ତ୍ରଣା ଓ ଦୁର୍ବଳ ହେବା- ଭିଟାମିନ୍-କେ'ହାଡ଼କୁ ମଜଭୁତ କରୁଥିବା ପ୍ରୋଟିନ୍କୁ ସକ୍ରିୟ ଭାବେ ସହଯୋଗ କରିଥାଏ । ଏହାର ଅଭାବରେ ହାଡ଼ ଦୁର୍ବଳ ହେବା ସହ ଗଣ୍ଠି ଓ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପରିସ୍ରାରେ ରକ୍ତ ପଡିବା- ଝାଡ଼ା କିମ୍ବା ପରିସ୍ରାରେ ରକ୍ତ ପଡିଲେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ । ଏହା ଭିଟାମିନକ୍କେ ଅଭାବରୁ ହୋଇଥାଏ । କାରଣ ବ୍ୟକ୍ତିର ଅଜଣତାରେ ଶରୀର ଭିତରେ କୌଣସି ଅଙ୍ଗରୁ ଅଚାନକ ରକ୍ତ ବାହାରିଥାଏ । ଉପରୋକ୍ତ କୌଣସି ଲକ୍ଷଣ ଅନୁଭବ ହେଉଥିଲେ, ଡାକ୍ତରଙ୍କ ସହ ପରାମର୍ଶ କରି ଭିଟାମିନ-କେ' ପରୀକ୍ଷା କରାଇ ନିଅନ୍ତୁ । ଡାଏଟ୍ରେ ଏହି ଅଭାବକୁ ଦୂର କରିବା ପାଇଁ ସବୁଜ ପନିପରିବା, ବ୍ରୋକୋଲୀ, ସୋୟାବିନ୍ ଓ ଅଣ୍ଡା ପରି ଖାଦ୍ୟକୁ ସାମିଲ୍ କରନ୍ତୁ ।

# ଫ୍ରୋଜେନ୍ ଖାଦ୍ୟ ଖାଇବାର କ୍ଷତି



**ପ୍ରିଜରଭେଟିଭ୍ ବ୍ୟବହାର:** ଫ୍ରୋଜେନ୍ ଖାଦ୍ୟରେ ବ୍ଲୁ- ୧ ଏବଂ ରେଡ୍-୩ ଭଳି ବିଭିନ୍ନ ପ୍ରକାରର ପ୍ରିଜରଭେଟିଭ୍ ଏବଂ ମିଶ୍ରଣ ବ୍ୟବହାର କରାଯାଏ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଗ୍ୟାସ୍, ଏସିଡିଟି ଏବଂ ଅନ୍ୟାନ୍ୟ ପାଚନ ସମସ୍ୟା ବୃଦ୍ଧି କରିପାରେ।

ସୋଡିୟମ୍ ଏବଂ ଚିନିର ଅଧିକ ମାତ୍ରା: ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ସୋଡିୟମ୍ ଏବଂ ଚିନିର ପରିମାଣ ଅଧିକ ଥାଏ, ଯାହା ଶରୀରରେ ଫୁଲିବା ଏବଂ ମେଦବହୁଳତା ସୃଷ୍ଟି କରିପାରେ।

**ପୋଷକ ତତ୍ତ୍ୱର କ୍ଷତି:** କିଛି ପୋଷକ ତତ୍ତ୍ୱ ଥଣ୍ଡା ହେବା ପ୍ରକ୍ରିୟାରେ ନଷ୍ଟ ହୋଇପାରେ, ଯାହା ସେମାନଙ୍କର ପୋଷକ ମୂଲ୍ୟ ହ୍ରାସ କରିଥାଏ। ଏହା ବ୍ୟତୀତ, ଯଦି ସଠିକ୍ ଭାବରେ ସଂରକ୍ଷଣ ନ କରାଯାଏ, ତେବେ ସେଗୁଡ଼ିକ ପେଟ ସଂକ୍ରମଣର କାରଣ ମଧ ହୋଇପାରେ।





# ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ....



ତିନିରଥ ଦଣ୍ଡା ଫ୍ରେମ୍‌ର ନମ୍ବରିଂ କାର୍ଯ୍ୟ ଶେଷ

# ରାଜ୍ୟପାଳଙ୍କୁ ଭେଟିଲେ ଓଏଫ୍‌ଏସ, ଓଟିଆଣ୍ଡଏଏସ କ୍ୟାଡର ଶିକ୍ଷାନବୀସ ଅଧିକାରୀ

ଭୁବନେଶ୍ୱର,(ପିପିଏସ୍): କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ପ୍ରାଞ୍ଜଳ ଭାବେ ବୁଝି ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଧ୍ୟାନ ଦେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ୨୦୨୩ ବ୍ୟାଚର ଓଡିଶା ଅର୍ଥ ସେବା (ଓଏଫଏସ) ଏବଂ ଓଡିଶା କର ଏବଂ ହିସାବ ସେବା (ଓଟିଆଣ୍ଡଏଏସ) ର ଶିକ୍ଷାନବୀଶ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନ (ଏମଡିଆରଏଏଫଏମ)ର ୨୦୨୩ ବ୍ୟାଚର ଓଏଫଏସ ଏବଂ ଓଟିଆଣ୍ଡଏଏସ ଶିକ୍ଷାନବୀଶଙ୍କ ସହିତ ଭାବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଶକ୍ତି ଆମଦାନୀ ଉପରେ ନିର୍ଭରଶୀଳତାରୁ ଉପୁଜିଥିବା ବିଦେଶୀ ମୁଦ୍ରା ଚାପ ସମେତ ଦେଖା ଯାଇଥିବା ଜାତୀୟ ଆର୍ଥିକ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

ରାଜ୍ୟପାଳ କହିଥିଲେ ଯେ ଶିକ୍ଷାନବୀଶ ଅଧିକାରୀମାନେ ନୀତିଗତ ଉଦ୍ଦେଶ୍ୟ ଏବଂ ତୃଣମୂଳସ୍ତରୀୟ ବାସ୍ତବତା ଉଭୟକୁ ବୁଝିବା ଉଚିତ ଯାହା ଦ୍ୱାରା ସରକାରୀ ଯୋଜନାଗୁଡ଼ିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯାଇପାରିବ ଏବଂ ଏହାର ଲାଭ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଖରେ ପହଂଚିପାରିବ। ଭୂରାଜନୈତିକ ଉତେଜନାର ପ୍ରଭାବ ଜନିତ ବର୍ତମାନର ଆର୍ଥିକ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ପଶ୍ଚିମ ଏସିଆରୁ ଅଶୋଧିତ ତୈଳ ଆମଦାନୀ ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଆଲୋକପାତ କରିଥିଲେ। ଭାରତ ଅଶୋଧିତ ତୈଳ ଆମଦାନୀ ଉପରେ ପ୍ରଚୁର ପରିମାଣର ବୈଦେଶିକ ମୁଦ୍ରା ଖର୍ଚ୍ଚ କରେ ଓ ଏ ଦିଗରେ ସାଧାରଣ ଆଚରଣରେ ଛୋଟ ପରିବର୍ତନ ମଧ୍ୟ ଅର୍ଥନୀତି ଉପରେ ଚାପ ହ୍ରାସ କରିବାରେ ସାହାଯ୍ୟ କରିପାରିବ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଥିଲେ।

ପେଟ୍ରୋଲ ଏବଂ ଡିଜେଲ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଆହ୍ୱାନ ଜଣାଇବା ସହିତ କ୍ରମଶଃ ଭାବେ ବୈଦ୍ୟୁତିକ ଯାନବାହନ ବ୍ୟବହାରକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ରାଜ୍ୟପାଳଙ୍କ କାରକେଡରେ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ଧରି ବୈଦ୍ୟୁତିକ ଯାନବାହନ ବ୍ୟବହୃତ ହେଉଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଏବଂ ଇଭି ଚାର୍ଜିଂ ବ୍ୟବସ୍ଥାକୁ ସମର୍ଥନ କରିବା ପାଇଁ ଛାତ ଉପରେ ସୌର ପ୍ରଣାଳୀର ସମ୍ଭାବନାକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ବୈଦ୍ୟୁତିକ ଗତିଶୀଳତାର ଅଭିବୃଦ୍ଧି ସ୍ୱଚ୍ଛ ଶକ୍ତି ଉତ୍ପାଦନ ସହିତ ସମନ୍ୱୟରେ ଯିବା ଉଚିତ।

କିଛି ଇଚ୍ଛାଧିନ ଖର୍ଚ୍ଚ ଅଭ୍ୟାସରେ ମିତବ୍ୟୟିତା ଅବଲମ୍ବନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ସୁନା କ୍ରୟକୁ ସ୍ଥଗିତ ରଖିବା ଏବଂ କିଛି ସମୟ ପାଇଁ ବିଦେଶ ଯାତ୍ରା ହ୍ରାସ କରିବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମ ହୋଇପାରିବ। ଆର୍ଥିକ ସ୍ଥିରତାକୁ ସମର୍ଥନ କରିବା ପାଇଁ ବ୍ୟାପକ ପ୍ରୟାସର ଅଂଶ ଭାବରେ ରନ୍ଧନ ତୈଳ ବ୍ୟବହାର ହ୍ରାସ କରିବା ବିଷୟରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ ।

# ଜାପାନର ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ଭାରତର ପ୍ରତିନିଧିତ୍ୱ କଲେ ରାଜ୍ୟର ୪ ମେଧାବୀ ଛାତ୍ରଛାତ୍ରୀ

ଭୁବନେଶ୍ୱର,୦୨ ଜୁନ (ହି.ସ)- ଓଡ଼ିଶାର ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ପାଇଁ ଏକ ଗର୍ବର ବିଷୟ ଯେ, ରାଜ୍ୟର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ତଥା ସମଗ୍ର ଦେଶର ନାମ ରଖିଛନ୍ତି। ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ୨୦୨୬' ରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର ଚାରି ଜଣ ଛାତ୍ରଛାତ୍ରୀ ସଫଳତାର ସହ ନିଜର ଦଶଦିନିଆ (୨୧ ମେ ରୁ ୩୧ ମେ ୨୦୨୬) ଜାପାନ ଗସ୍ତ ସମାପ୍ତ କରି ଦେଶକୁ ଫେରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ସେହି ଗୌରବମୟ ଶିକ୍ଷାର୍ଥୀମାନେ ହେଲେ:

୧. ବିଷ୍ଣୁ ପ୍ରସାଦ ଜେନା – ବି.ଜେ.ବି ଜେ.ସ୍.ସ୍ , ଭୁବନେଶ୍ୱର (ଖୋର୍ଦ୍ଧା)

୨. ଶୁଭମ୍ ନାୟକ– ସରକାରୀ ହାଇସ୍କୁଲ, କୋରାପୁଟ

୩. ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ – ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓରିୟା, ତେଲକୋଇ (କେନ୍ଦୁଝର)

୪. ଆଦ୍ୟାଶା ପଣ୍ଡା– ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲି (ସମ୍ବଲପୁର)

ଏହି ଜାପାନ ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ଜାପାନର ପ୍ରସିଦ୍ଧ ସହର ତୁସୁକୁବା ଏବଂ ଆସାକୁସା ଭ୍ରମଣ କରିବା ସହ 'ଶିବାଉରା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'କାଶିଓ୍ୱା ଜୁନିୟର ଆଣ୍ଡ ସିନିୟର ହାଇସ୍କୁଲ'ରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଚୟନିତ ଛାତ୍ରଛାତ୍ରୀମାନଙ୍କୁ ଜାପାନର ଶୀର୍ଷ ସ୍ତରର ବିଶ୍ୱବିଦ୍ୟାଳୟ ଏବଂ ପ୍ରମୁଖ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ପରିଦର୍ଶନ କରିବାର ଏକ ଅପୂର୍ବ ସୁଯୋଗ ମିଳିଥିଲା। ଏହା ସହିତ ସେମାନେ ଜାପାନର ନୋବେଲ ବିଜେତା ଏବଂ ବିଶିଷ୍ଟ ପ୍ରଫେସରମାନଙ୍କ ବକ୍ତବ୍ୟ ଶୁଣିବା ସହ ଜାପାନର ସମୃଦ୍ଧ ସଂସ୍କୃତି ଓ ଆଧୁନିକ ବୈଜ୍ଞାନିକ ପ୍ରଗତିକୁ ଅତି ନିକଟରୁ ଅନୁଭବ କରିଛନ୍ତି।

'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ' ହେଉଛି ଏକ ସ୍ୱତନ୍ତ୍ର ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ପକ୍ଷରୁ ଏସୀୟ ଦେଶଗୁଡ଼ିକର ମେଧାବୀ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ଏକ ସପ୍ତାହ ପାଇଁ ଜାପାନ ଆମନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଭାରତରୁ ଦଶମ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୫ ବର୍ଷରୁ ଅଧିକ ବୟସର ଯୋଗ୍ୟ ଶିକ୍ଷାର୍ଥୀମାନଙ୍କୁ ଚୟନ କରାଯାଇ ଜାପାନର ଉନ୍ନତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସଂସ୍ପର୍ଶରେ ଆସିବାର ସୁଯୋଗ ପ୍ରଦାନ କରାଯାଏ। ଓଡ଼ିଶାର ଏହି ଚାରି ଜଣ ଛାତ୍ରଛାତ୍ରୀଙ୍କ ସଫଳତା ସମଗ୍ର ରାଜ୍ୟ ପାଇଁ ଗୌରବ ଆଣିଦେବା ସହ ଓଡ଼ିଶାର ଅନ୍ୟାନ୍ୟ ଯୁବ ଶିକ୍ଷାର୍ଥୀ ଓ ଭବିଷ୍ୟତର ବୈଜ୍ଞାନିକମାନଙ୍କୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ସହରୀ ଯୋଜନା କ୍ଷମତାର ସୁଦୃଢ଼ୀକରଣ ପାଇଁ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ

ଭୁବନେଶ୍ୱର,(ପିପିଏସ୍)-ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତାବ ଦିଆଯାଇଛି। ଏଥିରେ ବୃତିଗତ ନଗର ଯୋଜନାବିତ (ଟାଉନ୍ ପ୍ଲାନର) ମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ନଗର ଯୋଜନା ନିର୍ଦ୍ଦେଶକ ଶତ୍ରୁଘ୍ନ କର, ଆଇ.ଟି.ପି.ଆଇ. ଓଡ଼ିଶା ଶାଖାର ପ୍ରତିନିଧି ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଇ.ଟି.ପି.ଆଇ. ପକ୍ଷରୁ ରାଜ୍ୟରେ ଯୋଗ୍ୟତାସମ୍ପନ୍ନ ଟାଉନ୍ ପ୍ଲାନରଙ୍କର ବଡ଼ ଅଭାବ ଥିବା ନେଇ ଦର୍ଶାଯାଇଛି। ନୀତି ଆୟୋଗଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଯୋଜନା ମାନଦଣ୍ଡ ଅନୁଯାୟୀ, ଓଡ଼ିଶାର ସହରୀ ବିକାଶକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରାୟ ୪୭୦ ଜଣ ଟାଉନ୍ ପ୍ଲାନରଙ୍କ ଆବଶ୍ୟକତା ରହିଛି।

ଅନେକ ବିକାଶ ମଧ୍ୟ ନିୟମିତ ଟାଉନ୍ ପ୍ଲାନରଙ୍କ ବିନା କାର୍ଯ୍ୟ କରୁଛନ୍ତି, ଏବଂ ଅନେକ ସହରୀ ସ୍ଥାନୀୟ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ଓ ବୈଧାନିକ ଯୋଜନା କାର୍ଯ୍ୟ ପାଇଁ ଅସ୍ଥାୟୀ ଚୁକ୍ତିଭିତିକ ବ୍ୟବସ୍ଥା ଉପରେ ନିର୍ଭର କରୁଛନ୍ତି।

ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସହରୀ ଯୋଜନା ଏକ ଉଚ୍ଚ ବିଶେଷଜ୍ଞତା ସମ୍ପନ୍ନ ଓ ବହୁମୁଖୀ ବୃତି, ଯେଉଁଥିରେ ଜମି ବ୍ୟବହାର ଯୋଜନା, ଭିତିଭୂମି ବିକାଶ, ଗୃହ ନିର୍ମାଣ, ପରିବହନ, ପରିବେଶ ପରିଚାଳନା, ଅର୍ଥନୈତିକ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଅନ୍ତର୍ଭୁକ୍ତ। ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ ନବୀକରଣ, ଜମି ପୁଲିଂ ମାଧ୍ୟମରେ ନଗର ଯୋଜନା ସ୍କିମ୍ କାର୍ଯ୍ୟକାରୀ କରିବା, ଶସ୍ତା ଗୃହ ନିର୍ମାଣକୁ ସହଜ କରିବା, ପୁନଃବିକାଶ ଯୋଜନା ମାଧ୍ୟମରେ ପୁରୁଣା ସହରୀ ଅଞ୍ଚଳର କାୟାକଳ୍ପ କରିବା ଏବଂ ବ୍ୟବସାୟିକ ସହଜତା ବୃଦ୍ଧି ପାଇଁ ବିଲ୍ଡିଂ ଅନୁମୋଦନ ବ୍ୟବସ୍ଥାରେ ସୁଧାର ଆଣିବାରେ ବୃତିଗତ ପ୍ଲାନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି।

ଏହି ମାନବ ସମ୍ବଳ ଅଭାବକୁ ଦୂର କରିବା ପାଇଁ ଆଇ.ଟି.ପି.ଆଇ. ରାଜ୍ୟର ବିଭିନ୍ନ ସହରୀ ଉନ୍ନୟନ ସଂସ୍ଥାନରେ ୪୭୦ ଜଣ ଟାଉନ୍ ପ୍ଲାନରଙ୍କୁ ସୁଚିନ୍ତିତ ଭାବେ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବରେ ନଗର ଯୋଜନା ନିର୍ଦ୍ଦେଶାଳୟ, ବିକାଶ କର୍ତୃପକ୍ଷ, ପୌର ପ୍ରଶାସନ ନିର୍ଦ୍ଦେଶାଳୟ, ସୁଡା , ,ଉଟଉଇ ଏବଂ ସହରୀ ଭିତିଭୂମି ଓ ଆଂଚଳିକ ବିକାଶରେ ନିୟୋଜିତ ଅନ୍ୟାନ୍ୟ ପ୍ରମୁଖ ବିଭାଗ ତଥା ସରକାରୀ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ସାମିଲ ରହିଛି।

ବୈଠକରେ ଓଡ଼ିଶାରେ ବୃଦ୍ଧି ପାଉଥିବା ଯୋଜନା ବୃତିଧାରୀଙ୍କ ସଂଖ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ୨୦୧୫ ମସିହାରୁ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ବ୍ୟାଚେଲର୍ ଅଫ୍ ପ୍ଲାନିଂ ଏବଂ ମାଷ୍ଟର ଅଫ୍ ପ୍ଲାନିଂ ପାଠ୍ୟକ୍ରମ ଆରମ୍ଭ ହେବା ପରଠାରୁ ରାଜ୍ୟ ବହୁ ସଂଖ୍ୟାରେ ଯୋଗ୍ୟତାସମ୍ପନ୍ନ ପ୍ଲାନିଂ ଗ୍ରାଜୁଏଟ୍ ସୃଷ୍ଟି କରିଛି। ଏହା ବ୍ୟତୀତ ଆଇ.ଆଇ.ଟି , ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଚର ଏବଂ ସେପ୍ଟ ବିଶ୍ୱବିଦ୍ୟାଳୟ ଭଳି ଦେଶର ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନରୁ ଉତୀର୍ଣ୍ଣ ହୋଇଥିବା ପ୍ରତିଭାମାନେ ମଧ୍ୟ ଓଡ଼ିଶାର ସହରୀ ରୂପାନ୍ତରଣ କାର୍ଯ୍ୟସୂଚୀରେ ଅବଦାନ ଦେବା ପାଇଁ ଉପଲବ୍ଧ ଅଛନ୍ତି।

ଏହି ପ୍ରତିଭାମାନଙ୍କର ସଠିକ୍ ଉପଯୋଗ କରିବା ଏବଂ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ 'ସମୃଦ୍ଧ ସହର' କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ ପ୍ରମୁଖ ସହରୀ ବିକାଶ ଯୋଜନାଗୁଡ଼ିକୁ ସଫଳ କରିବା ପାଇଁ ପ୍ରମୁଖ ସହରୀ ସଂସ୍ଥାନଗୁଡ଼ିକରେ ତୁରନ୍ତ 'ଅସିଷ୍ଟାଂଟ ଟାଉନ୍ ପ୍ଲାନର' ନିଯୁକ୍ତି କରିବାକୁ ଆଇ.ଟି.ପି.ଆଇ. ସୁପାରିଶ କରିଛି। ଏହାସହ ଅନ୍ୟାନ୍ୟ ବୃତିଗତ ରାଜ୍ୟ ସେବା ଭଳି ଏକ ସ୍ୱତନ୍ତ୍ର 'ଓଡ଼ିଶା ଟାଉନ୍ ପ୍ଲାନିଂ ସର୍ଭିସ୍' କ୍ୟାଡର ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ଲାନିଂ ବୃତିଧାରୀଙ୍କ ପାଇଁ ସମାନ ନିଯୁକ୍ତି ନିୟମ ଓ ସେବା ସର୍ତାବଳୀ ପ୍ରସ୍ତୁତ କରିବାକୁ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପାଇଁ ଆହ୍ୱାନ ଦିଆଯାଇଛି।

## ତେଲେଙ୍ଗାନା ରାଜ୍ୟ ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର,(ପିପିଏସ୍)- ରାଜ୍ୟପାଳ ଡ.ହରିବାବୁ କମ୍ଭପତି ତେଲେଙ୍ଗାନା ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିଜ ବାର୍ତାରେ ରାଜ୍ୟପାଳ କହିଛନ୍ତି ଯେ, ତେଲେଙ୍ଗାନା ତାହାର ସମୃଦ୍ଧ ଐତିହ୍ୟ, ଜୀବନ୍ତ ସଂସ୍କୃତି ଏବଂ ଉଲ୍ଲେଖନୀୟ ପ୍ରଗତି ପାଇଁ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେ ରାଜ୍ୟର ନିରନ୍ତର ବିକାଶ, ସମୃଦ୍ଧି ଏବଂ ଜନକଲ୍ୟାଣ କାମନା କରିଛନ୍ତି।

# ସାଗର ବେହେରାଙ୍କୁ ଏନ୍‌ଏସ୍‌ଏରେ ଗିରଫକଲା ବ୍ରହ୍ମପୁର ପୁଲିସ୍




ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଅସାମାଜିକ ବ୍ୟକ୍ତି ସାଗର ବେହେରାଙ୍କୁ ଜାତୀୟ ନିରାପତା ଆଇନ୍ ତଥା ଏନ୍‌ଏସ୍‌ଏ ଅଧିନରେ ଗିରଫ କରିଛି ବ୍ରହ୍ମପୁର ପୁଲିସ୍। ଏନେଇ ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଥିବା ବେଳେ ବ୍ରହ୍ମପୁର ପୁଲିସ୍‌ର ସୁପାରିଶକ୍ରମେ ଜିଲ୍ଲାପାଳ ଭି.କୀର୍ତିଭାସନ ଜାତୀୟ ନିରାପତା ଆଇନ୍ କ୍ଷମତା ବଳରେ ଜରଡା ଥାନା ଅନ୍ତର୍ଗତ ନନ୍ଦିଗାଁର ସାଗର ବେହେରାଙ୍କ ବିରୋଧରେ ପୁଲିସ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସାଗରଙ୍କୁ ଗିରଫ କରାଯାଇ ବ୍ରହ୍ମପୁର ଜେଲ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୨୦୧୧ରୁ ୨୦୨୬ ମଧ୍ୟରେ ଜରଡା ଓ କେ.ନୂଆଗାଁ ଥାନା ଅଞ୍ଚଳରେ ୧୧ଟି ଅପରାଧିକ ମାମଲାରେ ସାଗର ଜଡିତ ରହିଛି । ସାଗର ଦଙ୍ଗା, ମାରପିଟ୍, ଅପରାଧିକ ଧମକ, ଦାଦାବଟି ଆଦାୟ, ହିଂସାତ୍ମକ ଆକ୍ରମଣ, ମାରଣାସ୍ତ୍ର ପ୍ରଦର୍ଶନ, ଓଡ଼ିଶା ଜୁଆ ନିବାରଣ ଆଇନ୍ ଓ ଖଣିଜ ନିୟମ ଉଲ୍ଲଂଘନ ଭଳି ଅପରାଧରେ ସାମିଲ୍ ଥିଲେ । ଜରଡା ପୁଲିସ୍ ଦ୍ୱାରା ଏହି ଆଦେଶକୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡିଛି । ପୁଲିସ୍ ରିପୋର୍ଟ, କେଶ୍ ରେକର୍ଡ, ଗୁଇନ୍ଦାସୂଚନା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ କାଗଜପତ୍ରକୁ ଗଭୀର ଭାବେ ଅନୁଧ୍ୟାନ କରିବାପରେ ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।ଏହି ସମସ୍ତ ତଥ୍ୟରୁ ଜଣାପଡିଛି ଯେ, ସାଗର ବେହେରା ନିରନ୍ତର ଭାବେ ସର୍ବସାଧାରଣଙ୍କ ଶାନ୍ତି ବ୍ୟାଘତ କରିବା ଭଳି କାର୍ଯ୍ୟରେ ଲିପ୍ତରହି ଆସୁଥିଲେ । ସାଗରଙ୍କ ସହଯୋଗୀମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି ।

# ମିଳିମିଶି ରୋଗୀ ଓ ଗର୍ଭବତୀଙ୍କୁ ଶୋଷୁଛନ୍ତି

ଅସ୍ତରଙ୍ଗ, (ପିପିଏସ୍): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ସମେତ ନିକଟସ୍ତ ବ୍ଲକ ଅଂଚଳରେ ଖୋଲିଛି ମାଳ ମାଳ ଘରୋଇ କ୍ଲିନିକ। ଯାହାକି ଗର୍ଭବତୀ ମହିଳା ଙ୍କୁ ଚିକିତ୍ସା ନାଁରେ ଅର୍ଥ ଶୋଷଣ କରୁଛନ୍ତି। ଏମିତିକି ଚିକିତ୍ସା ସମୟରେ ମା 'ଆଉ କେତେବେଳେ ଶିଶୁ ମୃତ୍ୟୁ କୁ ନେଇ

## ସ୍ୱାସ୍ଥ୍ୟ ବିଭାଗରେ ସକ୍ରିୟ ଅସାଧୁ ଗୋଷ୍ଠୀ

## ସ୍ଥାନୀୟ ଅଞ୍ଚଳରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନଥିବାରୁ ବଢୁଛି କି ସମସ୍ୟା ?

## ଅଯଥା ଖର୍ଚ୍ଚ ସହ ଅନେକ ସମୟରେ ଗର୍ଭବତୀ ମୃତ୍ୟୁ ହେବା ନଜର ରହିଛି

ଘରୋଇ ହସ୍ପିଟାଲ ନାଁରେ ଅନେକ ଅଭିଯୋଗ ଆସିଥିବା ପୂର୍ବରୁ ନଜିର ରହିଛି ।ସରକାର ଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ରେ ବାଧକ ସାଜୁଛି ବଡ଼ଧରଣର ଦଲାଲି କାରବାର ।କିଏ ସରକାରୀ ଡାକ୍ତରଖାନା ରୁ ରୋଗୀଙ୍କୁ ଘରୋଇ ଡାକ୍ତରଖାନା କୁ ପଠାଇ ଦୁଇ ପଇସା ମୁନାଫା କମାଉଛନ୍ତି ତ,କିଛି ସ୍ଥାନରେ ସ୍ୱାସ୍ଥ୍ୟ କର୍ମୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ରୋଗୀଙ୍କୁ ନାନାଦି ପ୍ରକାର କଥା କହି ଘରୋଇ ଡାକ୍ତରଖାନା କୁ



ପଠାଉଛନ୍ତି। ଜିଲ୍ଲା ପ୍ରଶାସନ ସହ ସ୍ୱାସ୍ଥ୍ୟ ବିଭାଗ ଏହାର ଟେର ପାଉନି। ଅଧିକାଂଶ ସ୍ଥାନରେ ଦଲାଲ ମାନେ ସକ୍ରିୟ ରହୁଛନ୍ତି। ବିଭାଗ ଅସାଧୁ କର୍ମଚାରୀ ଏହି କାରବାର ପଛର ପ୍ରମୁଖ ଏଜେଣ୍ଟ ସାଜିଛନ୍ତି। ଖବର ମୁତାବକ,କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ, କାକଟପୁର ସମେତ ନିକଟସ୍ତ ନିର୍ବାଚନ ମଣ୍ଡଳୀ ରେ ଯେପରିକି ନିମାପଡା ବ୍ଲକ ଅଧୀନ ଚାରିଛକ,ନିଆଳୀ, କିଛି ଘରୋଇ ଡାକ୍ତରଖାନା ଅସାଧୁ କର୍ମଚାରୀ ଙ୍କ ସହ ସିଣ୍ଡିକେଟ ଚଳାଇ ରୋଗୀ ପିଛା କମିଶନ କାରବାର କରୁଛନ୍ତି। ଏହି ସିଣ୍ଡିକେଟ ମାୟାଜାଲ ରେ ରୋଗୀ ଶୋଷିତ ହେଉଛନ୍ତି। ଅନ୍ୟ ପଟେ ସ୍ଥାନୀୟ ବାସିନ୍ଦା ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି ଅସ୍ତରଙ୍ଗ ମେଡିକାଲ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବା ସହ କୌଣସି ବିଭାଗ ରେ ଭଲ ସ୍ପେସିଆଲିଷ୍ଟ ଡକ୍ଟର ନଥିବାରୁ ଏପରି ସମସ୍ୟା ବୃଦ୍ଧି ପାଉଛି ।ବିଗତ ଦିନରେ କାକଟପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ଏମିତି ଏକ ସମସ୍ୟା କୁ ନେଇ ତୁମୁଳକାଣ୍ଡ ହୋଇଥିଲା। ସ୍ଥାନୀୟ ନେତା ଙ୍କ ଠାରୁ ପ୍ରଶାସନିକ ଅଧିକାରୀ ଗଣ ମାଧ୍ୟମ କୁ ଦଲାଲ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କେବଳ ଗଣମାଧ୍ୟମ କୁ ପ୍ରତିକ୍ରିୟା ଦେଉଛନ୍ତି। କିନ୍ତୁ ବିଗତ ଦିନର ଘଟଣାକୁ ଅନୁଧ୍ୟାନ କଲେ ଏହା କେବଳ ଭାଷଣରେ ସୀମିତ ଥିଲା ପରି ଲାଗୁଛି। ରୋଗୀଙ୍କୁ ନିଶୁଳ୍କ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ଯୋଜନା ଅଛି। ଏହା ବାବଦରେ ସରକାରୀ ସ୍ତରରେ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି କିନ୍ତୁ ରୋଗୀ ଏହାର ସୁଫଳ ପାଉନାହାନ୍ତି। କିଛି ଘରୋଇ ଡାକ୍ତରଖାନା କର୍ତୃପକ୍ଷ ଏବେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀ ଓ ଆମ୍ବୁଲାନ୍ସ ଚାଳକ ଙ୍କୁ ଢାଲ କରିଥିବା ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟ ବିଭାଗ ଜାଣିଶୁଣି ନିଦାବିଷ୍ଣୁ ପାଳଟିଥିବା ଯୋଗୁଁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।ଘରୋଇ ଡାକ୍ତରଖାନା ସହ ମିଶି ସ୍ୱାସ୍ଥ୍ୟ ବିଭାଗର କିଛି ଅସାଧୁ କର୍ମଚାରୀ ଙ୍କ ସଲାସୁତୁରା ରେ ଏହି କାରବାର ଚାଲିଛି। ମାତୃ ଓ ଶିଶୁ ମୃତ୍ୟୁ ହାର କୁ କମ୍ କରିବା ପାଇଁ ରାଜ୍ୟ ସରକାର ଜନନୀ ଏକ୍ସପ୍ରେସ ବ୍ୟବସ୍ଥା କରିଛନ୍ତି। ଗର୍ଭବତୀ ଡାକ୍ତରଖାନା ନେବାକୁ ଏହି ଯୋଜନା କାର୍ଯ୍ୟ କରୁଛି। କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଦାବୀ କରିଛନ୍ତି କାକଟପୁର (ବାଙ୍ଗୁରିଗାଁ) ଓ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ତ୍ରୀରୋଗ ବିଶେଷଜ୍ଞ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଯୋଗାଇବା ସହ ଏ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘରୋଇ ହସ୍ପିଟାଲ କୁ ଉପଯୁକ୍ତ ନିୟମାବଳୀ ଅନୁସାରେ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଗୋପ ବ୍ଲକ୍ ପ୍ରଶାସନର ଫୁଁ'

ଭୁବନେଶ୍ୱର,(ପିପିଏସ୍): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି। ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି।

ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି। ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି।

ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି।

ଆଜି ଉଭୟ ଅନ୍‌ଲାଇନ ଓ ଅଫ୍?ଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି।

ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି। ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ ।



## ମିଳିଲାନି ବାସନ୍ତୀଙ୍କୁ ଆବାସ ଯୋଜନା
## ଚିରା ପଲିଥିନ ତଳେ ୪ ପ୍ରାଣୀ କୁଟୁମ୍ବ

# ବଳଙ୍ଗା ଗସ୍ତରେ ଉପମୁଖ୍ୟମନ୍ତ୍ରୀ



ଗୋପ (ପିପିଏସ ) ସ୍ୱଚ୍ଛ ପରିବେଶ ପାଇଁ ଗଣ ଅଭିଯାନ ଉଦ୍ଦେଶ୍ୟ ନେଇ 'ଉତ୍କର୍ଷ ନିମାପଡା ୨.୦' ଅଧୀନରେ ଅନୁଷ୍ଠିତ ହୋଇଯାଇଛି ସେବା ଦିବସ। ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପୁରୀ ଜିଲ୍ଲାର ବଳଙ୍ଗା ଗସ୍ତ କରି ବିଭିନ୍ନ ପ୍ରଗତିଶୀଳ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବଳଙ୍ଗା ମେଡ଼ିକାଲ ପରିସରରେ ଆୟୋଜିତ 'ସ୍ୱଚ୍ଛ ଭାରତ ମିଶନ'ରେ ନିଜେ ସାମିଲ ହୋଇ ଅଳିଆ ଆବର୍ଜନା ସଫେଇ କରିଥିଲେ। ଏହାସହ 'ଏକ ପେଡ୍ ମାକେ ନାମ' ଅଭିଯାନ ଅଧୀନରେ ସେ ସେଠାରେ ଚାରା ରୋପଣ କରିବା ସହ ରୋଗୀମାନଙ୍କ ପାଇଁ ଏକ ସୁଲଭ ଶୌଚାଳୟର ଉଦଘାଟନ କରିଥିଲେ। ଏହି ସମୟରେ ମେଡ଼ିକାଲରେ ଡାକ୍ତର ନଥିବା ନେଇ ସ୍ଥାନୀୟ ଜନସାଧାରଣ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଗୁରୁତ୍ୱ ଦେଇ ଶ୍ରୀମତୀ ପରିଡ଼ା କହିଥିଲେ ଯେଉଁଠି ଡାକ୍ତର ମାନେ ରୋଗୀଙ୍କ ସେବା ଓ ଚିକିତ୍ସା କରି ଜୀବନଦାନ ଦିଅନ୍ତି, ସେହି ସ୍ଥାନ ଏକ ମନ୍ଦିର ଭଳି ହେବା ଦରକାର। ଏହାସହ ଆସନ୍ତା ୮ ଦିନ ମଧ୍ୟରେ ବଳଙ୍ଗା ମେଡିକାଲରେ ଜଣେ ପୂର୍ବକାଳୀନ ଡାକ୍ତର ଏବଂ ଜଣେ ନର୍ସିଂ ଷ୍ଟାଫ୍ ନିଯୁକ୍ତି ପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାସ୍ଥ୍ୟ ସେବା ସହ କ୍ରୀଡ଼ାର ବିକାଶ ପାଇଁ ବଳଙ୍ଗା ସରକାରୀ ହାଇସ୍କୁଲ ପଡିଆଠାରେ ୧୮ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହେବାକୁ ଥିବା ଏକ 'ମିନି ଷ୍ଟାଡିୟମ'ର ଶିଳାନ୍ୟାସ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏହି ସମଗ୍ର କାର୍ଯ୍ୟକ୍ରମରେ ବିଡ଼ିଓ ଡଃ ଅଭିଜିତ ଷଡ଼ଙ୍ଗୀ, ସ୍ଥାନୀୟ ସରପଞ୍ଚ ଅଞ୍ଜଳୀ ପ୍ରଧାନ, କୋଟକୁସାଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ, ଯୁବ ନେତା ସୁକାନ୍ତ ବରାଳ, ଏବଂ ବିଜେପି ନେତା ଦେବାଶିଷ ଆଚାର୍ଯ୍ୟ ଓ ପ୍ରଭାକର ନାୟକଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଫଳକରେ ଝୁଲିଛି ମାର୍କେଟ୍ କମ୍ପ୍ଲେକ୍ସ ଗୃହ



ଖଣ୍ଡପଡ଼ା, (ପିପିଏସ): ଗତବର୍ଷ ଏପ୍ରିଲ ୩୦ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ମାର୍କେଟ କମ୍ପ୍ଲେକ୍ସ ଓ ଆହାର କେନ୍ଦ୍ର ଶିଳାନ୍ୟାସ ନିମନ୍ତେ ଶିଳାନ୍ୟାସ କରାଗଲା। ମାତ୍ର ଇତିମଧ୍ୟରେ ୧୫ ମାସ ବିତିଥିବା ବେଳେ ମାର୍କେଟ କମ୍ପ୍ଲେକ୍ସ କାମ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ବହୁଦିନର ପ୍ରକଳ୍ପ ଏବେ ଫଳକରେ ସୀମିତ ଥିବାଭଳି ମନେହେଉଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଚିନିକଲ ସାହି ନିକଟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମାର୍କେଟ କମ୍ପ୍ଲେକ୍ସ ଓ ଆହାର କେନ୍ଦ୍ର ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଶିଳାନ୍ୟାସ କରିଥିଲେ। ତେବେ ଇତି ମଧ୍ୟରେ ପ୍ରାୟ ୧୫ ମାସ ବିତିଥିବା ବେଳେ ଆହାର କେନ୍ଦ୍ର ଅଧାପନ୍ତରିଆ ଏବଂ ମାର୍କେଟ କମ୍ପ୍ଲେକ୍ସ କାମ ଆଦୌ ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି। ସହରାଞ୍ଚଳ ମଧ୍ୟ ଭାଗରେ ଏନଏସି ଅଫିସକୁ ଲାଗି ବର୍ତ୍ତମାନ ଆହାର କେନ୍ଦ୍ର କାର୍ଯ୍ୟକ୍ଷମ ଥିବାବେଳେ ନାନା ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ସଂକୀର୍ଣ୍ଣ ସ୍ଥାନରେ ଆହାର କେନ୍ଦ୍ର ଚାଲିଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଆହାର କେନ୍ଦ୍ର ସହର ମଧ୍ୟଭାଗରେ ଥିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଆହାର କେନ୍ଦ୍ରକୁ ଅଧିକ ବ୍ୟବସ୍ଥିତ କରିବାକୁ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନିର୍ମାଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସମାନଭାବେ ନୂତନ ଭାବେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ତଥା ପୂର୍ତ୍ତବିଭାଗ ରାସ୍ତା କଡରେ ଅନେକ ଉଠା ଦୋକାନ ଗଢିଉଠିଥିବା ବେଳେ ସ୍ଥାୟୀ ଗୃହ ନଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଥିବା ବ୍ୟବସାୟୀ ଅଭିଯୋଗ କରିଥିଲେ। ତେବେ ସ୍ଥିତିକୁ ଦେଖି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅପରପାର୍ଶ୍ୱରେ ଥିବା ସରକାରୀ ଜାଗାରେ ମାର୍କେଟ କମ୍ପ୍ଲେକ୍ସ ଓ ଆହାର କେନ୍ଦ୍ରର ପରିକଳ୍ପନା କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜମି, ଜଙ୍ଗଲ ଉପରେ ଅଧିକାର ଦାବିରେ ଜିଲ୍ଲାପାଳଙ୍କ ଅଫିସ୍ ଘେରାଉ



ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲାରେ ଦଳିତ ଓ ଆଦିବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଆଜି ତିନୋଟି ସଂଗଠନ ପକ୍ଷରୁ ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ସର୍ବଭାରତୀୟ କୃଷକ ସଂଗଠନ ଏଆଇକେଏମ୍ଏସ୍, ଓଡ଼ିଶା ଦଳିତ ମହାସଭା ଓ ଉତ୍କଳ ଭାରତ ଆଦିବାସୀ ମଞ୍ଚ ପକ୍ଷରୁ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ବ୍ଲକରୁ ଦଳିତ ଓ ଆଦିବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ତିନି ସଂଗଠନ ପକ୍ଷରୁ ୯ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ଦିଆଯାଇଥିଲା । ପୂର୍ବରୁ ଜଣାଇବା ସତ୍ତ୍ୱେ ଜିଲ୍ଲାପାଳ ଆଲୋଚନା କରିବାକୁ ଅନୁପସ୍ଥିତ ଥିବାରୁ ଆନ୍ଦୋଳନକାରୀ ମାନେ ଜିଦ୍ କରିଥିଲେ । ଶେଷରେ ଆସନ୍ତା ଜୁନ୍ ୯ ତାରିଖରେ ସଂଗଠନମାନଙ୍କ ପ୍ରତିନିଧି ଦଳଙ୍କୁ ଆଲୋଚନା ପାଇଁ ଜିଲ୍ଲାପାଳ ସମୟ ଦେବାକୁ ଘୋଷଣା କରିବାରୁ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କୁ ଆନ୍ଦୋଳନକାରୀମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜଙ୍ଗଲ ଅଧିକାର ଆଇନ - ୨୦୦୬ ମୁତାବକ ବ୍ୟକ୍ତିଗତ ଓ ଗୋଷ୍ଠୀ ଜଙ୍ଗଲ ଶିରୋନାମା ପାଇବାରୁ ବଞ୍ଚିତ ଜିଲ୍ଲାର ବିଭିନ୍ନ ତହସିଲର ଆଦିବାସୀ ମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ତଦନ୍ତ କରି ଶିରୋନାମା ଓ ଶିରୋନାମା ପାଇଥିବା ଆଦିବାସୀଙ୍କୁ ଫାଇନାଲ ପଟ୍ଟା ପ୍ରଦାନ କରିବା, ସାନଖେମୁଣ୍ଡି ତହସିଲର ପୋଡ଼ାମାରୀ ରାଜସ୍ୱ ସର୍କଲର ରାଜନାପଲ୍ଲୀ, ବାଲିସାହି ସମେତ ଜିଲ୍ଲାର ବିଭିନ୍ନ ତହସିଲରେ ଅଣଆଦିବାସୀଙ୍କ ଜବର ଦଖଲରେ ଥିବା ଆଦିବାସୀଙ୍କ ଜମିକୁ ଜବରଦଖଲ ମୁକ୍ତ କରିବା, ବର୍ଷ ବର୍ଷ ଧରି ଜଙ୍ଗଲ ଜମିରେ ଚାଷ କରୁଥିବା ଆଦିବାସୀ ଓ ପାରମ୍ପରିକ ବନଜୀବିଙ୍କ ଜମିରେ ଜଙ୍ଗଲ ଅଧିକାର ସ୍ଥିର ନକରି ବନ ବିଭାଗ ପକ୍ଷରୁ ବଳପୂର୍ବକ ବୃକ୍ଷରୋପଣ ଓ ଜୁଲୁମ୍ ବନ୍ଦ କରିବା, ସରକାରୀ ଜମିରେ ଚାଷ ଓ ବାସ କରୁଥିବା ସମସ୍ତ ଭୂମିହୀନ ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜମି ଓ ଘରବାରି ପଟ୍ଟା ଯୋଗାଇ ଦେବା, ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ଜିଲ୍ଲାର ସମସ୍ତ ଆଦିବାସୀ ଗ୍ରାମକୁ ଯଥାଶୀଘ୍ର ବିଦ୍ୟୁତ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଓ ଓ ପକ୍କା ରାସ୍ତା ନିର୍ମାଣ କରିବା ଆଦି ଅନ୍ତର୍ଭୁକ୍ତ ଥିଲା । ଏତଦ ବ୍ୟତୀତ ଜିଲ୍ଲାର ବିଭିନ୍ନ ଗ୍ରାମରେ ଦଳିତମାନଙ୍କ ମନ୍ଦିର ପ୍ରବେଶ, ପୋଖରୀ ତୁଠରେ ପ୍ରବେଶ ଓ ଗାଁ ଦାଣ୍ଡରେ ବିବାହ ପଟୁଆର ନେବା ଆଦି ଉପରେ ରହିଥିବା ବେଆଇନ ଓ ଅମାନବିକ ବାରଣ ତଥା ପ୍ରତିବନ୍ଧପରି ଜାତିଗତ ଭେଦଭାବକାରୀ ପରମ୍ପରା ଓ ଅଭ୍ୟାସକୁ ବନ୍ଦ କରିବା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା, ଜିଲ୍ଲାରେ ଦଳିତ ଓ ଆଦିବାସୀ ଲୋକଙ୍କ ଉପରେ ଜାତିଗତ ନିର୍ଯ୍ୟାତନା ମାମଲାରେ ଏତଲାକୁ ତୁରନ୍ତ ପଞ୍ଜୀକୃତ କରିବା ସହ ଯଥାଶୀଘ୍ର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗତ ୨୬ ବର୍ଷ ଧରି ଜାତିଗତ ହିଂସା ଓ ବିତାଡ଼ନର ଶିକାର ହୋଇ ଗାଁ ଛାଡ଼ି ବାହାରେ ଅତ୍ୟନ୍ତ ଖରାପ ଅବସ୍ଥାରେ ରହୁଥିବା ଆସିକା ତହସିଲ ଅନ୍ତଗତ ବାଲିଛାଇର ୫୦ଟି ଦଳିତ ପରିବାରଙ୍କୁ ଗାଁରେ ଥଇଥାନ କରିବାକୁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତିର କାର୍ଯ୍ୟକାରୀତାକୁ ତ୍ୱରାନ୍ୱିତ କରିବା ଆଦି ଦାବିସ ଉପସ୍ଥାପିତ କରାଯାଇଥିଲା । ଆସନ୍ତା ଜୁନ୍ ୯ତାରିଖରେ ସଙ୍ଗଠନ ମାନଙ୍କ ପ୍ରତିନିଧି ଦଳ ସହ ଜିଲ୍ଲାର ଦଳିତ ଓ ଆଦିବାସୀମାନଙ୍କ ସବୁ ସମସ୍ୟା ଉପରେ ଆଲୋଚନା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଓହଳ ଛତ୍ରପୁର ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନ ସ୍ଥଳ ଛାଡିବାକୁ ରାଜି ହୋଇଥିଲେ । ଆଜିର କାର୍ଯ୍ୟକ୍ରମରେ ଏଆଇକେଏମଏସର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ରାଜ୍ୟ କମିଟି ସଦସ୍ୟ କୁଶନାଥ ପ୍ରଧାନ, ଜିଲ୍ଲା ଉପସଭାପତି ଲଡ୍ଡୁ କିଶୋର ଡାକୁଆ, ସମ୍ପାଦକ କାଳୁଚରଣ ନାୟକ, ଓଡିଶା ଦଳିତ ମହାସଭାର ଜିଲ୍ଲା ସମ୍ପାଦକ ସଂଗ୍ରାମ ନାୟକ, ଜିଲ୍ଲା କମିଟି ସଦସ୍ୟ ମିଥୁନ ନାୟକ, ସଞ୍ଜୟ ନାୟକ, ଅଖିଳ ଭାରତ ଆଦିବାସୀ ମଞ୍ଚର ରାଜ୍ୟ ନେତା ଅର୍ଜୁନ ଗମାଙ୍ଗ, ଜିଲ୍ଲା ଆବାହକ ଯକ୍ଷ ଗମାଙ୍ଗ, ସୁରେନ୍ଦ୍ର ମଳିକ, ଇଜକାଲ ରଇତ, ରବି ଶବର, ପଞ୍ଚୁ ଶବର ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ଅଭିଯାନ

# ରେଡିକା ପୋଖରୀ ସଫେଇରେ ସାମିଲ୍ ହେଲେ ମେୟର, ଡେପୁଟି ମେୟର, କମିଶନରଙ୍କ ସହ ଶତାଧିକ ଅଞ୍ଚଳବାସୀ



ବ୍ରହ୍ମପୁର(ପିପିଏସ୍): ଜିଲ୍ଲାରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ, ଗଞ୍ଜାମକୁ ସ୍ୱଚ୍ଛ ସୁନ୍ଦରକରି ଗଢ଼ି ତୋଳିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆରମ୍ଭ ହୋଇଥିବା ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ ଅଭିଯାନ ଜରିଆରେ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୪୨ନମ୍ବର ୱାର୍ଡ ଖୋଡାସିଂ ରେଡିକାବନ୍ଧ ପୋଖରୀ ସଫେଇ କରାଯାଇଛି । ଏହି ଅଭିଯାନର ଲକ୍ଷ୍ୟ ହେଉଛି ମିଶନ୍ ଜିରୋ ପ୍ଲାଷ୍ଟିକ୍ ଭିଜିବିଲିଟି । ଜିଲ୍ଲାରେ ପ୍ଲାଷ୍ଟିକ୍ ବ୍ୟବହାର କମବାଇବା ଓ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଜିଲ୍ଲାପାଳ ଭି.କୀର୍ତିଭାସନ ପ୍ରତ୍ୟେକ ମଙ୍ଗଳବାର ଦିନ ନିଜ ନିଜ ଅଞ୍ଚଳରେ ସଫେଇ ଅଭିଯାନ କରିବାକୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୱାର୍ଡ ନମ୍ବର ୪୨ ଖୋଡାସିଂ ମୁଖ୍ୟରାସ୍ତାକଡରେ ଥିବା ରେଡିକା ବନ୍ଧରେ ସଫେଇ କରାଯାଇଥିଲା । ଏହି ସଫେଇ ଅଭିଯାନରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି, କମିଶନର ଏ.ସସ୍ୟା ରେଡ୍ଡି, ଅତିରିକ୍ତ କମିଶନର ଆର୍ଶୀବାଦ ପରିଡା, ସହକାରୀ କମିଶନର ଭିଶାଲ ଗୌରବ ମଲ୍ଲିକ, ବିଭୂ ପ୍ରସାଦ ମହାପାତ୍ର, ବିକ୍ରମ ସୁଣ୍ଠି ଓ ରୋନିତ୍ କୁମାର ଉପସ୍ଥିତ ଥିବାବେଳେ ସ୍ଥାନୀୟ କର୍ପୋରେଟର ତଥା ଡେପୁଟି ମେୟର ଇ.ବିବେକ ରେଡ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୱାର୍ଡର ଶତାଧିକ ମହିଳା ଓ ପୁରୁଷ ସଫେଇରେ ଭାଗ ନେଇ ନିଜ ଅଞ୍ଚଳକୁ ସଫାସୁତୁରା ରଖିବା ପାଇଁ ଶପଥ ନେଇଥିଲେ । ଅଞ୍ଚଳର ସମାଜସେବୀ ବନମାଳୀ ସେଠୀ, ଭିକି ସେଠୀ, ଆଇନ୍‌ଜୀବୀ ମନୋଜ ସେଠୀ, ବିକାଶ ସାହୁ, ଅରୁଣ, ମାଧବ, ଶ୍ରୀକାନ୍ତଙ୍କ ସମେତ ସାନିଟେସନ୍ ଏକ୍ସପର୍ଟ ଆଲୋକ ଦାସ, ନିବେଦିତା ରଣା, ରାଜେନ୍ଦ୍ର ସାହୁ, ସାଗରିକା ଖଣ୍ଡୁଆଳ ପ୍ରମୁଖଙ୍କ ସମେତ ଏସ୍ଏଚ୍‌ଜି ମହିଳା, ସ୍ଥାନୀୟବାସିନ୍ଦାମାନେ ଏହି ସଫେଇ କାର୍ଯ୍ୟରେ ଭାଗ ନେଇଥିଲେ। ଜିଲ୍ଲା ପ୍ରଶାସନର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ । ଏହି ଅବସରରେ କମିଶନର କ୍ଲଥ୍ ବ୍ୟାନର ବ୍ୟବହାର ଉପରେ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେଇଥିବା ବେଳେ ଫ୍ଲେକ୍ସ ଲଗାଇବାରେ ରୋକ୍ ଲଗାଇବା ପାଇଁ କହିଥିଲେ ।

# ସ୍କୁଲରେ ଚୋରି, ଇନ୍‌ଭର୍ଟର-ବ୍ୟାଟେରୀ ସହ ସିସିଟିଭି ହାର୍ଡ ଡିସ୍କ ଗାଏବ

ଧାମନଗର,(ପିପିଏସ୍): ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଚୋରି ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବାର ସନ୍ଦେହରେ ପୋଲିସ ବିଦ୍ୟାଳୟର ରାତ୍ରୀ ଜଗୁଆଳି ସନ୍ତୋଷ ଦାସଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ଅଭିଯୋଗ ଅନୁସାରେ ରବିବାର ସନ୍ଧ୍ୟାରେ ବିଦ୍ୟାଳୟର ଅଫିସ କକ୍ଷର ତାଲା ଖୋଲି ୨ଟି ଇନଭର୍ଟର, ୨ଟି ବ୍ୟାଟେରୀ, ସିସିଟିଭି କ୍ୟାମେରାର ହାର୍ଡ ଡିସ୍କ, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଭଙ୍ଗା ମଦ ବୋତଲ ମିଳିଥିବାରୁ ଚୋରି ପୂର୍ବରୁ ସେଠାରେ ମଦ୍ୟପାନ ହୋଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଧାମନଗର ଥାନାର ଏସ୍ଆଇ ସୁନୀତା ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଭଣ୍ଡାରୀପୋଖରୀ ବ୍ଲକ ଗୁଣୁପୁର ଅଞ୍ଚଳର ବାସିନ୍ଦା ତଥା ବିଦ୍ୟାଳୟର ରାତ୍ରି ଜଗୁଆଳି ସନ୍ତୋଷ ଦାସଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଇଥିବା ବେଳେ ସେ ଘଟଣା ସମ୍ପର୍କରେ ସତ ମାନିଥିବା ସୂଚନା ମିଳିଛି। ଏହାସହ ବିଦ୍ୟାଳୟ ପରିସରରେ ପ୍ରତିଦିନ ରାତିରେ ମଦ ଓ ମାଂସ ଭୋଜିର ଆସର ବସୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସ୍କୁଲ ପରିସରକୁ ଏଭଳି କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିବା ବେଳେ ଏଥିପ୍ରତି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ପ୍ରଶ୍ରୟ ରହିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଚୋରିର ପ୍ରକୃତ କାରଣ ଓ ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଉଛି।

# ଓ.ସି.ଏସ ସ୍ୱାତିସ୍ମିତା ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମର ଶାନ୍ତିଲତା ବେହେରା ଓ ନରେନ୍ଦ୍ର ବେହେରାଙ୍କ ଝିଅ ଚଳିତ ବର୍ଷ ଓ.ସି.ଏସ୍ ପରୀକ୍ଷାରେ ୪୫ତମ ସ୍ଥାନ ଅଧିକାର କରି ମହାକାଳପଡା ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ତାଙ୍କର ସଫଳତା ପାଇଁ ମହାକାଳପଡା ବିକାଶ ମଞ୍ଚ ଓ ନୀଳମାଧବ ଉ:ପ୍ରା ବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମଞ୍ଚର ସଂପାଦକ ଭାଗିରଥୀ ନନ୍ଦ ସଭାପତିତ୍ୱ କରିଥିଲେ। ସଭାପ୍ରାରମ୍ଭରୁ ସୁଶ୍ରୀ ସ୍ୱାତିସ୍ମିତାଙ୍କ ଦ୍ୱାରା ଜଗନ୍ନାଥଙ୍କ ତୈଳ ଫଟୋ ଚିତ୍ରରେ ଧୂପଦୀପ ଫୁଲ ଦେଇ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ବିକାଶ ମଞ୍ଚର ସଭାପତି ବିଶିଷ୍ଟ ପରିବେଶବିତ୍ ଶିକ୍ଷାବିତ୍ କାଶୀନାଥ ରାଉତରାୟ, ଉପସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଶିକ୍ଷାଗୁରୁ ଦିବାକର ନାଥଶର୍ମା, ଶିକ୍ଷକ ନେତା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହାଣୀ, ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଗୌରାଙ୍ଗ ନାୟକ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ବନ୍ଦନା ସ୍ୱାଗତିକା, ସି.ଆର୍.ସି. ସୁଜିତ୍ କୁମାର ସେଠୀ, ଇଂ ସତ୍ୟସାରଥୀ ରାଉତରାୟ, ସ୍ୱାତିସ୍ମିତାର ବଡବାପା ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ସୁଶ୍ରୀ ବେହେରା ଜଣେ କର୍ତ୍ତବ୍ୟନିଷ୍ଠା ନିତିନିଷ୍ଠ ପ୍ରଶାସନିକ ସେବା ଅଧିକାରୀ ଭାବେ କାର୍ଯ୍ୟକରି ମହାକାଳପଡା ମାଟିର ସ୍ୱାଭିମାନଙ୍କୁ ଓଡିଶା ମାଟିରେ ବଜାୟୀ ରଖିବା ସହ ଦଳିତ ନିପ୍ପେଷିତ ଅବହେଳିତ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅଙ୍ଗିକାର ବଦ୍ଧତା ପ୍ରକଟ କରିଥିଲେ ।

# କୁଳବେଉସାରେ ମନବଳାଉନାହାନ୍ତି ଝାଡୁ କାରିଗର

ଅସ୍ତରଙ୍ଗ, (ପିପିଏସ୍): ନିଜ ବେଉସା କରିବାକୁ ମନବଳାଉନାହାନ୍ତି ଝାଡୁ କାରିଗର, ପ୍ରୋତ୍ସାହନ ଅଭାବରୁ ଓ ପ୍ଲାଷ୍ଟିକ ଝାଡୁର ବହୁଳ ବ୍ୟବହାର ଯୋଗୁଁ ପରିବାରର

## ଅସ୍ତରଙ୍ଗ ସାପ୍ତାହିକ ହାଟର ଝାଡୁ ବ୍ୟବସାୟୀ କହିଲେ ମନର କଥା
## ମିଳୁନି ଉଚିତ୍ ପାରିଶ୍ରମିକ
## ସରକାରୀ ପ୍ରୋତ୍ସାହନର ଅଭାବ



ଭରଣ ପୋଷଣ କରିବା ସମ୍ଭବ ହେଉନାହିଁ। ଝାଡୁ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ମଧ୍ୟ ଠିକ ଭାବେ ମିଳୁନାହିଁ। ଏହାର ପ୍ରସ୍ତୁତି ପାଇଁ ଦରକାରୀ ଗଛ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ସେତେ ମାତ୍ରା ମିଳୁନଥିବାରୁ ଓ ମାଗଣାରେ ମିଳୁଥିବା କଞ୍ଚାମାଲ କୁ ଅର୍ଥ ଖର୍ଚ୍ଚ କରି କିଣିବାକୁ ପଡୁଥିବାରୁ ବଜାର ଦର ସହିତ ତାଳ ମେଳ ରହୁନଥିବାରୁ ପ୍ଲାଷ୍ଟିକ ଝାଡୁ ସହ ସମତା ରକ୍ଷା ହୋଇପାରୁନାହିଁ। ଫଳରେ ଏହା ଉପରେ ନିର୍ଭର କରୁଥିବା କାରିଗର ଙ୍କ ଜୀବିକା ବାଧାପ୍ରାପ୍ତ ହେବାରେ ଲାଗିଛି।

ରାତି ପାହିଲେ ପ୍ରତ୍ୟେକ ଲୋକଙ୍କ ଘରପାଇଁ ଝାଡୁର ଆବଶ୍ୟକ ଥିଲେ ମଧ୍ୟ ବାହାର ପାଇଁ ନଡ଼ିଆ କୁଞ୍ଚି ଝାଡୁ ଓ ଘର ଭିତର ନିମନ୍ତେ ବିଭିନ୍ନ ପ୍ରକାର ଝାଡୁ ମିଳୁଥିବା ଯୋଗୁଁ ଓ ମାଟି ଘର ବଦଳରେ ପକ୍କାଘର ନିମନ୍ତେ କାଇଁଚ ଖଜୁରୀ ଝାଡୁର ବ୍ୟବହାର କମିଯାଇଛି। ଫୁଲ ଝାଡୁର ଚାହିଦା ବଢ଼ିବାରେ ଲାଗିଛି। ଏତଦ ବ୍ୟତୀତ ଗ୍ରାମ ରାସ୍ତା, ଚାଷଜମି ହିଡ଼ ଓ ପଡିଆରେ ଖଜୁରୀ ଗଛ ପର୍ଯ୍ୟାପ୍ତ ପରିମାଣର ଥିବା ବେଳେ ମାଗଣାରେ ସଂଗ୍ରହ କରି ହେଉନଥିବାରୁ ଓ ଏହି କଞ୍ଚାମାଲ ସଂଗ୍ରହ ନିମନ୍ତେ ଅର୍ଥ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏହି କୌଳିକ ବୃତ୍ତି କରିବାକୁ ବିମୁଖ ହେଉଛନ୍ତି। ଏ ନେଇ ଅସ୍ତରଙ୍ଗ ସାପ୍ତାହିକ ହାଟରେ ଦୀର୍ଘ ବର୍ଷ ହେବ ଝାଡୁ ବ୍ୟବସାୟୀ କରୁଥିବା ୭୫ବର୍ଷୀୟ ଦୁର୍ଯ୍ୟୋଧନ ପାତ୍ର କୁହନ୍ତି ପୂର୍ବରୁ ଯେପରି ବ୍ୟବସାୟୀ ହାଟପାଳିରେ ହେଉଥିଲା ଆଉ ସେଭଳି ବ୍ୟବସାୟ ନାହିଁ। ଏହା ସହ ନଡ଼ିଆ ଝାଡୁର ଆବଶ୍ୟକତା ବହୁଳ ପରିମାଣରେ ରହିଥିଲେ ମଧ୍ୟ କାରିଗର ଉପଯୁକ୍ତ ମୂଲ୍ୟ ପାଇପାରୁନାହାନ୍ତି। ମାତ୍ର କଞ୍ଚାମାଲ ର ଅଭାବ ପାଇଁ ଏବେ ଘର ମାନଙ୍କରେ ପ୍ଲାଷ୍ଟିକ ଝାଡୁ ବ୍ୟବହାର ବହୁଳ ପରିମାଣରେ ହେଉଛି। ଏହାକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କାରିଗର ଏବେ ସଙ୍କଟ ଦେଇ ଗତି କରୁଛୁ ବୋଲି କହିଛନ୍ତି ଦୁର୍ଯ୍ୟୋଧନ ପାତ୍ର ।

ପୂର୍ବରୁ ଏହି ଝାଡୁ କାରିଗର ବିଭିନ୍ନ ପ୍ରକାର ଝାଡୁ ତିଆରି କରି ଗାଁ ଗାଁ ବୁଲି ବିକ୍ରି କରୁଥିବା ବେଳେ ଏହାର ଉପଯୁକ୍ତ ମୂଲ୍ୟ ପାଇ ପାରୁଥିଲେ, ମାତ୍ର ଏବେ ପ୍ଲାଷ୍ଟିକ ଝାଡୁର ଚାହିଦା ବୃଦ୍ଧି ପାଇଥିବାରୁ କାରିଗର ଙ୍କ ଦ୍ୱାରା ହାତ ପ୍ରସ୍ତୁତି ଝାଡୁର ଚାହିଦା କମିବାରେ ଲାଗିଛି। ଫୁଲ ଝାଡୁ ବଜାରରେ ୭୦ରୁ ୮୦ଟଙ୍କା ରେ ମିଳୁଥିବା ବେଳେ ଖଜୁରୀ ପତ୍ରରେ ତିଆରି ଝାଡୁ ୨୦ଟଙ୍କାରେ ବିକିବାରୁ ଗ୍ରାହକ ଆଗ୍ରହ ପ୍ରକାଶ କରୁନାହାନ୍ତି। ଝାଡୁ ତିଆରି କରି ପରିବାର ପ୍ରତିପୋଷଣ କରିବା ସହଜ ହେଉନାହିଁ। ଝାଡୁ ବାନ୍ଧିବା ପାଇଁ ଆବଶ୍ୟକ କେରାଟ ଏବେ ସେହି ପରିମାଣରେ ଆଉ ମିଳୁ ନାହିଁ। ପରିଶ୍ରମ ସଠିକ ମୂଲ୍ୟ ମଧ୍ୟ ମିଳୁନାହିଁ। ଜୀବନ ଜୀବିକାକୁ ବଜାୟ ରଖିବାକୁ ହେଲେ ସରକାରୀ ପ୍ରୋତ୍ସାହନ ଆବଶ୍ୟକତା ରହିଛି, ଝାଡୁ କାରିଗରଙ୍କ ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି।

cmyk cmyk cmyk

# ବଦଳିବ ରାୟଗଡ଼ା ରେଳ ଡିଭିଜନ୍‌ର ମାନଚିତ୍ର

ରାୟଗଡ଼ା(ପିପିଏସ୍) : ଆଜିଠାରୁ ବଦଳିଯିବ ରାୟଗଡା ରେଳ ଡିଭିଜନ୍‌ର ମାନଚିତ୍ର । କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଦକ୍ଷିଣ ଉପକୂଳରେ ଏକ ଜୋନ୍ ଘୋଷଣା କରାଯାଇଥିବା ବେଳେ କାର୍ଯ୍ୟାଳୟ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାମ୍ ରେ ସ୍ଥାପିତ ହେବ । ଫଳରେ ଓଡିଶାକୁ ସ୍ୱତନ୍ତ୍ର ଭାବେ ଏକ ନୂଆ ରେଳ ଡିଭିଜନ୍ ମିଳିଥିବା କୁହାଯାଉଛି । ପୂର୍ବତଟ ରେଳ ପଥ ଅଧିନରେ ରାୟଗଡା ଡିଭିଜନ୍ ରହିଥିବା ବେଳେ ଏହା ପ୍ରାୟ ୬୯୬ କିଲୋମିଟର ଭିତରେ ସିମିତ ରହିବ । ଏହି ଡିଭିଜନ୍ ଅଧିନରେ କୋରାପୁଟ୍ ସିଂଘାପୁର ରୋଡ୍,କୋଟାଓ୍ୱାଲାସା କିରୋଣ୍ଡୋଲ୍ ,କୁନେରୁ-ଥେରୁବାଲି ଓ ଗୁଣପୁର-ପାରଳାଖେମୁଣ୍ଡି ରେଳ ଷ୍ଟେସନ୍ ରହିବ। ରାୟଗଡାକୁ ସ୍ୱତନ୍ତ୍ର ଡିଭିଜନ୍ ର ମାନ୍ୟତା ମିଳିବା ପରେ ଦକ୍ଷିଣ ଓଡିଶାର ରେଳ ଭିତ୍ତିଭୂମୀ ସୁଦୃଢ ହୋଇପାରିବ ବୋଲି କୁହାଯାଉଛି ।

ସେହିପରି ଖଣିଖାଦାନ ଭରା ରାୟଗଡା ଜିଲ୍ଲା ସମେତ ଅନ୍ୟ ଜିଲ୍ଲା ମାନଙ୍କରେ ବାଣିଜ୍ୟିକ କାରବାର ସୁଦୃଢ ହୋଇପାରିବ । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାୟଗଡାକୁ ନୂତନ ରେଳ ଡିଭିଜନ ମାନ୍ୟତା ମିଳିଥିଲା । ସଂସଦରେ ରେଳ ବଜେଟ୍ ଉପସ୍ଥାପନ ସମୟରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଏହା ଘୋଷଣା କରିଥିଲେ । ରାୟଗଡାରେ ଡିଭିଜନ୍ ସ୍ଥାପନ ନେଇ ରେଳ ବିଭାଗ ୩୮୦ କୋଟି ଟଙ୍କା ଖର୍ଚ୍ଚ ନେଇ ଏକ ତାଲିକା ପ୍ରସ୍ତୁତ କରିଥିଲା । ୨୦୨୦ ମସିହାର ପ୍ରଥମ ପର୍ଯ୍ୟାୟରେ ବଜେଟ୍ ରେ ୧୭୦ କୋଟି ଟଙ୍କା ଅନୁଦାନ ପ୍ରଦାନ ନେଇ ବିଚାର କରାଯାଇଥିଲା । ପରେ ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ଅନୁଦାନ ମିଳିଥିବା ବେଳେ ଡିଭିଜନ୍ କାର୍ଯ୍ୟାଳୟ ଓ ରେଳପଥ କାର୍ଯ୍ୟକାରୀ ହୋଇଛି । ୨୦୨୫ ମସିହା ଜାନୁଆରୀ ୫ ତାରିଖରେ ରାୟଗଡା ରେଳ ଡିଭିଜନ୍ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ମାଧମରେ ଏହାର ଭିତିପ୍ରସ୍ତର ଦେଇଥିଲେ ।

# ଚମ୍ପୁଆ ଲ୍ୟାମ୍ପସ୍କୁ ଆସିପାରୁନି ସାର କି ବିହନ
## ଚାଷୀ ମହଲରେ ବଢୁଛି ଅସନ୍ତୋଷ

ଚମ୍ପୁଆ: ଭାରତ ଏକ କୃଷି ପ୍ରଧାନ ଦେଶ ଓ ଚାଷୀ ହେଉଛି ଦେଶର ମେରୁଦଣ୍ଡ। କିନ୍ତୁ ବର୍ତମାନ ଚାଷ ଅନୁକୂଳ ସମୟ ଗଡି ଯାଉଥିବା ବେଳେ ଚମ୍ପୁଆ ଅଂଚଳରେ ଚାଷୀଙ୍କୁ ଅଣଦେଖା କରି ଏ ପର୍ଯ୍ୟନ୍ତ ସାର, ବିହନ ନ ଯୋଗାଇବା ସ୍ଥାନୀୟ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ସିଧା ସଳଖ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଭାଗୀୟ ଅବହେଳା ଓ ଅବ୍ୟବସ୍ଥା ଯୋଗୁଁ ଏବେ ଚମ୍ପୁଆ ଲ୍ୟାମ୍ପ ଏକ ପ୍ରକାର ମୁରବି ବିହୀନ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ଚାଷୀଙ୍କ ଉପରେ ପଡ଼ିଥିବା ବେଳେ ଚାଷ ସମୟରେ ସାର ଓ ବିହନ ନମିଳିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରେ ଅନିୟମିତତା ପାଇଁ ଭାରପ୍ରାପ୍ତ ପରିଚାଳନା ନିର୍ଦେଶକ ରଜତ କୁମାର ଗିରୀଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ଦାୟିତ୍ୱରେ ଥିବା ଦେବବ୍ରତ ମହାରଣାଙ୍କର ମଧ୍ୟ ସାସ୍ଥ୍ୟଗତ ସମସ୍ୟା ଯୋଗୁଁ ଲ୍ୟାମ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତମାନ ଚମ୍ପୁଆ ଲ୍ୟାମ୍ପରେ କୌଣସି ଯୋଗ୍ୟ ସ୍ଥାୟୀ କର୍ମଚାରୀ ନାହାନ୍ତି। ଫଳରେ ଏବେ ଚମ୍ପୁଆର ତିନୋଟି ଲ୍ୟାମ୍ପସ୍କୁ ସାର ଓ ବିହନ ଆସିପାରୁନାହିଁ। ଚାଷ କାର୍ଯ୍ୟ ପାଇଁ ଦିନ ଗଡିଯାଉଥିବା ବେଳେ ଚାଷୀ ମାନେ ଠିକ ସମୟରେ ସାର ଓ ବିହନ ପାଇ ପାରୁନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଂଚଳର ଚାଷୀ ମାନଙ୍କ ଆବଶ୍ୟକତା ଅନୁଯାୟୀ ଚମ୍ପୁଆ ଲ୍ୟାମ୍ପରେ ଡିଏପି ୨୦୦୦ କ୍ୱିଂଟାଲ, ୟୁରିଆ ୨୫୦୦ କ୍ୱିଂଟାଲ, ପଟାସ ୧୨୦୦ କ୍ୱିଂଟାଲ ସାରର ଆବଶ୍ୟକତା ରହିଥିବା ବେଳେ କରଞ୍ଜିଆ ଲ୍ୟାମ୍ପରେ ଡିଏପି ୧୮୦୦ କ୍ୱିଂଟାଲ, ୟୁରିଆ ୨୦୦୦ କ୍ୱିଂଟାଲ, ପଟାସ ୧୦୦୦ କ୍ୱିଂଟାଲ ଓ ଜାମୁଦଲକ ଲ୍ୟାମ୍ପରେ ଡିଏପି ୧୮୦୦ କ୍ୱିଂଟାଲ, ୟୁରିଆ ୨୦୦୦ କ୍ୱିଂଟାଲ ଓ ପଟାସ ୧୦୦୦ କ୍ୱିଂଟାଲ ସାରର ଆବଶ୍ୟକତା ରହିଛି। କିନ୍ତୁ ସାର ଓ ବିହନ ଅଭାବରୁ ଚମ୍ପୁଆ ଅଂଚଳର ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଚମ୍ପୁଆ ଲ୍ୟାମ୍ପ ସଭାପତି ଲଳିତ କୁମାର ସିଂ, ସମବାୟ ସମିତିର ସହକାରୀ ନିବନ୍ଧକଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡିଛି। ତେବେ ଚାଷୀଙ୍କ ସାମୁହିକ ସାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲା କୃଷି ଅଧିକାରୀ ଓ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଚମ୍ପୁଆ ଲ୍ୟାମ୍ପରେ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହ ଜରୁରୀକାଳୀନ ଭିତିରେ ସାର ଓ ବିହନ ଯୋଗାଇ ଦେବାକୁ ସ୍ଥାନୀୟ ଅଂଚଳରେ ଦୃଢ଼ ଦାବି ହେଉଛି।

# ମର୍ଜାକୁଦାରେ ରବିଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ



ବୌଦ୍ଧ(ପିପିଏସ୍) : ବୌଦ୍ଧ ସହର ମର୍ଜାକୁଦ୍ ଠାରେ ବୌଦ୍ଧ ପାକ୍ସର ରବି ଧାନ କ୍ରୟ କେନ୍ଦ୍ର ଉଦଘାଟିତ ହୋଇ ଯାଇଛି । ମା’ ଲକ୍ଷ୍ମୀଙ୍କ ଫୋଟ ଚିତ୍ର ନିକଟରେ ପାରମ୍ପରିକ ପୂଜାର୍ଚ୍ଚନା କରାଯିବା ପରେ ଶୁଭ ନାରିକେଳ ଭାଙ୍ଗି ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ସତ୍ୟଜିତ କୁମାର ପଣ୍ଡା ଉଦଘାଟନ କରିଥିଲେ । ଉକ୍ତ ଅବସରରେ ଟୋକନ ପାଇଥିବା ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ଶୁଭାରମ୍ଭ ହୋଇଥିଲା । ଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗ୍ରାମ କୃଷିସେବକ ସତ୍ୟବ୍ରତ ମେହେର, ପାକ୍ସ ସମ୍ପାଦକ ସତ୍ୟଜିତ କର, ଡାଟା ଏଣ୍ଟ୍ରିଅପରେଟର ସୁରେନ୍ଦ୍ର କୁମାର ମେହେର, କର୍ମଚାରୀ ସୁରେଶ ପଢିପଢି, ପାକ୍ସ ପରିଚାଳନା କମିଟି ସଦସ୍ୟ ନିରୋଦ୍ କୁମାର ସେଠୀ, ଭଗବାନ୍ ମେହେର, ଚିତ୍ତ ରଞ୍ଜନ ଦନାୟକଙ୍କ ସମେତ ସଦସ୍ୟ ଓ ଚାଷୀ ମାନେ ଉପସ୍ଥିତ ଥିଲେ ।

# ଆମ୍ବାଗୁଡାରେ ଅଭିଯୋଗ ଓ ଜନଶୁଣାଣି ଶିବିର

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଫାଇନାନ୍ସ ଅଫିସର ତତ୍ୱମଶି ଖୁଣ୍ଟିଆ, ଜିପିଡିଓ ସୁବାସ ଖିଲ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଆସିଷ୍ଟାଂଟ ସ୍ମିତା ପରିଡା ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ପାନିୟ ଜଳ ସମସ୍ୟା, ଅଙ୍ଗନବାଡୀ ନିର୍ମାଣ ଆଦି ଅଭିଯୋଗ କରିଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ହିତାଧିକାରୀମାନେ ପାଇବେ ସେନେଇ ସଚେତନ କରିଥିଲେ ।

# ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ‘ସୀତା କୁଣ୍ଡ’ରେ ସଫେଇ ଏବଂ ସୌନ୍ଦର୍ଯ୍ୟକରଣ ଅଭିଯାନ

ମାଲକାନଗିରି: ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମୁଦୁଲିପଡ଼ାରେ ୧୦୩ ବିଏସଏଫ ବାଟାଲିଆନର ଯବାନମାନଙ୍କ ଦ୍ୱାରା ପବିତ୍ର ଧାର୍ମିକ ସ୍ଥଳ ‘ସୀତା କୁଣ୍ଡ’ ରେ ଏକ ସଫାସୁତୁରା ଏବଂ ସୌନ୍ଦର୍ଯ୍ୟକରଣ ଅଭିଯାନର ଆୟୋଜନ କରାଯାଇଥିଲା। ଏହି ଅଭିଯାନର ଲକ୍ଷ୍ୟ ପରିବେଶଗତ ସଚେତନତା ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନର ପରିଷ୍କାର ପରିଚ୍ଛନ୍ନତା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଥିଲା। ବିଏସ୍‌ଏଫ୍ କର୍ମଚାରୀମାନେ, ସ୍ଥାନୀୟ ଗ୍ରାମବାସୀଙ୍କ ସହିତ, ଶ୍ରମଦାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପରିସର ସଫାସୁତୁରା କରିଥିଲେ। ଅଧିକ ଗଛଲତା ହଟାଇଥିଲେ ଏବଂ କୁଣ୍ଡ ଏବଂ ଏହାର ଆଖପାଖ ଅଞ୍ଚଳରୁ ଅଳିଆ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ପାଲ ସିଂହ ନେଗି, ସେକେଣ୍ଡ ଆଇସି ଅଫ୍ କମାଣ୍ଡାଣ୍ଟ, ; ସୁକ୍ରା ମୁଦୁଲି, ୱାର୍ଡ ସଦସ୍ୟ, ମୁଦୁଲିପଡ଼ା ଗ୍ରାମ, ସୁକ୍ରା ଧଙ୍ଗଡାମାଝୀ, ସୀତା କୁଣ୍ଡର ପୂଜକ; ଗ୍ରାମର ପ୍ରତିନିଧି, ଗ୍ରାମ କମିଟିର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ବିଏସଏଫ କର୍ମଚାରୀ, ପିଲା ଏବଂ ଗ୍ରାମବାସୀଙ୍କ ସମେତ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ଏହି ପ୍ରୟାସରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅଂଶ ଭାବରେ, ସମସ୍ତ ଅଂଶଗ୍ରହଣକାରୀଙ୍କୁ ପାନୀୟ ବଂଟନ କରାଯାଇଥିଲା। ବିଏସଏଫ ସ୍ଥାନୀୟ ପିଲାମାନଙ୍କୁ ସଦ୍ଭାବନା ସ୍ୱରୂପ ନୋଟବୁକ୍, କଲମ, ପେନସିଲ୍, ଇରେଜର ଏବଂ ଟଫି ମଧ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ଏବଂ ସ୍ଥାନୀୟ ସମ୍ପ୍ରଦାୟରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିଲା। ଏହି ପ୍ରୟାସ ବିଏସଏଫ ଏବଂ ସ୍ଥାନୀୟ ଜନସଂଖ୍ୟା ମଧ୍ୟରେ ପାରସ୍ପରିକ ବିଶ୍ୱାସ, ସହଯୋଗ ଏବଂ ସଦ୍ଭାବନାକୁ ଆହୁରି ମଜବୁତ କରିଥିଲା, ଯାହା ସାମାଜିକ ଦାୟିତ୍ୱ ଏବଂ ସମ୍ପ୍ରଦାୟ ପ୍ରତି ବିଏସଏଫର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

# ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା
## ଏସିରେ ଅଧିକାରୀ, ଗରମରେ ଅଭିଯୋଗକାରୀ



ରାୟଗଡ଼ା(ପିପିଏସ୍) : ରାୟଗଡ ଜିଲ୍ଲା ସଦର ମହକୁମାରେ ପ୍ରତ୍ୟକ ମାସର ପ୍ରଥମ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନେଇ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥାଏ। ଚଳିତ ମାସ ୧ ଜୁନ ସୋମବାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧିକ୍ଷକଙ୍କ ସହ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅଭିଯୋଗ ପ୍ରକୋଷ୍ଠ ଭିତରେ ସମସ୍ତ ଅଧିକାରୀ ଏସି ଭିତରେ ରହି ଗୋଟି ଗୋଟି କରି ଅଭିଯୋଗ ଗ୍ରହଣ କରୁଥିବାବେଳେ ଦୂରଦୂରାନ୍ତରୁ ଆସୁଥିବା ବୃଦ୍ଧ, ବୃଦ୍ଧା, ମହିଳା, ପୁରୁଷ, ଦିବ୍ୟାଙ୍ଗ ଓ ଅନେକ ସାଧାରଣ ଅଭିଯୋଗକାରି ପ୍ରକୋଷ୍ଠ ବାହାରେ ଗରମରେ ଆଉଟୁ ପାଉଟୁ ହେଉଥିବାର ଦୃଷ୍ଟିଗୋଚର ହୋଇଥିଲା । କାରଣ ଅଭିଯୋଗ କରିବାକୁ ଅପେକ୍ଷା କରିଥିବା ସ୍ଥାନରେ ପଙ୍ଖା ଖଣ୍ଡିକର ବ୍ୟବସ୍ଥା ନାହିଁ । କେବଳ ପଙ୍ଖା ନଥିବାରୁ ଭୀଷଣ ଗରମ ତାହା ନୁହେଁ, ତା ସାଙ୍ଗକୁ ଅଭିଯୋଗ ପ୍ରକୋଷ୍ଠରୁ ବାହାରୁଥିବା ଗରମ ମଧ୍ୟ ଲୋକଙ୍କୁ ଓ ଏପରିକି ମୁତୟନ ହୋଇଥିବା ପୋଲିସ ଫୋର୍ସକୁ ମଧ୍ୟ ସହ୍ୟ କରିବାକୁ ପଡୁଥିଲା । ସେଭଳି ପରିସ୍ଥିତିରେ ଅପେକ୍ଷାରେ ରହିଥିବା କିଛି ମହିଳା ଓ ପୁରୁଷ ଅଭିଯୋଗକାରୀ ନିଜ ପିନ୍ଧା ଲୁଗା, ଟାୱାଲ, ହାତରେ ଧରିଥିବା ଅଭିଯୋଗ ଆବେଦନରେ ବିଞ୍ଚିହେଉଥିବା ଦେଖିବାକୁ ମିଳିଥିଲା । ତେବେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଡ଼ଃ ବାଦଲ ତା, ରଞ୍ଜନ ରଥ, ଦିପକ ପୃଷ୍ଟିଙ୍କ ସମେତ ଅନ୍ୟମାନେ ତୁରନ୍ତ ଉକ୍ତ ସ୍ଥାନରେ ପଙ୍ଖାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

# ବୌଦ୍ଧରେ ନୂତନ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ



ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବରେ ଭାରତୀୟ ପୁଲିସ ସେବାର ଅଧିକାରୀ କୁଲଦୀପ୍ ମୀନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୀନା କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯିବା ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶ୍ରୀ ମୀନା ବିଦାୟୀ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ବୌଦ୍ଧ ଜିଲ୍ଲା ପୋଲିସର ସମସ୍ତ ଅଧିକାରୀ ଓ ବିଭିନ୍ନ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ମୀନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ରାଇଘରରେ ସର୍ବାଧିକ ୨୭.୦ ମି.ମି. ବର୍ଷା

ନବରଙ୍ଗପୁର : ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି । ନବରଙ୍ଗପୁର ଜିଲ୍ଲାର ରାଇଘରରେ ସର୍ବାଧିକ ୨୭.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁରରେ ୨୫.୦ ମି.ମି., ନବରଙ୍ଗପୁର(ପିଟିଓ)ରେ ୨୪.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁରରେ ୨୨.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ମୋରଡ଼ାରେ ୨୦.୨ ମି.ମି., ବାଲେଶ୍ୱର ଜଇପୁରରେ ୧୭.୬ ମି.ମି., ନୂଆପଡା ଜିଲ୍ଲାର ବୋଡେନରେ ୧୫.୦ ମି.ମି., ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡିରେ ୧୦.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ଉଦଳାରେ ୮.୧ ମି.ମି., ରାସଗୋବିନ୍ଦପୁରରେ ୮.୦ ମି.ମି., ବେତନଟିରେ ୭.୦ ମି.ମି., ନୂଆପଡା ଜିଲ୍ଲାର ନୂଆପଡାରେ ୭.୦ ମି.ମି. ଏବଂ ମାଲକାନଗିରି ଜିଲ୍ଲାର ପଡିଆରେ ୬.୩ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଜୟପୁର କଳାକେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ

ଜୟପୁର: ଜୟପୁର ସ୍ଥିତ ଗୀତାଞ୍ଜଳି କଲ୍ୟାଣ ମଣ୍ଡପଠାରେ ଜୟପୁର କଳାକେନ୍ଦ୍ରର ୩୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରଥମ ଅଧିବେଶନରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ପ୍ରକାଶ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଲାଲ୍ଟୁକୁମାର୍ ସେଓଫ୍ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଲେଖକଧାରୀ କୃଷ୍ଣଚନ୍ଦ୍ର ନିଶଙ୍କ, ବିଭାଗୀୟ ଅଧିକାରୀ ଜୟଦେବ ବେହେରା, ହରିକାନ୍ତ ପାତ୍ରୀ ଏବଂ ଶ୍ରୀନାଥ ମିଶ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସଂସ୍ଥାପକ ତଥା ନିର୍ଦ୍ଦେଶକ ଗୁରୁ ଡ. କାହ୍ନୁ ଚରଣ ପ୍ରଧାନ ଏବଂ ମଂଚ ପରିଚାଳକ ଆଲୋକ ମହାରଣା (କାକା) କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଏହି ଅବସରରେ ଗୁରୁ ଲୋକନାଥ ଦାସ, ଡ. ରାଜେନ୍ଦ୍ର ଧାରୀ, ଏବଂ ବିରଂଚି ନାରାୟଣ ପାଣ୍ଡିଆରୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସଂବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା, ଯାହାର ନିର୍ଦ୍ଦେଶନା ଗୁରୁ ଲିଙ୍ଗରାଜ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ଏବଂ ଗୁରୁ ଜୀବାଲି ପ୍ରଧାନ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଭିଡିଓରେ ଓଡ଼ିଆରେ ସମ୍ବାଦପତ୍ର ଉପରେ ଏକ ସୁନ୍ଦର ରଚନା ଉପସ୍ଥାପନ କରାଯାଇଛି ଯାହା ଆପଣଙ୍କ ଲେଖନ ଶୈଳୀକୁ ଅଧିକ ସମୃଦ୍ଧ କରିବ।

# ବଙ୍ଗୋମୁଣ୍ଡା ପଞ୍ଚାୟତସମିତି ସ୍ନାତକ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ

ବଲାଙ୍ଗିର,(ପିପିଏସ୍) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ୯୬ଟି ସିଟ ର ଅନୁମୋଦନ ପାଇଛି । ଫଳରେ ବିଜ୍ଞାନ ପାଠ ପଢିବାକୁ ଆଗ୍ରହୀ ଥିବା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେହିପରି ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଆଶା ମଧ୍ୟ ପୂରଣ ହୋଇଥିବା ଜଣାପଡିଛି । ଏହି ମହାବିଦ୍ୟାଳୟରେ ପୂର୍ବରୁ କଳା ଓ ବାଣିଜ୍ୟ ଖୋଲିଥିବା ବେଳେ ବର୍ତ୍ତମାନ ବିଜ୍ଞାନ ବିଷୟ ଖୋଲା ଯାଇଥିବାରୁ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ଅଞ୍ଚଳର ଗରିବ ମେଧାବୀ ଛାତ୍ର ଛାତ୍ରୀ ମାନେ ଆସି ବିଜ୍ଞାନ ପାଠ ପଢିବେ ବୋଲି ସ୍ଥାନୀୟ ଲୋକେ ଆଶା ବାନ୍ଧିଛନ୍ତି । ନାମଲେଖା ଶୁଭାରମ୍ଭ ହୋଇଥିବା ନେଇ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ଶୋଭେନ୍ଦ୍ର କୁମାର ମେହେର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବଲାଙ୍ଗୀର ଜିଲ୍ଲାର ଶେଷ ସୀମାରେ ଅଛି ବଙ୍ଗୋମୁଣ୍ଡା ବ୍ଲକ । ଆଉ ବଙ୍ଗୋମୁଣ୍ଡା ବ୍ଲକ ହେଉଛି ଦାଦନ ପ୍ରବଣ ଅଞ୍ଚଳ । ଦାଦନ ପାଇଁ ବେଶ ପରିଚିତି ପୁଣି ସେହି ଅଞ୍ଚଳରେ ବିଜ୍ଞାନ ବିଭାଗ ପାଠ୍ୟକ୍ରମ ଆରମ୍ଭ ହୋଇଛି। ତେବେ ଦୀର୍ଘ ଦିନର ଶିକ୍ଷାଦାନର ମୁଖ୍ୟ ସମସ୍ୟା ପୂରଣ ହୋଇଥିବା ଯୋଗୁଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବିଜ୍ଞାନ ପାଠ ପଢିବା ପାଇଁ ଅଞ୍ଚଳର ବହୁ ଛାତ୍ର ଛାତ୍ରୀ ଦୂରଦୁରାନ୍ତକୁ ଯାଇ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା । ତେବେ ଏଠାରେ ବର୍ତ୍ତମାନ ଛାତ୍ର ଛାତ୍ରୀମାନେ ନିଜ ଅଞ୍ଚଳରେ ସୁରକ୍ଷିତ ଭାବେ ରହି ପାଠ ପଢିପାରିବେ ବୋଲି ଶିକ୍ଷାବିତ ମହଲରେ ମତପ୍ରକାଶ ପାଇଛି ।

# ବିଇଓଙ୍କୁ ସମ୍ବର୍ଦ୍ଧିତ କଲା ପ୍ରାଥମିକ ଶିକ୍ଷକ ସଂଘ



ବୌଦ୍ଧ(ପିପିଏସ୍) : ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନଙ୍କ ଛେଣ୍ଡିପଦା ଅନଗୁଳକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇଥିବାରୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନ୍ ଯୋଜନା ଭୁକ୍ତ )ର ସଭାପତି ରାଜକୁମାର ପ୍ରଧାନଙ୍କ ଅଧକ୍ଷତାରେ ଏକ ପ୍ରତିନିଧି ଦଳ ଆଜି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇ ଅଛନ୍ତି କ୍ଷ ସଭାପତି ଶ୍ରୀ ପ୍ରଧାନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଥିବା ସହଯୋଗକୁ ପ୍ରଶଂସା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଧାନ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଶିକ୍ଷକ ସଂଘର ସହଯୋଗରେ ସଫଳତା ପ୍ରାପ୍ତି ହୋଇଛି ବୋଲି ବକ୍ତବ୍ୟ ରଖିବା ସହିତ ଆଗାମୀ ଦିନରେ ବିଭାଗୀୟ କାର୍ଯ୍ୟକ୍ରମରେ ପୂର୍ବପରି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଏହି ଅବସରରେ କାର୍ଯ୍ୟାଳୟର କିରାଣୀ ସୁଧୀର କୁମାର ବେହେରାଙ୍କ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ଏବଂ ପ୍ରବୀଣ ରଞ୍ଜନ ସେଠୀଙ୍କ ସରସରା ହାଇସ୍କୁଲରୁ ବୌଦ୍ଧ ବି ଇ ଓ ଅଫିସକୁ ବଦଳି ହୋଇ ଯୋଗଦାନ କରିଥିବାରୁ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ବ୍ଲକ ଉପସଭାପତି ଅଶୋକ ଘିବେଲା, ସମ୍ପାଦକ ଉତ୍ତମ ନାଏକ, ସଦସ୍ୟ ସୁଶାନ୍ତ କୁମାର ସାହୁ, ମୋହନ କରଡ଼ିଆ, ରଂଜିତା ମିଶ୍ର, କାତ୍ୟାୟିନୀ ପାଢ଼ୀ, ସୁଧା ହୋତା,ସୁଶୀଲ କୁମାର ବାରିକ, ସନତ କୁମାର ବାରିକ, ରମାକାନ୍ତ ବେହେରା, ସ୍ୱାଧୀନ ପ୍ରଧାନ, ଦେବେନ୍ଦ୍ର ହାତୀ, ଗଜେନ୍ଦ୍ର ମହାଳିକ, ସୁରେନ୍ଦ୍ର ମାଝୀ, ସନ୍ତୋଷ ମଲ୍ଲିକ, ଚିତ୍ତରଞ୍ଜନ ସାହୁ,ଉମେଶ ମେହେର, ଜୟରାମ ମେହେର,କେଶବ ମେହେର, ବାସୁଦେବ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମାଳର ଝିଅ ସୋନମଙ୍କୁ ମୁମ୍ବାଇରେ ଜାତୀୟ ସମ୍ମାନ

କନ୍ଧମାଳ: ଓଡ଼ିଶାର କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁରାଦେଇ ଗ୍ରାମର ଯୁବ ନେତ୍ରୀ ସୋନମ ବେହେରା ମୁମ୍ବାଇରେ ଆୟୋଜିତ ବିଡବ୍ଲ୍ୟୁ ବିଜିନେସ୍ ୱାର୍ଲ୍ଡ ଫେଷ୍ଟିଭାଲ ଅଫ ୱେଲ୍ ବିଇଙ୍ଗ୍ ୨୦୨୬ ଅବସରରେ ପ୍ରତିଷ୍ଠିତ “ ରାଇଜିଙ୍ଗ ୟୁଥ ଲିଡର ଆୱାର୍ଡ ” ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ଦେଶର ସେହି ଯୁବ ନେତୃତ୍ୱମାନଙ୍କୁ ପ୍ରଦାନ କରାଯାଏ, ଯେଉଁମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥାନ୍ତି ।ବାଲ ରକ୍ଷା ଭାରତ (ସେଭ ଦି ଚିଲଡ୍ରେନ) ଦ୍ୱାରା ପରିଚାଳିତ ଜି ଡି ଏନ ପ୍ରକଳ୍ପ ମାଧ୍ୟମରେ ସୋନମ ମାଇକ୍ରୋ ପ୍ରୋଜେକ୍ଟରେ ଗତ ଏକ ବର୍ଷ ଧରି ଯୁବ ନେତୃତ୍ୱ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି କିଶୋରୀମାନଙ୍କ ମଧ୍ୟରେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି, ଏହାକୁ ନେଇଥିବା କୁସଂସ୍କାର ଓ ଭ୍ରାନ୍ତ ଧାରଣା ଦୂରୀକରଣ ତଥା ଯୁବ ନେତୃତ୍ୱ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ ।ଗ୍ରାମ ସ୍ତରରେ ତାଙ୍କର ନିରନ୍ତର ପ୍ରୟାସ ଫଳରେ ଅନେକ କିଶୋରୀ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ଅଭ୍ୟାସ ଅପଣାଇବା ସହ ନିଜ ସ୍ୱାସ୍ଥ୍ୟ, ଅଧିକାର ଓ ଆତ୍ମବିଶ୍ୱାସ ପ୍ରତି ଅଧିକ ସଚେତନ ହୋଇପାରିଛନ୍ତି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ତାଙ୍କର ଏହି ନିଷ୍ଠା ଓ ନେତୃତ୍ୱକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି ।ତାଙ୍କର ଏହି ଉଲ୍ଲେଖନିୟ କୃତିତ୍ୱ ପାଇଁ ଦିଲ୍ଲୀ ସ୍ଥିତ (ଏନ ଏସ ଓ) ବାଲ ରକ୍ଷା ଭାରତର ପ୍ରକଳ୍ପ କାର୍ଯ୍ୟକାରୀ ମୁଖ୍ୟ ପ୍ରଦୀପ କୁମାର ମିଶ୍ର, ସୋମି ହଲଦାର ଓ ଓଡ଼ିଶାର ମୁଖ୍ୟ ଡାକ୍ତର ଅଭିଜିତ ଭଦ୍ରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନମଙ୍କ ଏହି ସଫଳତା କେବଳ ଖଜୁରୀପଡା କିମ୍ବା କନ୍ଧମାଳ ଜିଲ୍ଲା ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କର ଏହି ଉପଲବ୍ଧି ଅନ୍ୟ ଯୁବପିଢ଼ିଙ୍କୁ ସମାଜ ସେବା, ନେତୃତ୍ୱ ବିକାଶ ଏବଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ପ୍ରେରଣା ଯୋଗାଇବ। ତାଙ୍କର ଏହି ସଫଳତା।

# ସାହିତ୍ୟ ଆସର କାର୍ଯ୍ୟକ୍ରମ

ଜୟପୁର: ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁର ମାସିକ ସାହିତ୍ୟ ଆସର ସାହିତ୍ୟ ଟୁଙ୍ଗିରେ କବିସମ୍ରାଟ ଉପେନ୍ଦ୍ର ଭଂଜ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ବିଷୟରେ ଛାତ୍ରଛାତ୍ରୀ ମଧ୍ୟରେ ଏକ ଅଭିନ୍ନ ଉପାୟରେ ସବିଶେଷ ବିଷୟ ଉପସ୍ଥାପନା ହୋଇଥିଲା। ଆବାଳବୃଦ୍ଧବନିତା ଉପେନ୍ଦ୍ର ଭଞ୍ଜଙ୍କ ଫୋଟୋ ଚିତ୍ର ଅଙ୍କନ କରିଥିଲେ। ଛାତ୍ରୀ ଆରାଧା କୌଶିକ ଓ ଅନିଶା କୌଶିକ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଅମୂଳଚୂଳ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ଜୀବନୀ ଉପସ୍ଥାପନ କରିଥିଲେ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସଂସ୍କୃତି ସାମନ୍ତରାୟ। ସଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜାନକୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ତାରିଣୀ ମିଶ୍ର, ବିପିନ କୁମାର ପାତ୍ର, ପ୍ରତୀତ କାଂଚନ ସାହୁ, ତପନ କିରଣ ତ୍ରିପାଠୀ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସରସ୍ୱତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂସଦର ସମ୍ପାଦକ ବୈରାଗୀ ଚରଣ ସାହୁ କବିତାପାଠ ଉତ୍ସବକୁ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କୋମଳମତି ଶିଶୁଙ୍କ ଉପରେ ଏହି କାର୍ଯ୍ୟକ୍ରମ ସୁନ୍ଦର ପ୍ରଭାବ ପକାଇବ ବୋଲି ଉପସ୍ଥିତ ସତଜନ ମଣ୍ଡଳୀ ଆଶା ପ୍ରକଟ କରିଥିଲେ।

# ଦେଶୀ ବନ୍ଧୁକ ସହ ଗୁଳି ଜବତ, ଜଣେ ଗିରଫ

ସମ୍ବଲପୁର: ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନସ୍ଥ ବେସରକାରୀ ବସ୍‌ଷ୍ଟାଣ୍ଡ ଅଂଚଳରେ ଗତ ୩୦ ମେ ରାତିରେ ପୁଲିସ ପକ୍ଷରୁ ଚାଲିଥିବା ଏକ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ସମୟରେ ଅବୈଧ ଅସ୍ତ୍ର ରଖିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସମ୍ବଲପୁର ଅଙ୍ଗୁଳିଆପଡ଼ା ଅଂଚଳର ୨୬ ବର୍ଷୀୟ ନରେନ୍ଦ୍ର ନାଏକ ବୋଲି ଜଣାପଡିଛି । ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୁଲିସ ତାଙ୍କୁ କାବୁ କରି ବ୍ୟକ୍ତିଗତ ତଲାସି କରିଥିଲା। ତଲାସି ବେଳେ ତାଙ୍କ ନିକଟରୁ ଗୋଟିଏ ସିଙ୍ଗଲ୍-ସଟ୍ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ଏବଂ ଗୋଟିଏ ମୋଟୋରୋଲା ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଜବତ ସାମଗ୍ରୀକୁ ଆଇନଗତ ପ୍ରକ୍ରିୟା ଅନୁସାରେ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅଇଁଠାପାଲି ଥାନାରେ କେସ୍ ୧୫୬/୨୬ରେ ଭାରତୀୟ ଅସ୍ତ୍ର ଆଇନର ଧାରା ୨୫(୧ଏ)/୨୫(୧ବି)(ଏ) ଅଧୀନରେ ମାମଲା ରୁଜୁ ହୋଇଛି। ଏହିଭଳି ବିଭିନ୍ନ ସମୟରେ ମାରଣାସ୍ତ୍ର ଜବତ ହେବା ଘଟଣାକୁ ନେଇ ଏବେ ଜିଲ୍ଲା ପୋଲିସ ପ୍ରଶାସନ ମାତ୍ରାଧିକ ଗୁରୁତ୍ୱ ଦେଇ ଏହାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର



ଦେବଗଡ(ପିପିଏସ୍) : ଜିଲ୍ଲପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୮ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୩୧ ଟି ବ୍ୟକ୍ତିଗତ ଏବଂ ୧୭ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ଜମି ବାଡ଼ି ବିବାଦ, ପାନୀୟ ଜଳ , ବାର୍ଦ୍ଧକ୍ୟ ଭତା,ପ୍ରଧାନମନ୍ତ୍ରୀ ଆବାସ ଓ ବିଦ୍ୟୁତ୍ ସଂଯୋଗୀକରଣ ସଙ୍ଗତେ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ,ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦିଲୀପ କୁମାର ପ୍ରଧାନ,ଏସିଏଫ୍ ସ୍ୱାଧୀନତା ସାହାଣୀ,ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍ ,ଡେପୁଟି କଲେକ୍ଟର ସୌମ୍ୟା ସୁଚିସ୍ମିତା,ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ,ତହସିଲଦାର କର୍ଣ୍ଣ ମଲିକ୍ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାଇଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେଉଁ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୩।୦୬ । ୨୦୨୬ ■ ବୁଧବାର

# ବିଚାରପତିଙ୍କ ସଂଖ୍ୟା

ସୁପ୍ରିମକୋର୍ଟରେ ବିଚାରପତିମାନଙ୍କ ସଂଖ୍ୟା ୩୩ରୁ ବୃଦ୍ଧି କରି ୩୭ କରିବା ଲାଗି କେନ୍ଦ୍ର ସରକାର ଯେପରି ଭାବେ ଅଧ୍ୟାଦେଶ ଜାରି କରିଛନ୍ତି, ତହିଁରୁ ଜଣାପଡୁଛି ଯେ ଶୀର୍ଷ ଅଦାଲତରେ ଶୀଘ୍ର ହିଁ ବିଚାରପତିମାନଙ୍କ ସଂଖ୍ୟା ବଢ଼ିବା ଲାଗି ସରକାର ଚାହୁଁଛନ୍ତି । ଏବେ ପ୍ରଧାନ ବିଚାରପତିଙ୍କୁ ମିଶାଇ ସର୍ବୋଚ୍ଚ ଅଦାଲତରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ବଢ଼ିକରି ୩୮ ହୋଇଯିବ । ନିଶ୍ଚିତ ଭାବେ ଏହାଫଳରେ ସୁପ୍ରିମକୋର୍ଟରେ ବିଚାର ପାଇଁ ପଡ଼ିରହିଥିବା ମକଦ୍ଦମାର ବୋଝକୁ ହ୍ରାସ କରିବା ଓ ନ୍ୟାୟିକ ପ୍ରଣାଳୀରେ ଗତି ଆଣିବାରେ ସହାୟତା ମିଳିବ । ତେଣୁ ଆଶା କରାଯାଉଛି ଯେ ଏହା ଫଳରେ ସୁପ୍ରିମକୋର୍ଟରେ ଲୋକମାନଙ୍କୁ ଶୀଘ୍ର ନ୍ୟାୟ ମିଳିପାରିବ, କିନ୍ତୁ ପ୍ରଶ୍ନ ହେଉଛି ହାଇକୋର୍ଟମାନଙ୍କରେ ଏବଂ ଅଧୀନସ୍ଥ କୋର୍ଟମାନଙ୍କରେ ସ୍ଥିତି କିପରି ଓ କେବେ ବଦଳିବ ? ଆବଶ୍ୟକତା ଏପରି ଉପାୟ ଗ୍ରହଣ କରିବା ଦରକାର ଯାହାଫଳରେ ହାଇକୋର୍ଟ ଓ ଅଧୀନସ୍ଥ କୋର୍ଟମାନଙ୍କରେ ମଧ୍ୟ ପଡ଼ିରହିଥିବା ମକଦ୍ଦମାଗୁଡ଼ିକର ବୋଝ କମ୍ ହୋଇପାରିବ ଓ ଲୋକମାନଙ୍କୁ ସମୟରେ ନ୍ୟାୟ ସୁଲଭ ଭାବେ ଯୋଗାଯାଇ ପାରିବ । ଆଜି ଯଦି ସୁପ୍ରିମକୋର୍ଟରେ ୯୩ ହଜାରରୁ ଅଧିକ ମାମଲା ବିଚାର ପାଇଁ ପଡ଼ିରହିଛି, ହାଇକୋର୍ଟ ଓ ତଳକୋର୍ଟମାନଙ୍କରେ ସାଢ଼େ ପାଞ୍ଚକୋଟିରୁ ଅଧିକ ମକଦ୍ଦମା ବିଚାର ପାଇଁ ରହିଛି ।

ସୁପ୍ରିମକୋର୍ଟଠାରୁ ଆରମ୍ଭ କରି ଜିଲ୍ଲାସ୍ତର ଯାଏ ଥିବା ଅଦାଲତମାନଙ୍କରେ ବିଚାରାଧୀନ ମାମଲାର ବୋଝ କିପରି ହ୍ରାସ ପାଇବ ସେ ପାଇଁ ଶାସନ ପକ୍ଷରୁ କେବେ ବିବେଚନା କରାଯାଉଛି କି ନା ସନ୍ଦେହ । ସ୍ଥିତି ଆଜି ଏପରି ହୋଇଛି ଯେ ସାଧାରଣ ମାମଲାର ବିଚାର କରାଯିବା ପାଇଁ ବର୍ଷବର୍ଷ ସମୟ ଲାଗୁଛି ଓ ଅନେକ ସମୟରେ ତାହା ଦଶ, କୋଡ଼ିଏ ବର୍ଷ ଭିତରେ ମଧ୍ୟ ଚୂଡ଼ାନ୍ତ ହୋଇପାରୁ ନାହିଁ । ଧ୍ୟାନଦେବା ଯୋଗ୍ୟ ଯେ ନ୍ୟାୟ ପ୍ରଦାନରେ ବିଳମ୍ବ ଏକପ୍ରକାରେ ଅନ୍ୟାୟ ଭାବେ ବିବେଚିତ । ଏଥିପ୍ରତି କାହାର ଦୃଷ୍ଟି ଥିବାଭଳି ଜଣାପଡୁ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ହେଉ କି ହାଇକୋର୍ଟ କି ଅଧୀନସ୍ଥ କୋର୍ଟ, ଏସବୁରେ କେବଳ ବିଚାରପତିମାନଙ୍କ ସଂଖ୍ୟା ବୃଦ୍ଧି କରାଇଦେଲେ ସମସ୍ୟାର ସମାଧାନ ହେବନାହିଁ । ଯଦି ସମୟରେ ନ୍ୟାୟ ପ୍ରଦାନ କରିବା କଥା ତେବେ ପ୍ରତ୍ୟେକ ସ୍ତରରେ ନ୍ୟାୟପାଳିକାକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବା ଇନ୍‌ଫ୍ରାଷ୍ଟ୍ରକ୍‌ଚର ମଧ୍ୟ ପ୍ରଦାନ କରିବା ଦରକାର । କୌଣସି କୋର୍ଟ କେବଳ ବିଚାରପତିଙ୍କୁ ନେଇ ଚାଲେ ନାହିଁ । ଆବଶ୍ୟକ କର୍ମଚାରୀଙ୍କ ବ୍ୟତୀତ, ଓକିଲମାନଙ୍କ ସହଯୋଗ ମଧ୍ୟ ନିହାତି ଦରକାର । ପୋଲିସ୍ ବିଭାଗ ହେଉ କି ରାଜସ୍ୱ ବିଭାଗ, ସମସ୍ତଙ୍କର ପୂର୍ଣ୍ଣ ସହଯୋଗ ମଧ୍ୟ ନିହାତି ଦରକାର । ତାହା ମିଳିଲେ ଯାଇ କୋର୍ଟ ଠିକ୍ ଭାବରେ ନ୍ୟାୟ ପ୍ରଦାନ କରିପାରିବ, ସମୟ ମଧ୍ୟ ବରବାଦ ହେବନାହିଁ ।

ନ୍ୟାୟ ପ୍ରଦାନରେ ବିଳମ୍ବର ଏକ ବଡ଼ କାରଣ ନ୍ୟାୟାଧୀଶମାନଙ୍କର ଅଭାବ ନୁହେଁ, ବରଂ ସଂସାଧନର ଅଭାବ । ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ଅନ୍ୟ କୋର୍ଟମାନଙ୍କରେ ମଧ୍ୟ ବିଚାରପତିମାନଙ୍କ ସଂଖ୍ୟା ବୃଦ୍ଧି ଗମ୍ଭୀରତାର ସହ ବିଚାର କରାଯିବା ଦରକାର । କାରଣ, ଆମ ଦେଶରେ ପ୍ରତି ଦଶଲକ୍ଷ ଜନସଂଖ୍ୟାରେ ପ୍ରାୟ ୨୨ ଜଣ ନ୍ୟାୟାଧୀଶ କାର୍ଯ୍ୟରତ ଅଛନ୍ତି । ଅନ୍ୟପକ୍ଷରେ ବିକଶିତ ଦେଶମାନଙ୍କରେ ପ୍ରତି ଦଶଲକ୍ଷ ଜନସଂଖ୍ୟାରେ ନ୍ୟାୟାଧୀଶଙ୍କ ସଂଖ୍ୟା ଶହେରୁ ଅଧିକ । ଅନେକ ଦଶନ୍ଧି ପୂର୍ବେ ବିଧି ଆୟୋଗ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରାଯିବାର ଆବାଶ୍ୟକତା ଦର୍ଶାଇଥିଲା । ଏହି ଆବଶ୍ୟକତାର ପୂରଣ ଲାଗି କାହିଁକି କୌଣସି ପଦକ୍ଷେପ ନିଆଗଲା ନାହିଁ, ତାହା କେହି କହୁନାହାନ୍ତି । ସମୟରେ ନ୍ୟାୟ ଉପଲବ୍ଧ କରିବା ଲାଗି ଆବଶ୍ୟକ ହେଉଛି ନ୍ୟାୟିକ ପ୍ରକ୍ରିୟାର କଳକୌଶଳ ବଦଳିବା । ଏହା ଛଡ଼ା କାର୍ଯ୍ୟପାଳିକା ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧରେ ମକଦ୍ଦମା କରିବାର ପ୍ରବୃତ୍ତିକୁ ପରିତ୍ୟାଗ କରିବା ଦରକାର । ଯଦି ଏହା କରାନଯାଏ, ତେବେ ତାରିଖ ପରେ ତାରିଖ ଥମିବାର ନାମ ନେବ ନାହିଁ । ❑❑

# ଅତି ବିଶ୍ୱସ୍ତ

ଆଜିର ସମୟରେ ଆମ୍ଭମାନଙ୍କୁ ଦୁନିଆକୁ ଏବଂ ଦୁନିଆର ଆଲୋକ ଦେଖାଇ ଥିବା ବାପାମାଆଙ୍କ ଠାରୁ ବଡ଼ ଭଗବାନ କେହି ନାହାଁନ୍ତି । ଏହି କ୍ରମରେ ଏକ ଆଧ୍ୟାତ୍ମିକ ପୁସ୍ତକର ଘଟଣାକ୍ରମ ମୋର ମନେପଡ଼ିଯାଉଛି । ରାଜାଙ୍କ ଶୟନ କକ୍ଷକୁ ଲାଗିଥିବା ଛୋଟ କୋଠରୀଟିରେ ତାର କାମ । ଚାକିରୀ ପାଇଁ ଯୋଗ୍ୟ ବିବେଚିତ ହେବା ଲାଗି ବର୍ତ୍ତମାନ ତାଲିମ ପାଉଛି ସେ । ଯେତିକି କାମ ଓ ଯେମିତି କାମ, ସେତିକି ପଇସା । ରାତିରେ ଜଗିବା କାମ ତାହାର । ରାଜାଙ୍କୁ କିନ୍ତୁ ନିଦ ନାହିଁ । ଘଣ୍ଟି ବଜାଇଲେ ରାଜା ଖଣ୍ଡେ ବହି ଉଦ୍ଦେଶ୍ୟରେ । କିନ୍ତୁ କେହି ଶୁଣିଲେ ନାହିଁ । ଜଗୁଆଳୀ ଶୋଇ ପଡ଼ିଛି ବୋଧେ । ରାଜା ଆଉ ଥରେ ଘଣ୍ଟି ବଜାଇଲେ । ତଥାପି କେହି ଶୁଣୁ ନାହାନ୍ତି । ବ୍ୟସ୍ତ ହୋଇ ତୃତୀୟ ଥର ଜୋରରେ ଘଣ୍ଟି ଦେଲେ ରାଜା । ଆଶ୍ଚର୍ଯ୍ୟ, କ'ଣ ହୋଇପାରେ ଏହାର ରହସ୍ୟ ? ଶଯ୍ୟାରୁ ଉଠି ଝରକା ଜଳାବାଟେ ରାଜା ଉଣ୍ଡି ଦେଖିଲେ ବାଳକ ଭୃତ୍ୟଟିଏ ଅତି ସୁଖ ନିଦ୍ରାରେ ଅଭିଭୂତ ।

ଜଳୁଛି ଗୋଟିଏ ମହମ ବତୀ ଓ ତା ପାଖରେ ଖଣ୍ଡେ ଅସମାପ୍ତ ଚିଠି । କୌତୁହଳ ବଶତଃ ରାଜା ବାହାରକୁ ଆସି ପଢ଼ିଲେ ଚିଠିଟି । ସେଥିରେ ଲେଖା ଥିଲା, 'ପରମ ପୂଜ୍ୟା ମା', ରାତି ଅନିଦ୍ରା ରହି ଜଗୁଆଳୀ କାମ କରିବାକୁ ସ୍ୱଇଚ୍ଛାରେ ମୁଁ ଆଜି ତୃତୀୟ ରାତି ମଧ୍ୟ ଆସିଛି । ରାତି ଅନିଦ୍ରା ଆଉ ସମ୍ଭାଳି ହେଉନାହିଁ, ତଥାପି ମୋର ଆନନ୍ଦର ସୀମା ନାହିଁ ମାଆ । ଏ ତିନି ଦିନ କାମ କରି ଯେଉଁ ୧୨ ଟଙ୍କା ମୁଁ ରୋଜଗାର କରିଛି, ତାହା ତୁଳନାରେ ଏ କଷ୍ଟ କିଛି ନୁହେଁ । ଟଙ୍କା ପଠାଇଲି, ଏହା ଦ୍ୱାରା ତୋର କିଛିଟା ଅଭାବ ତ ପୂରଣ ହୋଇପାରିବ । ରାଜା ଥରେ ପିଲାଟିର ମୁହଁକୁ ଦେଖୁଥାନ୍ତି । କୋମଳ ବାଳକଟିର ମାଆ ପ୍ରତି ଥିବା ନିର୍ମଳ ପ୍ରେମ ରାଜାଙ୍କୁ ଅଭିଭୂତ କଲା । ସେ ନିଜ କକ୍ଷକୁ ଫେରି ଯାଇ ଆଉ କିଛି ଟଙ୍କା ଆଣି ପିଲାଟି ପକେଟରେ ରଖି ଦେଲେ । ସେ ଭାବିଲେ ଏ ଟଙ୍କା ତକ ମଧ୍ୟ ସେ ତା ମାଆ ପାଖକୁ ପଠାଇ ଦେଉ ।

କିଛି ସମୟ ପରେ ପିଲାଟିର ନିଦ ଭାଙ୍ଗିଲା । ପକେଟରେ ଥିବା ଅଧିକ ଟଙ୍କା କୁଆଡୁ ଆସିଥାଇ ପାରେ, ଭାବି ଭାବି ସେ କଥାଟା ବୁଝିଗଲା । ପ୍ରତ୍ୟୁଷରୁ ରାଜାଙ୍କ ଆଗମନକୁ ଅପେକ୍ଷା କରି ବସିଥାଏ ସେ । ରାଜ ନିଜ କୋଠରୀରୁ ବାହାରିଲା ବେଳକୁ ସେ ଦୌଡ଼ିଯାଇ ରାଜାଙ୍କ ପାଦତଳେ ଆଣ୍ଠେଇ ପଡ଼ି, କର୍ତ୍ତବ୍ୟରେ ଅବହେଳା କରି ଥିବା ଯୋଗୁ କ୍ଷମା ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ତାଙ୍କ ଠାରୁ ପାଇଥିବା ଅଯାଚିତ ଉପହାର ପାଇଁ ମଧ୍ୟ କୃତଜ୍ଞତା ଜ୍ଞାପନ କଲା । ନିଜର ଗରିବ ମାଆ ପ୍ରତି ତା ହୃଦୟର ଭାବକୁ ପ୍ରଶଂସା ନକରି ରାଜା ରହିପାରିଲେ ନାହିଁ । ସେହିଦିନ ଠାରୁ ରାଜାଙ୍କ ଦୟାରୁ ତାକୁ ଆହୁରି ବଡ଼ ଦାୟିତ୍ୱକୁ ପଦୋନ୍ନତି ଦିଆଗଲା । ସେ ମଧ୍ୟ ତାର ଦାୟିତ୍ୱ ଓ କର୍ତ୍ତବ୍ୟ ରାଜାଙ୍କର ଅତି ବିଶ୍ୱସ୍ତ କର୍ମଚାରୀ ଭାବେ ଓ ଈଶ୍ୱରଙ୍କ ପ୍ରତି ଅନୁରକ୍ତ ହୋଇ ସମ୍ପାଦନ କଲା ।

ତ୍ରିନାଥ ଓଝା, କଟକ

# ସାଂପ୍ରତିକ ଡିଜିଟାଲ ଗଣବିପ୍ଳବ ଓ ସମ୍ଭାବ୍ୟ ଫଳାଫଳ

**ଡଃ ଗୌରୀଶଙ୍କର ସାହୁ**

"ସ୍ୱର୍ଗାରୋହଣ ସବୁବେଳେ ପକ୍ଷପାତିତାଯୁକ୍ତ । ଯୋଗ୍ୟତା ଭିତିରେ ସ୍ୱର୍ଗସୁଖ ମିଳୁଥିଲେ ଆପଣମାନେ ନୁହେଁ ବରଂ ଆପଣଙ୍କ ବିଶ୍ୱସ୍ତ କୁକୁର ସ୍ୱର୍ଗପ୍ରାପ୍ତି କରନ୍ତା"- ମାର୍କ ଟ୍ୱାଇନ୍ । ରାଜନୈତିକ କ୍ଷମତା ଯୁଗେ ଯୁଗେ ପୃଥିବୀରେ ସ୍ୱର୍ଗସୁଖ ପ୍ରତୀୟମାନ ହୁଏ । ଓଡ଼ିଶାର ଜଣେ ଦିବଂଗତ ଭଦ୍ର ରାଜନେତା ଯେ ଦିଲ୍ଲୀରେ ବହୁତ ବଡ଼ ସମ୍ମାନାସ୍ପଦ ରାଜନୈତିକ ପଦବୀ ମଣ୍ଡନ କରିଥିଲେ, ଥରେ କର୍ମୀମାନଙ୍କ ପ୍ରଶ୍ନର ଉତର ଦେଲାବେଳେ କହିଥିଲେ, "ଦିଲ୍ଲୀରେ ଓହ୍ଲାଇ ପଡ଼ିଲା ବେଳକୁ ଅଂଚଳ କଥା ଜମା ମନେପଡୁନି । ଦିଲ୍ଲୀ ଆସ, କାମ କରାଇ ଦେବା ।"

ସଂପ୍ରତି ୧୫ ମେ' ୨୦୨୬ରେ ଭାରତର ଉଚ୍ଚତମ ନ୍ୟାୟାଳୟରେ ବରିଷ୍ଠ ଅଧିବକ୍ତା ଘୋଷଣା ସମ୍ବନ୍ଧୀୟ ଏକ ମାମଲାର ଶୁଣାଣୀ ସମୟରେ ମାନ୍ୟବର ମୁଖ୍ୟ ବିଚାରପତି କହୁ କହୁ ଯୁବ ଆଇନ୍‌ଜୀବୀମାନଙ୍କ ମଧ୍ୟରୁ ଗୋଟିଏ ବର୍ଗକୁ କକ୍ରୋଚ(ଅସରପା) ବୋଲି କହିଦେଲେ । ୧୬ ମେ' ଦିନ ମରାଠୀ ଯୁବକ ଅଭିଜିତ୍ ଦିପକେ ବୋଷ୍ଟନ୍‌ରୁ "କକ୍ରୋଚ ଜନତା ପାର୍ଟି(ସିଜେପି)" ନାମକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରି ସାମାଜିକ ଗଣମାଧ୍ୟମରେ ଛାଇଗଲେ । ଏହି ଆନ୍ଦୋଳନର ଡିଜିଟାଲ ପ୍ଲାଟଫର୍ମ 'ଏକ୍ସ'ର ସାତଦିନ ଭିତରେ ୨ କୋଟି ଫଲୋଅର୍ ହୋଇଗଲେ । ବୋଷ୍ଟନରୁ ବମ୍ବେ ପର୍ଯ୍ୟନ୍ତ ରାଜନୈତିକ ଝଡ଼ ସାମାଜିକ ଗଣମାଧ୍ୟମକୁ ଦୋହଲାଇ ଦେଲା । ସଂପ୍ରତି ଜେନ୍-ଜି ବା ନବ୍ୟ ଆଧୁନିକ ଯୁବକମାନଙ୍କ ଆନ୍ଦୋଳନ ପଡ଼ୋଶୀ ନେପାଳ ଓ ବଙ୍ଗଳା ଦେଶରେ କ୍ଷମତା ପରିବର୍ତନ ପୂର୍ବକ ନେପାଳରେ ନବାଗତ ଯୁବନେତୃତ୍ୱକୁ କ୍ଷମତାରେ ଅଭିଶିକ୍ତ କରିଛି । ଭାରତରେ ଏହିପରି ଏକ ପରିବର୍ତନ ଆସିବାକୁ ଯାଉଛି ବୋଲି କିଛି ରାଜନୈତିକ ସମୀକ୍ଷକ ଆଲୋଚନା, ପ୍ରତ୍ୟାଲୋଚନା ଆରମ୍ଭ କଲେଣି ।

ସରକାରୀ ତନ୍ତ୍ରରେ ବ୍ୟାପକ ଦୁର୍ନୀତି, ସରକାରଙ୍କ ଦ୍ୱାରା ଅନିୟନ୍ତିତ ପ୍ରିୟାପ୍ରୀତି ତୋଷଣ, ବେରୋଜଗାରୀ, ଦରଦାମ୍ ବୃଦ୍ଧି ପ୍ରଭୃତି ବିଷୟ ସବୁବେଳେ ରାଜନୈତିକ ପ୍ରସଙ୍ଗ ହୋଇ ରହିଆସିଛି । ଭାରତରେ ଦୀର୍ଘଦିନ ଶାସନ କରି ଆସିଥିବା କଂଗ୍ରେସ ଦଳର ଡଃ ମନମୋହନ ସିଂହ ସରକାର ସମୟରେ ସ୍ପେକ୍ଟ୍ରମ ଆବଂଟନ ସ୍କାମ୍, କୋଲ୍‌ଗେଟ୍, କମନ୍‌ୱେଲଥ ଗେମ୍ ସ୍କାମ୍, ଆଦର୍ଶ ହାଉସିଂ ସୋସାଇଟି ସ୍କାମ୍, କ୍ୟାସ୍‌ଫର ଭୋଟ୍ ସ୍କାଣ୍ଡାଲ୍ ପ୍ରଭୃତି ଗଣମାଧ୍ୟମରେ ଶିରୋନାମା ସାଜିବା ପୂର୍ବକ ଗାନ୍ଧୀବାଦୀ ସମାଜସେବୀ ମରାଠୀ ମଣିଷ ଆନ୍ନା ହଜାରେଙ୍କ ନେତୃତ୍ୱରେ ଏକ ରାଜନୈତିକ ଆନ୍ଦୋଳନକୁ ଜନ୍ମଦେଲା । ଏହି ଆନ୍ଦୋଳନର ନେତୃମଣ୍ଡଳୀ ଗୋଟିଏ "ଦୁର୍ନୀତି ନିରୋଧ ଆଇନ୍"ର ଚିଠା ପ୍ରସ୍ତୁତ କରି ଏହାକୁ ଲାଗୁ କରିବା ପାଇଁ ବିପ୍ଳବର ତୂର୍ଯ୍ୟନାଦ କଲେ । ୫ ଏପ୍ରିଲ୍ ୨୦୧୧ରେ ଦିଲ୍ଲୀର ଜନ୍ତର ମନ୍ତର ଠାରେ ଆନ୍ନା ହଜାରେଙ୍କ ଅନଶନ ଆରମ୍ଭ ହୋଇ ଯେଉଁ ସରକାର ବିରୋଧି ହାୱା ସୃଷ୍ଟି ହୋଇଥିଲା, ତାହା ପ୍ରାରମ୍ଭିକ ଅବସ୍ଥାରେ "ଇଣ୍ଡିଆ ଏଗେନେଷ୍ଟ କରପ୍‌ସନ" ରୂପରେ ଓ ପରବର୍ତୀ ସମୟରେ "ଆମ୍ ଆଦମୀ ପାର୍ଟି" ନାମରେ ଏକ ପଞ୍ଜିକୃତ ରାଜନୈତିକ ଦଳକୁ ରୂପାନ୍ତରିତ ହୋଇଥିଲା । ଏହି ଗଣ ଆନ୍ଦୋଳନ, ଆମ୍ ଆଦମୀ ପାର୍ଟିର ସୁପ୍ରିମୋ, ପ୍ରାକ୍ତନ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଅରବିନ୍ଦ କେଜରିୱାଲଙ୍କୁ ରାଜନୀତିରେ ଶୂନ୍ୟରୁ ଶିଖରକୁ ପହଂଚାଇ ଦେଲା ଓ ସେ ୨୦୧୩ରୁ ୨୦୨୪ ପର୍ଯ୍ୟନ୍ତ ପ୍ରାୟ ଏଗାର ବର୍ଷ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ସ୍ୱର୍ଗସୁଖ ଲଭିଲେ । ୨୧ ମାର୍ଚ୍ଚ ୨୦୨୪ରେ ଦିଲ୍ଲୀ ମଦ ଦୁର୍ନୀତିରେ ଅଭିଯୁକ୍ତ ହୋଇ ଅରବିନ୍ଦ, ଭାରତର ପ୍ରଥମ ପଦାସୀନ ମୁଖ୍ୟମନ୍ତ୍ରୀ ଭାବେ ବନ୍ଧାହେଲେ ଓ ପ୍ରାୟ ପାଂଚମାସ ଜେଲ୍‌ରେ ରହିବାପରେ ବେଲ୍‌ରେ ଖଲାସ ହେଲେ । ଦୁର୍ନୀତି ବିରୋଧି ଆନ୍ଦୋଳନରେ ଯୋଗଦେଇ ରାତାରାତି କ୍ଷମତାର ସର୍ବୋଚ୍ଚ ପାହାଚ ଚଢ଼ି ପାରିଥିବା ଜଣେ ନେତା, ଦୁର୍ନୀତି ଅଭିଯୋଗରେ ଗଣତାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା କ୍ଷମତାଚ୍ୟୁତ ହେବାର ଏ କରୁଣ ଦୃଶ୍ୟ ଭାରତୀୟ ଜନତା ଦେଖିଛନ୍ତି ।

ସମ୍ପ୍ରତି ଯୁବକମାନଙ୍କ ବିପ୍ଳବ ଦ୍ୱାରା ନେପାଳ ଓ ବଙ୍ଗଳାଦେଶରେ ଯେପରି ସରକାର ଗାଦିଚ୍ୟୁତ ହୋଇଛନ୍ତି, ୧୩ ବର୍ଷ ତଳେ ଭାରତର ରାଜଧାନୀ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗାଦିଚ୍ୟୁତ ହୋଇ ଜଣେ ୪୫ ବର୍ଷୀୟ ଯୁବକ ଗୋଟିଏ ଦଶନ୍ଧୀରୁ ଉର୍ଦ୍ଧ୍ୱ ସମୟ ଧରି ଗାଦିସୀନ ହୋଇଥିଲେ । ତେଣୁ ଭାରତରେ ବିପ୍ଳବ ଦ୍ୱାରା ଯୁବ ସମାଜ ପରିବର୍ତନର ପରିସ୍ଥିତି ସୃଷ୍ଟି କରିପାରିବେ ନାହିଁ ବୋଲି କହିବା ଭୁଲ୍ ହେବ । କିନ୍ତୁ ଭାରତ, ନେପାଳ ବା ବଙ୍ଗଳା ଦେଶ ପରି ଛୋଟ ଦେଶ ନୁହେଁ । ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବ୍ୟାପ୍ତ ଭାରତବର୍ଷରେ ବିଶ୍ୱର ପ୍ରାୟ ପନ୍ଦର ପ୍ରତିଶତ ଲୋକ ରହନ୍ତି ଓ ଏହାର ଭୌଗୋଳିକ ବ୍ୟାପ୍ତି ୟୁରୋପ ମହାଦେଶର ପ୍ରାୟ ଏକ ତୃତୀୟାଂଶ । ଏପରି ସ୍ଥଳରେ ବଡ଼ରୁ ବଡ଼ ରାଜନୈତିକ ବିପ୍ଳବ ମଧ୍ୟ ସମଗ୍ର ଭାରତବର୍ଷକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିପାରି ନାହିଁ । ରାଜନୈତିକ ବିପ୍ଳବରୁ ଜାତ ରାଜନୈତିକ କ୍ଷମତାକୁ ବିଚାରକୁ ନେଇ ଏଇ ପ୍ରଭାବ କଥା କୁହାଯାଉଛି । ଆନ୍ନାଙ୍କ ନେତୃତ୍ୱରେ ସଂଗଠିତ ବିପ୍ଳବ, ଅନଶନ, ଆନ୍ନାଙ୍କ ଆନ୍ଦୋଳନ ସ୍ଥଳୀ ଥିବା ଦିଲ୍ଲୀ ରାଜ୍ୟରେ ଓ ପାଖ ପଞ୍ଜାବରେ ଆପ୍‌କୁ କ୍ଷମତା ଦେବାରେ ସକ୍ଷମ ହୋଇପାରିଲା । ୧୯୭୭ରେ ଲୋକନାୟକ ଜେପିଙ୍କ ନେତୃତ୍ୱରେ ସଂଗଠିତ "ସମ୍ପୂର୍ଣ୍ଣ କ୍ରାନ୍ତି ବିପ୍ଳବ" ପରେ ଦିଲ୍ଲୀରେ କ୍ଷମତା ପରିବର୍ତନ ହୋଇଥିଲା ଓ ରାଜନୈତିକ ବିପ୍ଳବୀମାନଙ୍କ ଦଳ ଜନତା ପାର୍ଟି କ୍ଷମତାକୁ ଆସିଲା । ଏହି ସମୟରେ ମଧ୍ୟ ସତାଧାରୀ ଇନ୍ଦିରା କଂଗ୍ରେସ ଆନ୍ଧ୍ରପ୍ରଦେଶରେ ୪୨ରୁ ୪୧, ମହାରାଷ୍ଟ୍ରରେ ୪୮ରୁ ୨୦, ତାମିଲନାଡୁରେ ୩୯ରୁ ୧୪, କର୍ଣ୍ଣାଟକରେ ୨୮ରୁ ୨୬, କେରଳରେ ୨୦ରୁ ୧୧, ଆସାମରେ ୧୪ରୁ ୧୦, ମଣିପୁରରେ ୨ରୁ ୨, ମେଘାଳୟ, ଅରୁଣାଚଳ, ତ୍ରିପୁରାରେ ୮ରୁ ୫ ଲୋକସଭା ସିଟ୍ ଜିତିବାରେ ସକ୍ଷମ ହୋଇଥିଲା । ଅର୍ଥାତ୍ ଜେପି ଆନ୍ଦୋଳନ ଭାରତର ଦାକ୍ଷିଣାତ୍ୟ ଓ ଉତର-ପୂର୍ବରେ ବିପ୍ଳବୀମାନଙ୍କୁ ବହୁମତ ଦେଇପାରି ନଥିଲା । ଅଯୋଧ୍ୟା ଶ୍ରୀରାମ ମନ୍ଦିର ଆନ୍ଦୋଳନର ରାଜନୈତିକ ପ୍ରଭାବ ମଧ୍ୟ ୧୯୮୯ ଓ ୧୯୯୧ ସାଧାରଣ ନିର୍ବାଚନରେ ଉତରପ୍ରଦେଶ ଓ ଆଖପାଖ ରାଜ୍ୟ ମଧ୍ୟରେ ସୀମିତ ଥିଲା ଓ ଭାଜପା ଅଳ୍ପ କେତୋଟି ରାଜ୍ୟରେ ଯାହା କ୍ଷମତାକୁ ଆସିପାରି ଥିଲା । ଏସବୁରୁ କି ନିଷ୍କର୍ଷ ମିଳେ ?

ପ୍ରୋପାଗାଣ୍ଡା, ପପୁଲାର ସମର୍ଥନ ଦେଇଥାଏ, କିନ୍ତୁ ପ୍ରୋପାଗାଣ୍ଡା ଦ୍ୱାରା କ୍ୟାଡର ବା କାର୍ଯ୍ୟକର୍ତା ପ୍ରସ୍ତୁତ ହୁଅନ୍ତି ନାହିଁ । ରାଜନୈତିକ ଶିକ୍ଷା ଓ ବୈଚାରିକ ସ୍ୱଷ୍ଟତା ଯୋଗ୍ୟ କାର୍ଯ୍ୟକର୍ତା ନିର୍ମାଣ କରିଥାଏ । ପ୍ରତ୍ୟେକ ସଫଳ ବିପ୍ଳବ ପ୍ରଥମେ ପୁରାତନ କ୍ଷମତାକେନ୍ଦ୍ରକୁ ଧ୍ୱଂସ କରିଥାଏ ଓ ଏହାପରେ ନୂଆ କ୍ଷମତା କେନ୍ଦ୍ର ଓ ନୂଆ ବ୍ୟବସ୍ଥା ସ୍ଥାପନାର ପ୍ରତିଶ୍ରୁତି ନେଇଆସେ । ପୁରାତନ କ୍ଷମତା କେନ୍ଦ୍ର, ପ୍ରଚଳିତ ରାଜନୈତିକ ସଂରଚନା ଧ୍ୱଂସ କରିବା ପାଇଁ ସବୁବେଳେ ଗୋଟିଏ ଗଣବିପ୍ଳବ ସବୁବେଳେ ସମର୍ଥ କିନ୍ତୁ ବିଧିବଦ୍ଧ ରାଜନୈତିକ ଶିକ୍ଷା ଓ ବୈଚାରିକ ପ୍ରତିବଦ୍ଧତା ବିନା ଗଣବିପ୍ଳବରୁ ଜାତ ରାଜନୈତିକ ପରିବର୍ତନକୁ ଲୋକାଭିମୁଖୀ ନବୀନ ବ୍ୟବସ୍ଥାକୁ ରୂପାନ୍ତରିତ କରିବା ସହଜ ହୋଇନଥାଏ । ଗୋଟିଏ ଗଣତାନ୍ତ୍ରିକ ଦେଶରେ ଜନ ଆକ୍ରୋଶକୁ ସରକାର ବିରୋଧରେ ମୁହାଁଇ ସାଧାରଣ ନିର୍ବାଚନରେ ବିପ୍ଳବୀ ରାଜନୈତିକ ଦଳକୁ ରାଜନୈତିକ ସଫଳତାର ଶିରପା ପିନ୍ଧାଇବା ପାଇଁ ମଧ୍ୟ ତାଲିମପ୍ରାପ୍ତ ରାଜନୈତିକ କର୍ମୀଙ୍କର ଆବଶ୍ୟକତା ରହିଥାଏ । ଆପ୍ ନିଜର ସୀମିତ ତାଲିମପ୍ରାପ୍ତ ରାଜନୈତିକ କାର୍ଯ୍ୟକର୍ତାଙ୍କୁ ବିନିଯୋଗ କରି ଦିଲ୍ଲୀ ଓ ପଞ୍ଜାବ ରାଜ୍ୟରେ, ଜନତା ପାର୍ଟି ନିଜର ବ୍ୟାପକ ତାଲିମପ୍ରାପ୍ତ କାର୍ଯ୍ୟକର୍ତାଙ୍କୁ ବିନିଯୋଗ କରି ୧୯୭୭ ସାଧାରଣ ନିର୍ବାଚନରେ ଭାରତର ଦାକ୍ଷିଣାତ୍ୟ ଓ ପୂର୍ବୋତର ଅଂଚଳକୁ ଛାଡ଼ି ବାକି ସମସ୍ତ ଅଂଚଳରେ କ୍ଷମତା ଲାଭ କରିପାରିଥିଲା । ଭାରତରେ କମ୍ୟୁନିଷ୍ଟ ବିପ୍ଳବ ବିପ୍ଳବୀ- ରାଜନୈତିକ ଦଳକୁ ପଶ୍ଚିମବଙ୍ଗ, କେରଳ ଓ ତ୍ରିପୁରାରେ ଦୀର୍ଘ ଦଶନ୍ଧି ଧରି କ୍ଷମତାସୀନ କରି ରଖିବାରେ ସମର୍ଥ ହୋଇଥିଲା । କାରଣ ଜନତା ପାର୍ଟି ଓ ଆପ୍‌ରେ ବ୍ୟାପକ ରାଜନୈତିକ ତାଲିମପ୍ରାପ୍ତ କାର୍ଯ୍ୟକର୍ତା ନଥିବାବେଳେ ଭାରତର କମ୍ୟୁନିଷ୍ଟ ପାର୍ଟି ବୈପ୍ଳବିକ ଗଣଶିକ୍ଷା ଓ ରାଜନୈତିକ ତାଲିମ୍ ଦ୍ୱାରା ଦକ୍ଷ କ୍ୟାଡରମାନଙ୍କ ଏକ ଅଭେଦ୍ୟ ରାଜନୈତିକ ଦୁର୍ଗ ଗଢ଼ିବାରେ ସକ୍ଷମ ହୋଇଥିଲା । ଆନ୍ନା ଆନ୍ଦୋଳନ ପରେ ଲୋକେ କ୍ଷମତାସୀନ କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଗାଦିଚ୍ୟୁତ କଲାବେଳେ, ଆନ୍ନାଙ୍କ ଆନ୍ଦୋଳନରୁ ଜନ୍ମ ଆପ୍ ମାତ୍ର ଦୁଇଟି ରାଜ୍ୟରେ କ୍ଷମତା ଦଖଲ କରିବାରେ ସକ୍ଷମ ହୋଇଥିବାବେଳେ ଭାଜପା କ୍ରମାଗତ ଭାବେ ତିନୋଟି ସାଧାରଣ ନିର୍ବାଚନ ଜିତି କେନ୍ଦ୍ରରେ ଶାସନ କ୍ଷମତାରେ ଓ ଆଜି ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ, ଝାରଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା, କେରଳ ଓ ତାମିଲନାଡୁ ଆଦି ମାତ୍ର ଆଠଟି(୮) ରାଜ୍ୟକୁ ଛାଡ଼ି କୋଡ଼ିଏ(୨୦)ଟି ରାଜ୍ୟ ଓ ଆଠଟି କେନ୍ଦ୍ରଶାସିତ ଅଂଚଳରେ କ୍ଷମତାର ସ୍ୱର୍ଗସୁଖ ଲାଭ କରୁଛି । କାରଣ ସେ ସମୟରେ ସଂଘ ପରିବାରର ବ୍ୟାପକ କାର୍ଯ୍ୟକର୍ତା ଓ ତାଲିମପ୍ରାପ୍ତ ବୈଚାରିକ କ୍ୟାଡର ଆନ୍ନା ଆନ୍ଦୋଳନରୁ ଜାତ ଜନ ଆକ୍ରୋଶରୁ ରାଜନୈତିକ ସୁବିଧା ନେବାରେ ଭାଜପାକୁ ସହାୟତା କଲେ ।

ମାତ୍ର ମହତ୍ୱପୂର୍ଣ୍ଣ କଥାହେଲା ବିପ୍ଳବ ପରେ ବାସ୍ତବ ପରିବର୍ତନ ଆଣିବା ପାଇଁ ବୈଚାରିକ ପ୍ରତିବଦ୍ଧତା ଥିବା, ତାଲିମପ୍ରାପ୍ତ ରାଜନୈତିକ କର୍ମୀଙ୍କ ଫଉଜ ଦରକାର । ନହେଲେ ଜେ.ପି. ଆନ୍ଦୋଳନ, ଆନ୍ନା ଆନ୍ଦୋଳନ ପରେ ଯେଉଁ ରାଜନୈତିକ ଘମାସାନ ଦେଖିବାକୁ ମିଳିଲା ସେମିତି କିଛି ହେବା ଥୟ । ଜେ.ପି. ଆନ୍ଦୋଳନ ପରେ ବିପ୍ଳବୀମାନଙ୍କ ସରକାର ପାଂଚବର୍ଷର କାର୍ଯ୍ୟକାଳ ମଧ୍ୟ ପୁରଣ କରିପାରିଲା ନାହିଁ; ଯଦିଓ ୫୪୪ଟି ଆସନରୁ ସ୍ୱଷ୍ଟ ବହୁମତ ପାଇଁ ୨୭୨ଟି ଆସନ ଆବଶ୍ୟକ ହେଉଥିବାବେଳେ ଜନତା ପାର୍ଟି ପାଖରେ ୨୯୫ଟି ଆସନ ଥିଲା । ବିରୋଧି କଂଗ୍ରେସର ମାତ୍ର ୧୫୪ଟି ଆସନ ଥିବା ସତ୍ତ୍ୱେ, ଜନତା ଦଳର ଅନ୍ତରୀଣ ରାଜନୈତିକ ଝଗଡ଼ା ଓ କ୍ଷମତା ପାଇଁ ଲୋଲୁପତା ପାଇଁ ମାତ୍ର ଦୁଇବର୍ଷ ୧୦ ମାସ ମଧ୍ୟରେ ସରକାର ଭାଙ୍ଗିଗଲା ଓ କଂଗ୍ରେସ ପୁନଃ କ୍ଷମତାସୀନ ହୋଇ ପ୍ରାୟ ନ' ବର୍ଷ ନିଷ୍କଣ୍ଟକ ଶାସନ କ୍ଷମତା ଭୋଗକଲା । ଆନ୍ନା ଆନ୍ଦୋଳନ ପରେ କ୍ଷମତାସୀନ ହୋଇଥିବା ଆପ୍ ସୁପ୍ରିମୋ ଅରବିନ୍ଦ କେଜରିୱାଲ, ମୁଖ୍ୟମନ୍ତ୍ରୀ ଚଉକିରେ ବସିବା ମାତ୍ରେ ତାଙ୍କ ସହକର୍ମୀ ଓ ଉପଦେଷ୍ଟା ଥିବା କନିଷ୍ଠ, ବରିଷ୍ଠ ସମସ୍ତ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କୁ କଣଠେସା କରି ପାର୍ଟିରୁ ବାହାରକୁ ଯିବା ରାସ୍ତା ଦେଖାଇ ଦେଲେ । ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ପୋଷାଣ କରୁଥିବା ନେତାମାନେ ତାଙ୍କ ସହ କ୍ଷମତାର ମହୁ ଚାଖିଲେ ।

ସିଜେପି ଦ୍ୱାରା ଆରମ୍ଭ ଡିଜିଟାଲ୍ ବିପ୍ଳବ ଆଗକୁ ବ୍ୟାପକ ରୂପନେଇ ପଞ୍ଜିକୃତ ନୂଆ ରାଜନୈତିକ ଦଳ ନିର୍ମାଣ ଦ୍ୱାରା କ୍ଷମତାଲାଭ ଲଢ଼େଇକୁ ରୂପାନ୍ତରିତ ହେଲେ କୌଣସି ନବାଗତ ଯୋଗ୍ୟ ଯୁବକ ଯେ ଭାରତର ପରବର୍ତୀ ପ୍ରଧାନମନ୍ତ୍ରୀ ହେବେ ଏ ଆଶା ଆଦୌ ନାହିଁ । କୌଣସି ବିରୋଧି ଦଳର ଅଭିଜ୍ଞ ରାଜନୈତିକ ବ୍ୟକ୍ତି ଯଦି ଏହି ବିପ୍ଳବର ସୁଯୋଗ ନେଇ ପ୍ରଧାନମନ୍ତ୍ରୀ ହୁଅନ୍ତି ଓ ତାଙ୍କ ଦଳ ବା ମେଂଟ କ୍ଷମତାକୁ ଆସେ, ତେବେ ସେ କ'ଣ ଯୁବପିଢ଼ି ଚାହୁଁଥିବା ପରବର୍ତନକୁ ରାଜନୈତିକ ପ୍ରେକ୍ଷାପଟରେ ସାକାର ସ୍ୱରୂପ ଦେଇପାରିବ- ଏହା ହିଁ ବିପ୍ଳବ ପ୍ରତି ଆକୃଷ୍ଟ କୋଟି କୋଟି ଯୁବକମାନଙ୍କ ଆଗରେ ଆଜିର ଯକ୍ଷ ପ୍ରଶ୍ନ ।

କାମାକ୍ଷାନଗର, ଢ଼େଙ୍କାନାଳ

ମୋ:୭୯୭୮୪୨୧୮୩୫

# ତେଲ ଦରରେ ଜଳୁଛି ଜନସାଧାରଣଙ୍କ ଜୀବନ

**ସୌଭାଗ୍ୟ ରଂଜନ ମହାନ୍ତି**

ପେଟ୍ରୋଲ ଓ ଡିଜେଲ ଦର ପୁଣିଥରେ ବୃଦ୍ଧି ପାଇବା ଦେଶର ସାଧାରଣ ଲୋକଙ୍କ ପାଇଁ ଏକ ଗୁରୁତର ସମସ୍ୟାର ରୂପ ନେଉଛି । ଗତ ଏକ ସପ୍ତାହ ମଧ୍ୟରେ ଚତୁର୍ଥ ଥର ପାଇଁ ଇନ୍ଧନ ମୂଲ୍ୟ ବୃଦ୍ଧି ଘଟିଥିବାରୁ ସାଧାରଣ ଜନଜୀବନରେ ତୀବ୍ର ପ୍ରଭାବ ପଡିଛି । ଏହି ମୂଲ୍ୟ ବୃଦ୍ଧି କେବଳ ଯାନବାହାନ ଚଳାଚଳକୁ ନୁହେଁ, ବରଂ ଦେଶର ପ୍ରତ୍ୟେକ ନାଗରିକଙ୍କ ଦୈନିକ ଜୀବନକ ପ୍ରଭାବିତ କରୁଛି । ପେଟ୍ରୋଲ ଓ ଡିଜେଲ ହେଉଛି ଅର୍ଥନୀତିର ମୂଳ ଶକ୍ତି । ଏହାର ଦର ବଢିଲେ ସବୁ ପଣ୍ୟର ଦର ଆପେଆପେ ବୃଦ୍ଧି ପାଏ । ଚାଷ କାମରୁ ଆରମ୍ଭ କରି କାରଖାନା, ପରିବହନ, ବଜାର ବ୍ୟବସ୍ଥା ଏବଂ ଦୈନିକ ଜୀବନର ପ୍ରାୟ ସମସ୍ତ କ୍ଷେତ୍ର ଏହାର ପ୍ରଭାବରେ ପଡେ । ସରକାରଙ୍କ ଏହି ପୁନଃପୁନି ଦର ବୃଦ୍ଧି ନୀତିକୁ ନେଇ ଲେକାମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ସାଧାରଣ ଲୋକଙ୍କ ଆୟ ବଢୁନଥିବା ବେଳେ ଆବଶ୍ୟକୀୟ ସାମଗ୍ରୀର ଦର ନିରନ୍ତର ବଢିବାରୁ ଜୀବନ ଯାପନ କଠିନ ହୋଇପଡିଛି । ବିଶେଷକରି ମଧ୍ୟବର୍ଗ ଓ ନିମ୍ନ ଆୟ ବର୍ଗର ଲୋକମାନେ ଏହାର ସବୁଠାରୁ ଅଧିକ ପ୍ରଭାବ ଭୋଗୁଛନ୍ତି । ପ୍ରତିଦିନ କାମକୁ ଯାଉଥିବା ଲୋକଙ୍କ ଯାତାୟତ ଖର୍ଚ୍ଚ ବଢିଯାଇଛି । ବସ ଭଡା, ଅଟୋ ଭଡା, ଟ୍ରକ ଭଡା ସବୁ ବୃଦ୍ଧି ପାଉଛି । ଫଳରେ ବଜାରରେ ସବୁ ପଣ୍ୟର ଦର ମଧ୍ୟ ଉପରକୁ ଯାଉଛି । ଖାଦ୍ୟ ସାମଗ୍ରୀ ପନିପରିବା, ଫଳ, ଦୁଧ, ଔଷଧ ଏବଂ ନିର୍ମାଣ ସାମଗ୍ରୀ ସବୁର ମୂଲ୍ୟ ବଢିବାରୁ ଲୋକାମନଙ୍କ ପାରିବାରିକ ବିଜେଟ ଭାଙ୍ଗିଯାଉଛି । ଡିଜେଲ ମହଙ୍ଗା ହେଲେ ଚାଷ ଖର୍ଚ୍ଚ ହରାନ୍ତି ଏବଂ ଉପଭୋକ୍ତାମାନେ ଅଧିକ ଦରରେ ସାମଗ୍ରୀ କିଣିବାକୁ ବାଧ ହୁଅନ୍ତି । ଅନ୍ୟପଟେ ଛୋଟ ବ୍ୟବସାୟୀ ଓ ଦିନକୁ ଦିନ ରୋଜଗାର କରୁଥିବା ଲୋକମାନଙ୍କ ଅବସ୍ଥା ଅଧିକ ଦୟନୀୟ ହୋଇପଡିଛି । ଯେଉଁମାନେ ମୋଟରସାଇକେଲ କିମ୍ୱା ଛୋଟ ଯାନ ଦ୍ୱାରା ଜୀବିକା ଚଳାନ୍ତି ସେମାନେ ଆୟ ତୁଳନାରେ ଅଧିକ ଖର୍ଚ୍ଚ କରୁଛନ୍ତି । ଅନେକ ଲୋକ ଋଣ ନେଇ ଗାଡି କିଣିଥିଲେ ମଧ୍ୟ ବର୍ତମାନ ଇନ୍ଧନ ଦର ବୃଦ୍ଧି କାରଣରୁ ଗାଡି ଚଳାଇବାକୁ ଭୟ କରୁଛନ୍ତି । ପରିବହନ କମ୍ପାନୀମାନେ ମଧ୍ୟ ଅଧିକ ଭଡା ନେବା ଆରମ୍ଭ କରିଛନ୍ତି ଯାହା ଶେଷରେ ସାଧାରଣ ଉପଭୋକ୍ତାଙ୍କ ଉପରେ ଭାର ପକାଉଛି । ଏହି ମୂଲ୍ୟ ବୃଦ୍ଧିର ଆଉ ଏକ ବଡ ପରିଣାମ ହେଉଛି ମହଙ୍ଗାର ବୃଦ୍ଧି । ଦେଶରେ ଆଗରୁ ଚାଲିଥିବା ଆର୍ଥିକ ସମସ୍ୟା ମଧ୍ୟରେ ଇନ୍ଧନ ଦର ବୃଦ୍ଧି ଆଗୁନରେ ଘିଅ ଢାଳିବା ସମାନ । ସରକାର ଯଦି ଏହା ଉପରେ ନିୟନ୍ତ୍ରଣ ନଆଣନ୍ତି ତେବେ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପାଇଁ ଜୀବନ ଅଧିକ କଷ୍ଟକର ହେବ । ଅର୍ଥନୀତିବିଦ୍‌ମାନଙ୍କ ମତରେ ପୁନଃପୁନି ଇନ୍ଧନ ଦର ବୃଦ୍ଧି ହେଲେ ଦେଶର ମୁଦ୍ରାସ୍ଫୀତି ବଢିଯାଏ ଏବଂ ଟଙ୍କାର ମୂଲ୍ୟ କମିଯାଏ । ଏହାର ପ୍ରଭାବରେ ନିବେଶ କମିଯାଏ ଓ ନୂତନ ଶିଳ୍ପ ସ୍ଥାପନରେ ବାଧା ସୃଷ୍ଟି ହୁଏ । ଯୁବକମାନଙ୍କ ପାଇଁ ଚାକିରି ସୁଯୋଗ କମିଯାଏ ଓ ବେକାରି ସମସ୍ୟା ଅଧିକ ଗୁରୁତର ହୋଇପଡେ । ଏହା ସହିତ ଦେଶର ସାମାଜିକ ପରିସ୍ଥିତି ମଧ୍ୟ ପ୍ରଭାବିତ ହୁଏ । ଲୋକମାନେ ସରକାରଙ୍କ ନୀତି ପ୍ରତି ଅସନ୍ତୋଷ ପ୍ରକାଶ କରି ରାସ୍ତାକୁ ଓହ୍ଲାଇବା ଆରମ୍ଭ କରନ୍ତି । ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡୁଛି କାରଣ ଔଷଧ ଓ ଚିକିତ୍ସା ସାମଗ୍ରୀ ପରିବହନ ଖର୍ଚ୍ଚ ବଢିଯାଇଛି । ଗ୍ରାମାଚଂଳରେ ଏହାର ପ୍ରଭାବ ଅଧିକ ଗୁରୁତର କାରଣ ସେଠାରେ ଲୋକମାନେ ପରିବହନ ପାଇଁ ଅଧିକ ଭାବରେ ଡିଜେଲ ଚାଳିତ ଯାନ ଉପରେ ନିର୍ଭର କରନ୍ତି । ବିଦ୍ୟୁତ ଚାଳିତ ଯାନ, ସୌର ଶକ୍ତି ଓ ପରିବେଶବନ୍ଧବ ଉର୍ଜା ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଇ ଭବିଷ୍ୟତରେ ଏପରି ସମସ୍ୟାର ସମାଧାନ କରାଯାଇପାରିବ । ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରଥମ ପ୍ରାଥମିକତା ଦେବା ଦରକାର । ପେଟ୍ରୋଲ ଓ ଡିଜେଲ ଦରର ଲଗାତାର ବୃଦ୍ଧି କେବଳ ଏକ ଆର୍ଥିକ ସମସ୍ୟା ନୁହେଁ, ଏହା ସମାଜର ସମସ୍ତ ଶ୍ରେଣୀକୁ ପ୍ରଭାବିତ କରୁଥିବା ଏକ ଗୁରୁତର ଜାତୀୟ ସମସ୍ୟା ଅଟେ । ତେଣୁ ସରକାର, ତେଲ କମ୍ପାନୀ ଓ ସମାଜର ସମସ୍ତ ଶ୍ରେଣୀ ମିଶି ଏହର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଯୁବପିଢି ଯେଉଁମାନେ ବିଭିନ୍ନ ଡେଲିଭରି ବୟ ବା କୋରିୟର ସେବା ସହିତ ଜଡିତ ହୋଇ ରୋଜଗାର କରୁଛନ୍ତି, ସେମାନଙ୍କ ପାଇଁ ପେଟ୍ରୋଲ ଦର ବୃଦ୍ଧି ଏକ ବଡ ସଙ୍କଟ ପାଲଟିଛି କାରଣ ସେମାନଙ୍କର କମ୍ପାନୀ ପକ୍ଷରୁ ମିଳୁଥିବା ଭତା ତେଲ ଖର୍ଚ୍ଚ ତୁଳନାରେ ଅତି ନଗଣ୍ୟ ହୋଇପଡୁଛି । ପର୍ଯ୍ୟଟନ ଶିଳ୍ପ ଉପରେ ମଧ୍ୟ ଏହାର ଖରାପ ପ୍ରଭାବ ପଡୁଛି, କାରଣ ପୁରୀ, କୋଣାର୍କ କିମ୍ୱା ଚିଲିକା ଭଳି ଦର୍ଶନୀୟ ସ୍ଥାନକୁ ଯିବା ପାଇଁ ଗାଡି ଭଡା ଅତ୍ୟଧିକ ବଢିଯିବା ଦ୍ୱାରା ପର୍ଯ୍ୟଟକମାନଙ୍କ ସଂଖ୍ୟା ହ୍ରାସ ପାଇବା ଆଶଙ୍କା ଦେଖାଦେଇଛି । ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଉପରେ ଟ୍ୟାକ୍ସ ବା ଭାଟ୍ ହ୍ରାସ କରିବା ପାଇଁ ଜନସାଧାରଣ ଓ ବିରୋଧୀ ଦଳଗୁଡିକ ପକ୍ଷରୁ ପ୍ରବଳ ଚାପ ପ୍ରୟୋଗ କରାଯାଉଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ଆଶ୍ୱାସନା ମିଳିନାହିଁ, ଯାହା ଶାସନ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥାକୁ ଦୁର୍ବଳ କରୁଛି । ଦୀର୍ଘକାଳୀନ ଭିତିରେ ଦେଖିଲେ ଏହି ସଙ୍କଟ ଲୋକଙ୍କୁ ବୈଦ୍ୟୁତିକ ଯାନ ବା ଇଭି ଆଡକୁ ମୁହାଁଇବା ପାଇଁ ବାଧ କରୁଥିଲେ ମଧ୍ୟ ଓଡିଶାରେ ଏବେ ସୁଦ୍ଧା ପର୍ଯ୍ୟାପ୍ତ ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକଚର୍ ବା ଭିତିଭୂମି ନଥିବାରୁ ଲୋକେ ସିଧାସଳଖ ଏହି ବିକଳ୍ପ ଆପଣେଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଭୁବନେଶ୍ୱର

ମୋ:୯୪୩୭୯୯୪୩୭୯

# ଆଶୀର୍ବାଦର ରୂପରେଖ

**ଅଜୟ କୁମାର ବେହେରା**

ଜଣେ ପଦବୀରେ ଥିବା ନେତାଙ୍କ ଦଳପତି, ଜନତା ଏମାନଙ୍କର ଆଶୀର୍ବାଦରେ ଜଣେ ନବଗତ ନେତା ହେବା ଲୋକ ଭୋଟ ଲଢ଼ାଇବାକୁ ବାହାରନ୍ତି । ଜନତାଙ୍କ ଆଶୀର୍ବାଦ ଯେପରି ହାସଲ ହେବ ସେପରି ଜଳପତି ବା ପଦବୀଧାରୀ ନେତା ଆଶୀର୍ବାଦ କରନ୍ତିନାହିଁ । ଶିକ୍ଷକଙ୍କ ଆଶୀର୍ବାଦରୁ ଲୋକ ବିଦ୍ୟାଶିକ୍ଷା କରନ୍ତି ହେଲେ ବିଦ୍ୟାରେ ନଲାଗି କେବଳ ଆଶୀର୍ବାଦ ଦେଲେ କିଛି ଫଳ ଭଲ ହୁଏନାହିଁ । ସରସ୍ୱତୀ ଗଣେଶ ଶାରଦା ଏମାନଙ୍କ ପୂଜାରେ ଅଧିକ ସମୟ ବୃଥା ଲଗାଇ ପାଠ୍ୟପୁସ୍ତକକୁ ଅବହେଳା, ମୋଟେ ଶିକ୍ଷକଙ୍କର ପାଠପଢ଼ାରେ ମନ ଲଗାଇ କେହି ଭଲ ଫଳ କେବେ ପାଇନପାରେ । ରୋଗରେ ପଡ଼ିବା ଲୋକ ପାଇଁ ଡାକ୍ତରଖାନା ନ ନେଇ କାନ୍ଦିଲେ କେବଳ ଠାକୁରଙ୍କୁ ଡାକିଲେ କେବଳ ରୋଗ ଆରୋଗ୍ୟ ସମ୍ଭବ ନୁହେଁ । ସର୍ପାଘାରେ ଔଷଧ ପ୍ରୟୋଗ ଚିକିତ୍ସକଙ୍କ ଦ୍ୱାରା କରି ବିଷ ଚିକିତ୍ସା ନକରି ଗୁଣିଗାରେଡ଼ି କଲେ ଫଳ କେବେ ଭଲ ହୁଏନାହିଁ । ଯଦି ଗୁଣି ଗାରେଡ଼ିରେ ଚିକିତ୍ସା ଶାସ୍ତ୍ରରୁ ସଂଗ୍ରହ କରି କିଛି ଔଷଧ ପ୍ରୟୋଗ କରାଯାଇଥାଏ ତାର କାର୍ଯ୍ୟ କିଛି ଅଲଗା ହୋଇପାରେ । ସାପ କାମୁଡ଼ାରେ ଦେବତା ପ୍ରସାଦ ହଳଦୀ ପାଣି ଏକ ଦିବ୍ୟ ଔଷଧ ଯେ ବିଷହର ସର୍ପଦଂଶିତ ବ୍ୟକ୍ତି ବିଷ ଭକ୍ଷଣକାରୀ ରୋଗୀ ଚେତା ଜାଗ୍ରତ ପାଇଁ ଢ଼ୋଲ ନାଦ କାନକୁହରରେ ପ୍ରବେଶ କଲେ ଚେତା ଆସିଥାଏ ଏ ନାଦ ଚିକିତ୍ସା । ସର୍ପଘାତ ରୋଗୀକୁ ୧୦୮ ଘଡ଼ା ଜଳରେ ସ୍ନାନ କରାଯାଏ ଏବି ଜଳ ଚିକିତ୍ସାରେ ଆସେ, ମାତ୍ର ସବୁ ବିଷ ଚିକିତ୍ସା ଏଥିରେ ଅରୋଗ୍ୟ ହୁଏନାହିଁ । କିଛି ବ୍ୟତିକ୍ରମ ବି ଘଟିପାରେ ଏପାଇଁ ଚିକିତ୍ସା ଶାସ୍ତ୍ରର ଆବଶ୍ୟକ ଜରୁରୀ । ଅନେକ ଗୁରୁ ବା ଶିକ୍ଷକ ଅର୍ଥ ପିପାସୁ ହୋଇଥିଲେ । ଅନେକ ପୁରୋହିତ ତାଙ୍କର ବିଦ୍ୟା ପ୍ରୟୋଗ ଠିକ ଭାବରେ ନ ତୁଲାଇ କେବଳ ସମୟ ବୃଥା ଆଳାପ ବୃଥା କର୍ମରେ ବିତାଇ ବା ଆଉ ମନ୍ତ୍ର ବା ଭିନ୍ନ ଭିନ୍ନ ଭଜନ ଜଣାଣରେ ପୂଜା ସମୟରେ ବିତାଇ ପୂଜାକୁ ଇତିକରି ଦକ୍ଷିଣା ପାଇବା ପାଇଁ ଆଶୀର୍ବାଦ ଗୁଡ଼ାଏ ଯେଉଁମାନେ ଓ ତାର ପରିବାର ଉପରେ ବର୍ଷଣ କରିଦେଲେ ସେ ମନ୍ତ୍ରଗ୍ରହଣ ବିଦ୍ୟାଦାନ ପୂଜାପାଠ କେବେ ଫଳବତୀ ଲାଭଦାୟକ ହୋଇନପାରେ । ତାପରେ ଯେ ଗୁରୁ ପାଦ ଭାଜନ ହେବାକୁ ଯାଉଛନ୍ତି ସେ ପରିସ୍ଥିତି ହୃଦୟଙ୍ଗମ କରି ଯଦି ଜାଣୁଛ ଶିକ୍ଷାଟି ବିଦ୍ୟାଶିକ୍ଷା ପରେ ବିଦ୍ୟାକୁ ତାର ପିତାର ଦୃଷ୍ଟେକର୍ମର ଉତ୍ତରାଧିକାରୀ ହେବା ସମ୍ଭବନା ଅଛି ତେବେ ବିଦ୍ୟାଦାନ ପ୍ରସଙ୍ଗରୁ ଓହରି ଯିବା ଦରକାର, ନଚେତ୍ ନିଜ ଜୀବନ ବିପନ୍ନ ପର ସମୟକୁ ହୋଇପାରେ । ଷଣ୍ଡ, ଅକର୍ମ ଦୁଇ ଗୁରୁ ହିରଣ୍ୟ କଶିପୁ ରାଜାଙ୍କ ପୁତ୍ରକୁ ଶିକ୍ଷା ଦେବା ପାଇଁ ନିଯୁକ୍ତି ହେଲେ, ପୁତ୍ରଟି ହେଲା ପ୍ରହ୍ଲାଦ । ପ୍ରହ୍ଲାଦ ବିଦ୍ୟା ଶିକ୍ଷା ପରେ ଷଣ୍ଡ ଅକର୍ମଙ୍କ ସହିତ ହିରଣ୍ୟଙ୍କ ରାଜସଭାରେ ପହଞ୍ଚି ରାଜାଙ୍କୁ ବିଦ୍ୟାର ଚମତ୍କୃତ ଦେଖାଇ ପୁରସ୍କାର ଆଶା କରିଥିଲେ କିନ୍ତୁ ପ୍ରହ୍ଲାଦ ବିଦ୍ୟାର ପରାକାଷ୍ଠା ଦେଖାଇବାକୁ ଯାଇ ରାଜସଭାରେ ବୟାନ କଲେ ଭଗବାନ ହିଁ ସର୍ବଶକ୍ତିମାନ ତାଙ୍କ ଇଚ୍ଛାରେ ସବୁ ପରିଚାଳିତ ଏକଥା ହିରଣ୍ୟକଶିପଙ୍କ ମନକୁ ପାଇଲା ନାହିଁ ସେ ଚାହୁଁଥିଲେ ତାଙ୍କ ପୁଅ ଏହାର ବ୍ୟତିକ୍ରମ କରି ରାଜା ସର୍ବେସର୍ବା, ପ୍ରଜାଏ ତାଙ୍କର ଇଙ୍ଗିତ ଆଦେଶରେ ଚଳିବେ, ଏହା ନହୋଇ ତାର ଓଲଟ ହେବା ଦେଖି ସମସ୍ତେ ଏଇ ନିୟମରେ ଭଗବାନଙ୍କୁ ବଡ଼ ଭାବିଲେ ରାଜା ଜଣେ ସାଧାରଣ ମନୁଷ୍ୟ ଭଳି ହୋଇଯିବେ, ଏଇ ଚିନ୍ତାରେ ଦୁଇଗୁରୁ ଷଣ୍ଡ ଅର୍କମଙ୍କୁ ଭର୍ତ୍ସନା ଓ ରାଜଦଣ୍ଡର ଧାରାରେ ପକାଇଲେ । ରାଜକୁମାଙ୍କୁ ଭିନ୍ନ ବିଦ୍ୟା ପଢ଼ାଇବା ଅବଶ୍ୟ ଜରୁରୀ ମାତ୍ର ତାହା ପ୍ରୟୋଗ ସ୍ଥଳ ନଥିଲେ ରାଜା କୃପା ଛାଡ଼ି ରାଜଦଣ୍ଡ ଭୋଗ ନିଶ୍ଚୟ ହେବ । ସମ୍ରାଟ ସାହାପାହାନ, ତାଙ୍କ ପୁତ୍ର ଆଉରଙ୍ଗଜେବଙ୍କୁ ସବୁ ମୋଗଲ ବଦଶାଙ୍କ ପରି ଗୃହ ଶିକ୍ଷକ ନିଯୁକ୍ତ କରି ପାଠପଢ଼ା ବ୍ୟବସ୍ଥା କରିଥିଲେ ଯେଉଁ ଶିକ୍ଷକ ଆସିଲେ ସେ ଆଉରଙ୍ଗଜେବଙ୍କୁ ପଢ଼ାଇଲେ, ତୁମେ ଏମିତି ବଂଶରେ ଜନ୍ମ ତୁମେ ଯେ ଆଡ଼େ ଯିବ ସେ ଆଡ଼େ ଶତ୍ରୁ ତ୍ରାହି ତ୍ରାହି ଡାକିବେ । ସମସ୍ତେ ତୁମର ଜୟଗାନ କରିବେ ତୁମର ରାଜପଣକୁ ସଲାମ କରି ସଲାମୀ ଅର୍ପଣ କରିବେ ।

ଅରୁଣୋଦୟ ମାର୍କେଟ, କଟକ

ମୋ: ୯୪୩୭୦୩୧୨୫୩

## ସଂପାଦକଙ୍କୁ ପତ୍ର

# ହିତାଧିକାରୀଙ୍କ ବକେୟା ଭତ୍ତା ତୁରନ୍ତ ପ୍ରଦାନ କରାଯାଉ

ମହାଶୟ,

ଗତ ଦୁଇ ମାସ ଧରି ହିତାଧିକାରୀମାନେ ଭତ୍ତା ନ ପାଇ ହନ୍ତସନ୍ତ ହେଉଥିବାର ଖବର ସମ୍ବାଦପତ୍ରରେ ପ୍ରକାଶ ପାଇବା ଚିନ୍ତାଜନକ । ଭତ୍ତା ଟଙ୍କା ଉପରେ ନିର୍ଭରଶୀଳ ହଜାର ହଜାର ବୟସ୍କ , ବିଧବା, ଦିବ୍ୟାଙ୍ଗଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ମଧୁବାବୁ ପେନସନ ଯୋଜନାରେ ମାସକୁ ୧୦୦୦ ଟଙ୍କା, ୮୦ ବର୍ଷରୁ ଅଧିକ ଓ ୮୦% ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ମିଳୁଛି । ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଯୋଜନାରେ ୮୦ ବର୍ଷରୁ କମ୍ ବ୍ୟକ୍ତିଙ୍କୁ ମାସକୁ ୧୦୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ମିଳୁଛି । ପ୍ରତି ମାସ ମିଳୁଥିବା ଏହି ଭତ୍ତା ଟଙ୍କାରେ ଔଷଧ କିଣିବା, ଖାଦ୍ୟ ସାମଗ୍ରୀ କ୍ରୟ କରିବା ଓ ପରିବାର ଚଳାଇ ଥାଆନ୍ତି । ଏହି ଟଙ୍କା ହିଁ ସେମାନଙ୍କର ନିୟମିତ ଆୟ, ବଞ୍ଚିବାର ରାହା, ଏକମାତ୍ର ଅବଲମ୍ବନ । ପ୍ରକାଶିତ ଖବର ଅନୁଯାୟୀ ଭତ୍ତା ତଦାରଖ, ବେନାମୀ ହିତାଧିକାରୀ ଚିହ୍ନଟ ଓ 'ଡିଜିଟାଲ୍ ଆପ୍' ର ପ୍ରଚଳନ ପରି ବୈଷୟିକ କାରଣରୁ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇନାହିଁ । କହିବାର କଥା, ସରକାରୀ କର୍ମଚାରୀଙ୍କ ଦରମା ଓ ପେନସନଭୋଗୀଙ୍କ ପେନସନ ଠିକ୍ ସମୟରେ ମିଳୁଥିବା ବେଳେ ଭତ୍ତାଧାରୀଙ୍କୁ ମାସ ମାସ ଧରି ଭତ୍ତା ଟଙ୍କା ପ୍ରଦାନ କରାନଯିବା ସେମାନଙ୍କ ପ୍ରତି ଅବିଚାର ନୁହେଁ କି ? କାହା ପାଇଁ ଏହି ସ୍ୱଳ୍ପ ଟଙ୍କା ମାମୁଲି ହୋଇପାରେ । ହେଲେ ଭତ୍ତା ଉପରେ ନିର୍ଭରଶୀଳ ଅଭାବୀ ମାନଙ୍କ ଲାଗି ଏହା ଜୀବନ ଜିଇଁବାର ପ୍ରଧାନ ଅବଲମ୍ବନ । ବିଳମ୍ବ ହେଲେ ସେମାନେ ଚଳିବେ କେମିତି ? ଏକଥା ବିଚାର କରିବା କଥା । ପ୍ରଚଣ୍ଡ ରୌଦ୍ରତାପରେ ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ପଞ୍ଚାୟତ ରୁ ବ୍ୟାଙ୍କ୍ ଓ ବ୍ୟାଙ୍କରୁ ପଞ୍ଚାୟତ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ଭତ୍ତା ଟଙ୍କା ନ ମିଳିବା ଆଦୌ ଗ୍ରହଣୀୟ ନୁହେଁ । ପ୍ରତି ମାସ ନିର୍ଦ୍ଧାରିତ ସମୟରେ ଭତ୍ତା ମିଳୁ । ମନେ ରଖିବାକୁ ହେବ ଯେ ଦେଶଠାରୁ କରୁଣା , ଦୟା ବା ଅନୁକମ୍ପା ନୁହେଁ, ମର୍ଯ୍ୟାଦା ଚାହାନ୍ତି ସେମାନେ । ସମ୍ମାନର ସହ ବଞ୍ଚିବା ପ୍ରତ୍ୟେକ ବ୍ୟକ୍ତିର ଅଧିକାର ।

ପ୍ରତାପ ନାୟକ

କଳିଙ୍ଗବିହାର, ଭୁବନେଶ୍ୱର

# ବିଷାକ୍ତ ହେଉଛି ବ୍ରାହ୍ମଣୀ, ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ଦାବି

ରାଉରକେଲା: ରାଜ୍ୟରେ ୧୬ଟି ନଦୀର ଜଳ ପ୍ରଦୂଷିତ। ଏହି ତାଲିକାରେ ରହିଛି ରାଉରକେଲାର ବ୍ରାହ୍ମଣୀ। ନିକଟରେ ବିଭାଗୀୟ ମନ୍ତ୍ରୀ ବିଧାନସଭାରେ ଏଭଳି ସାଂଘାତିକ ତଥ୍ୟ ରଖିବା ପରେ ବଢ଼ିଛି ଚିନ୍ତା। କାରଣ ପ୍ରତ୍ୟେକ ଦିନ ନଦୀ ଆଖପାଖରୁ ନିର୍ଗତ କଳକାରଖାନା, ବୁଦ୍ଧିଜୀବୀ ଓ ପରିବେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ହୋଟେଲଗୁଡ଼ିକରୁ ନିର୍ଗତ ବର୍ଜ୍ୟଜଳ ବିନା ଟ୍ରିଟ୍‌ମେଣ୍ଟରେ ବ୍ରାହ୍ମଣୀରେ ମିଶୁଛି। ସେପଟେ ସହରର ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରିବା ପାଇଁ ପ୍ରାୟ ୩୪୦ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରାଯାଇଥିବା ସେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଏବେ ବି ଅଧପନ୍ତରିଆ ହୋଇପଡ଼ିଛି। ୮ ବର୍ଷ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ପ୍ରକଳ୍ପ ଜରିଆରେ ୧୮୬ କିଲୋମିଟର ପାଇପ୍ ଲାଇନ୍ ବିଛାଯିବାକୁ ଡିପିଆର ପ୍ରସ୍ତୁତ ହୋଇଥିଲା।

ଏଥିସହ ୭ଟି ପମ୍ପିଂ ହାଉସ୍ ଓ ୨ଟି ସରେଜ ଟ୍ରିମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୭ ଜାନୁଆରି କାର୍ଯ୍ୟ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୨୦ ସୁଦ୍ଧା ଶେଷ ହେବ କଥା। ବିଭାଗୀୟ ଅଧିକାରୀଙ୍କ ତାଗିଦ୍ ସତ୍ତ୍ୱେ ଠିକାସଂସ୍ଥା କାମ ସାରିପାରିଲା ନାହିଁ। ୨୦୨୨ ପର୍ଯ୍ୟନ୍ତ କାମ କରିବାକୁ ଠିକା ସଂସ୍ଥାକୁ ସମୟ ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ କାମ ସରିଲାନି। ଏବେ ଯେତିକି ଘର, ହସ୍ପିଟାଲ, ହୋଟେଲ ଓ ରେସ୍ତୋରାଁକୁ ସରେଜ ଲାଇନ ସଂଯୋଗ ହେବା କଥା, ତା' ହୋଇ ନଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଏତେ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବ୍ରାହ୍ମଣୀନଦୀ ପ୍ରଦୂଷିତ ହେଉଥିବାରୁ ବୁଦ୍ଧିଜୀବୀ ଓ ପରିବେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀ ଉପରେ ନିର୍ଭରଶୀଳ ପାର୍ଶ୍ୱବର୍ତ୍ତୀ ବସ୍ତିବାସିନ୍ଦାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କାରଣ ଅନେକ ବସ୍ତିବାସିନ୍ଦା ଓ ପ୍ରାଣୀମାନେ ନଦୀର ଜଳକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ଅଧାପନ୍ତରିଆ ସରେଜ ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ ବ୍ରାହ୍ମଣୀ ଅଞ୍ଚଳବାସୀଙ୍କ ପ୍ରତି ବିପଦ ଆଣିପାରେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି, ବ୍ରାହ୍ମଣୀର ପ୍ରଦୂଷଣ ରୋକିବାକୁ ଉଭୟ ପ୍ରଦୂଷଣ ଓ ସରେଜ ବୋର୍ଡ ସଜାଗ ହେବା ଦରକାର। ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରିବାର ମଧ୍ୟ ଆବଶ୍ୟକତା ରହିଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଇଂ. ଅନୁପ କୁମାର ମଲ୍ଲିକ କହିଛନ୍ତି, ଡାକ୍ତରଖାନା ଓ ହସ୍ପିଟାଲଗୁଡ଼ିକ ନିର୍ଗତ ବର୍ଜ୍ୟଜଳକୁ ବିଶୋଧନ କରି ନଦୀ ଛାଡିବାକୁ ଚିଠି କରାଯାଇଛି। ବ୍ରାହ୍ମଣୀନଦୀର ଜଳ ଲୋକ ଓ ପ୍ରାଣୀସମ୍ପଦକୁ କ୍ଷତି ପହଞ୍ଚିବାଭଳି ପରିସ୍ଥିତି ଆସି ନାହିଁ। ଆଗକୁ ଏସ୍‌ଟିପି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବ୍ରାହ୍ମଣୀନଦୀ ଆଉ ଏତେଟା ପ୍ରଦୂଷିତ ହେବ ନାହିଁ। ତଥାପି ପ୍ରଦୂଷଣ ବିଭାଗ ବ୍ରାହ୍ମଣୀନଦୀ ଜଳ ପ୍ରଦୂଷିତ ନ ହେବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି।



# କଳାହାଣ୍ଡିର ଚାଷୀଙ୍କୁ ରୋଜଗାର ଦେଉଛି କଦଳୀ ଚାଷ

ଜୁନାଗଡ଼ (ପିପିଏସ୍): କେନ୍ଦ୍ର ଓ ରାଜ୍ୟ ସରକାର ଅନ୍ନଦାତା ମାନଙ୍କୁ ବିଶେଷ ଅଗ୍ରାଧିକାର ଦେଉଥିବାବେଳେ କଳାହାଣ୍ଡି ଜିଲ୍ଲା କୃଷି କ୍ଷେତ୍ରରେ ଏକ ନୂଆ ବିପ୍ଳବ ସୃଷ୍ଟି କରିଛି। କେବଳ ଧାନ ଚାଷରେ ସୀମିତ ନରହି ଏବେ ଅଣ-ଧାନ ଚାଷ, ବିଶେଷ କରି ଉଦ୍ୟାନ କୃଷି କ୍ଷେତ୍ରରେ ଜିଲ୍ଲା ରାଜ୍ୟର ଶୀର୍ଷ ସ୍ଥାନ ଅଧିକାର କରିଛି। ଉଦ୍ୟାନ କୃଷି ବିଭାଗର ସରକାରୀ ତଥ୍ୟ ଅନୁଯାୟୀ, ଟିସୁ କଲ୍ଚର କଦଳୀ ଚାଷରେ କଳାହାଣ୍ଡି ଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛି। ଜିଲ୍ଲା ର ୯୩୨.୯୧ ହେକ୍ଟର ଜମିରେ କଦଳୀ ଚାଷ ହୋଇଥିବା ବେଳେ ବାର୍ଷିକ ୨୦୯୯୪.୭ ମେଟ୍ରିକ୍ ଟନ ଉତ୍ପାଦନ ହେଉଥିବା ଜଣାପଡିଛି।

ମିଳୁଥିବା ସୂଚନା ଅନୁସାରେ, ଟିସୁ କଲ୍ଚର ପ୍ରଣାଳୀରେ କଦଳୀ ଚାଷ କରିବାରେ କଳାହାଣ୍ଡି ଜିଲ୍ଲା ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାକୁ ପଛରେ ପକାଇ ଦେଇଛି। ଜିଲ୍ଲା ର ଚାଷୀମାନେ ମୁଖ୍ୟତଃ 'ଗ୍ରାଣ୍ଡ ନୈନ' ଜି୯ କିସମର କଦଳୀ ଚାଷ କରୁଛନ୍ତି। ଏହି କିସମର ଚାହିଦା କେବଳ ସ୍ଥାନୀୟ ବଜାର ନୁହେଁ, ବରଂ ବିଦେଶରେ ମଧ୍ୟ ରହିଛି।

ନିକଟରେ କଳାହାଣ୍ଡିରୁ ପ୍ରଥମ ଥର ପାଇଁ କଦଳୀ ଦୁବାଇ ଭଳି ଆନ୍ତର୍ଜାତୀୟ ବଜାରକୁ ରପ୍ତାନି ହୋଇଛି, ଯାହା ଜିଲ୍ଲା ର କୃଷି ଇତିହାସରେ ଏକ ମାଇଲଖୁଣ୍ଟ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ, ରିହାତି ଦରରେ ବିହନ ଏବଂ ଉପଯୁକ୍ତ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ମଧ୍ୟ ଚାଷୀମାନେ ଉପକୃତ ହେଉଛନ୍ତି। ଟିସୁ କଲ୍ଚର କଦଳୀ ଚାଷ ଯୋଗୁଁ ଚାଷୀଙ୍କ ଆୟ ପାରମ୍ପରିକ ଚାଷ ତୁଳନାରେ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ଜୁନାଗଡ ବ୍ଲକ କରଚଲା ଓ କଲମପୁର ବ୍ଲକ ଜାମପଡ଼ା ଗାଁର ଚାଷୀ ସ୍ମୃତି ରଞ୍ଜନ ମୁଣ୍ଡ, ନୀଳମଣି ଲହଜଲ, ନାରାୟଣ ସାହୁ, ଶିବାନନ୍ଦ ସାହୁ ଆଦି କଦଳୀ ଚାଷ କରୁଛନ୍ତି। ସେମାନେ ଉଦ୍ୟାନ ବିଭାଗ ଓ ଫାର୍ମର ପ୍ରଡ୍ୟୁସର କମ୍ପାନୀ ସହାୟତା କ୍ରମେ କଦଳୀ ଚାଷ କରୁଛନ୍ତି। ପର୍ବରୁ ଜି ନାଇନ୍ କିସମର କଦଳୀ ଦୁବାଇକୁ ରପ୍ତାନୀ ହୋଇଥିବା ଜଣାପଡିଛି। ବିଦେଶକୁ କଳାହାଣ୍ଡିର କଦଳୀ ରପ୍ତାନୀ ହୋଇଥିବାରୁ ଜିଲ୍ଲା ର କଦଳୀ ଚାଷୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। କଦଳୀ ଚାଷ ଯୋଗୁଁ ସେହି ଅଞ୍ଚଳରୁ ଦାଦନ ସମସ୍ୟା ହ୍ରାସ କରିବାରେ ମଧ୍ୟ ସହାୟକ ହେଉଛି ବୋଲି ମଧ୍ୟ ଚାଷୀ ମାନେ ପ୍ରକାଶ କରିଛନ୍ତି। କଳାହାଣ୍ଡି ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନଙ୍କ ସୂଚନା ଅନୁଯାୟୀ, ଜିଲାର ମାଟି ଓ ଜଳବାୟୁ କଦଳୀ ଚାଷ ପାଇଁ ବେଶ୍ ଅନୁକୂଳ। ଫାର୍ମର ପ୍ରଡ୍ୟୁସର କମ୍ପାନୀ ବିଶେଷ ସକ୍ରିୟ ଅଛନ୍ତି ଓ ଆଗ୍ରହ ଦେଖାଉଛନ୍ତି। ଚାଷୀଙ୍କ ଆଗ୍ରହ ଏବଂ ବିଭାଗୀୟ ସହଯୋଗ ଯୋଗୁଁ କଳାହାଣ୍ଡି ଏବେ ଓଡ଼ିଶାର 'କଦଳୀ ଭଣ୍ଡାର' ଭାବେ ପରିଚିତ ହେବାକୁ ଯାଉଛି।କୃଷିବିଭାଗ ଓ ଉଦ୍ୟାନବିଭାଗ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ରେ ଚାଷୀମାନଙ୍କୁ ଉନ୍ନତ ଜ୍ଞାନକୌଶଳ ଯୋଗାଇ ଦେଲେ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



# ସ୍ୱାଧୀନତା ଖୋଜୁଛି ପାହାଡ଼ ତଳ ଗାଁ 'କେନ୍ଦାଯୋର'

ସୁନ୍ଦରଗଡ: 'ଗାଁକୁ ରାସ୍ତା ନାହିଁ, ଛୋଟ ନାଳ ଡେଇଁ ଲମ୍ଭି ଯାଇଥିବା ପାଦଚଲା ବାଟରେ ଦଶନ୍ଧି ଦଶନ୍ଧି ଧରି ଚାଲିଛି ଯିବାଆସିବା। ଏମିତିରେ ଗାଁକୁ ଆସି ପାରେନି ଆମ୍ବୁଲାନ୍ସ। ସେଇଥିପାଇଁ ଗୁରୁତର ରୋଗୀ ତଥା ଗର୍ଭବତୀଙ୍କୁ ଖଟ ଦୋଳାରେ ବୋହି ନେବାକୁ ହୁଏ। ବିଜୁଳି ନାହିଁ, ସଞ୍ଜ ନଉଣୁ ମାଡ଼ି ଆସେ ଅନ୍ଧାର। କିଛି ବର୍ଷ ହେଲା ପାଣି ପାଇଁ ସୌରଚାଳିତ ପାନୀୟ ପ୍ରକଳ୍ପ ବସାଇଛନ୍ତି ସରକାର। ବର୍ଷାଦିନେ ମେଘ ଢାଙ୍କିଲେ ତାହା ବି ଅଚଳ। ଏହି ସମୟରେ କୂଅପାଣି ପିଇ ଜୀବନ ବଂଚେ। ପ୍ରାଥମିକ ଶିକ୍ଷା ପାଇଁ ଯେଉଁ ବିଦ୍ୟାଳୟଟି ଥିଲା, ବହୁ ବର୍ଷରୁ ସେଥିରେ ତାଲା ପଡ଼ିଯାଇଛି। ପିଲାଏ ପାଠ ଛାଡ଼ି ଦେଇଛନ୍ତି। ଏମିତି ଏକ ନାହିଁ ନାହିଁର ଗାଁରେ ଆମେ ବଂଚୁଛୁ'। ଏକାଥରକେ ଗାଁର ଏତେ ସବୁ ଦୁର୍ଦ୍ଦଶା କଥା କହି ଦମ୍ ମାରିଥିଲେ ଦଶରୁ କିଶାନ। ଦଶରୁ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ୍ ଡୁଡୁକା ପଂଚାୟତ ପାହାଡ଼ ତଳ ଗାଁ କେନ୍ଦାଯୋରର ଷାଠିଏ ବର୍ଷର ବୃଦ୍ଧ। ଗାଁ ମୁଣ୍ଡରେ ତାଙ୍କ ସହ ଭେଟ ହୋଇଥିଲା। ତାଙ୍କ ମୁହଁରୁ ଏତେ ସବୁ ଶୁଣିବା ପରେ କଥା ଛଳରେ ତାଙ୍କୁ ଅଗଷ୍ଟ ପନ୍ଦର, ସ୍ୱାଧୀନତା ଦିବସର କଥା ପଚାରିଲୁ। ସେ କିଛି କହିଲେନି, ମଳିନ ହସଟେ ହସି କାନ୍ଧରେ ଫାଉଡ଼ାଟେ ପକାଇ ଚାଲିଗଲେ। ସେ ହସ ଭିତରେ ଯେମିତି କହିଗଲେ, ନାହିଁ ନାହିଁରେ ଜିଉଁଥିବା ଗାଁରେ ସ୍ୱାଧୀନତା ଦିବସର ମୂଲ୍ୟ ବା' କଣ। କେନ୍ଦାଯୋର ଗାଁରେ ସମସ୍ତ ଆଦିବାସୀ। ୨୮ଘର ବିଶିଷ୍ଟ ଗାଁରେ ଜନସଂଖ୍ୟା ପାଖାପାଖି ଦେଢ଼ଶହ। ଗାଁର ପ୍ରାୟ ପରିବାରର ଜୀବନଜୀବିକା ଜଙ୍ଗଲରେ। ମହୁଲ, ଚାର, ଝୁଣା, ମହୁ, ଲାଖ ଆଦି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରି କରି ଚଳନ୍ତି ଗାଁର ଅଧିକାଂଶ ଲୋକେ। ଏବେ ବି ଅନେକ ପରିବାର ମାଟିଘରେ ରହୁଛନ୍ତି। ମିଳିନି ପ୍ରଧାନମନ୍ତ୍ରୀ ଆବାସ। ଜଣକ ଘରେ ବି ସ୍ୱଚ୍ଛ ଭାରତ ପାଇଖାନା ନିର୍ମାଣ ହୋଇନାହିଁ। ହେମଗିର ବ୍ଲକ୍ ଅଧୀନରେ ଥିଲେ ହେଁ ଗାଁ ଲୋକେ ନିର୍ଭର କରନ୍ତି ଲେଫ୍ରିପଡ଼ା ବଜାର ଉପରେ। ରାସ୍ତା ନଥିବା ବେଳେ ପାଦଚଲା ବାଟରେ ଯିବାଆସିବା। ବର୍ଷାଦିନେ ଯାତାୟାତ ଅଧିକ ଯନ୍ତ୍ରଣାଦାୟକ ହୋଇଯାଏ। ଏହି ସମୟରେ କେହି ଯଦି ରୋଗରେ ଗୁରୁତର ହେଲା ବା କେହି ମହିଳା ଗର୍ଭବେଦନାରେ ଛଟପଟ ହେଲା, କଥା ସରିଲା। କିଛି ବାଟ ଖଟରେ ବୋହି ନେଲା ପରେ ଆମ୍ବୁଲାନ୍ସ ସେବା ମିଳେ। ଖଟଦୋଳାରେ ବୋହିନେଲାବେଳେ ରୋଗୀ, ଗର୍ଭବତୀଙ୍କ ଭାଗ୍ୟ ଟାଣଥିଲେ ବଂଚିଯାଆନ୍ତି, ନହେଲେ ଅଧାବାଟରେ ପ୍ରାଣ ଚାଲିଯାଏ। ଏମିତି କିଛି ଦୁଃଖଦ ନଜିର ବି ଗାଁ ଦେଖିଛି। ବର୍ଷ ବର୍ଷ ଧରି ଗାଁ ଲୋକେ ଭୋଗି ଚାଲିଥିବା ଏସବୁ ଦୁର୍ଦ୍ଦଶା ସମ୍ପର୍କରେ ପ୍ରଶାସନକୁ ବହୁବାର ଜଣାଇଛନ୍ତି। ହେଲେ କେହି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରନ୍ତି ଗାଁର ୱାର୍ଡସଭ୍ୟା ସରୋଜିନୀ କାଲୋ। ପ୍ରାଶାସନିକ ଉଦାସୀନତା ଓ ଅବହେଳା ମଧ୍ୟରେ ବିକାଶ କଥା ଛାଡ଼, ଏବେ ବି ଜୀବନ ଜିଇଁବାର ମୌଳିକ ସାଧନଠାରୁ ଗାଁଟି ଅପହଂଚ ହୋଇ ରହିଛି। ସ୍ୱାଧୀନତାର ୭୯ ବର୍ଷ ପରେ କେନ୍ଦାଯୋର ପାଇଁ ଏହାଠୁ ବଳି ବିଡ଼ମ୍ବନା ଆଉ କ'ଣ ହୋଇପାରେ।



# ୬୦ ବର୍ଷ ପରେ ବି ଅବହେଳିତ ସାଳନ୍ଦୀ ନଦୀବନ୍ଧ ବିସ୍ଥାପିତ

ହାଟଡିହି :କେନ୍ଦୁଝରଜିଲ୍ଲାସାଳନ୍ଦୀ ନଦୀର ହାଟଡିହି ଠାରେ ନଦୀବନ୍ଧ ନିର୍ମାଣ ହେଲେ, ଚାଷ ହେବ, ରୋଜଗାର ବଢ଼ିବ, ଆର୍ଥିକ ବିକାଶ ହେବ, ଲୋକଙ୍କ ଜୀବନଧାରଣ ଉନ୍ନତ ହେବ ବୋଲି ସ୍ୱପ୍ନ ଦେଖାଇଥିଲେ। ନଦୀବନ୍ଧ ନିର୍ମାଣ ହେବା ପରେ ଅଞ୍ଚଳରେ କାହାରି ବିକାଶ ହୋଇଛି ତାହା ସମୀକ୍ଷାର କଥା, କିନ୍ତୁ ନଦୀବନ୍ଧ ପାଇଁ ନିଜର ଭିଟାମାଟି ଛାଡ଼ିଥିବା ଶତାଧିକ ବିସ୍ଥାପିତ ୬୦ ବର୍ଷ ପରେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛନ୍ତି।

୧୯୬୫ରେ ଜିଲାର ବୃହତ୍ ନଦୀବନ୍ଧ ପାଇଁ ଏଠାରେ ବସବାସ କରିଆସୁଥିବା ଜନଜାତିଙ୍କୁ ସରକାର ବିସ୍ଥାପିତକରିଥିଲେ। କିଛି ଲୋକ ଅନ୍ୟତ୍ର ଉଠି ଆସିଥିବା ବେଳେ ଅଧିକାଂଶ ଲୋକ ଜଙ୍ଗଲ ମଧ୍ୟରେ ଅବସ୍ଥାପିତ ହୋଇଥିଲେ। କେ ବାଲିପାନ ବିସ୍ଥାପିତ ପଞ୍ଚାୟତ ଭାବେ ପରିଗଣିତ ହେଉଥିବା ବେଳେ ପଞ୍ଚାୟତରେ ମଲିପଶି, ସରମୁଣ୍ଡି, ଭଅଁରା, ମୟୂରନଚା , କଅଁଳେଇ ବାଲିପାଳ, ରାଇଘାଟି, ଡଙ୍ଗାବାହାଳି, ପାଲବଣି ଆଦି ଗ୍ରାମ ରହିଛି। ବିସ୍ଥାପିତ ହୋଇ ଏହି ଅଞ୍ଚଳକୁ ଆସିବାର ଦୀର୍ଘ ବର୍ଷ ପରେ କେ ବାଲିପାଳ ପଞ୍ଚାୟତ ନିକଟରେ ପ୍ରାଥମିକ ବିଦ୍ୟାଳୟ ଏବଂ ପରେ ଉଚ୍ଚ ବିଦ୍ୟାଳୟ ନିର୍ମାଣ କରାଯାଇଛି। ମାତ୍ର ଉଚ୍ଚ ବିଦ୍ୟାଳୟକୁ ଯିବାକୁ ସବୁ ଗାଁରୁ ରାସ୍ତା ନଥିବାରୁ ଅଧିକାଂଶ ଶିଶୁ ଶିକ୍ଷାରୁ ବଞ୍ଚିତ ହୋଇ ରହୁଛନ୍ତି। ପଞ୍ଚାୟତର ପ୍ରତିଟି ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ତେବେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ସେଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗମନାଗମନ ପାଇଁ ଭଲ ରାସ୍ତା ନାହିଁ।

୨୦୧୦ରେ ଛତରାଘାଟିକୁ କାଟି ବନ ବିଭାଗ ଦ୍ୱାରା ଏକ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତାକୁ ମରାମତି କରାଯାଉ ନଥୁବାରୁ ତାହା ଯାତାୟାତ ଅନୁପଯୋଗୀ ହୋଇ ପଡିଛି। ୨୦୨୪ରେ ଛତରାଘାଟିଠାରୁ ବାଲିପାଳ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ସରକାର ଜିଲା ଖଣିଜ ପାଣ୍ଠିରୁ ୧୨ କୋଟି ୨୯ଲକ୍ଷ ୧୩ ହଜାର ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ରାସ୍ତାଟି ହଦଗଡ଼ ଅଭୟାରଣ୍ୟର ଏକ ସଂରକ୍ଷଣ ଅଞ୍ଚଳ ହୋଇଥିବାରୁ ରାସ୍ତା ନିର୍ମାଣ ପାଇଁ ବନ ବିଭାଗ ପକ୍ଷରୁ ଅନୁମତି ମିଳୁ ନଥିବାରୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇ ପାରୁନି। ରାସ୍ତା ନଥିବାରୁ ଏ ଅଞ୍ଚଳକୁ, ଲକ୍ଷ୍ମୀବସ୍, ଆମ୍ବୁଲାନ୍ସ ଆଦି ଜରୁରୀକାଳୀନ ସେବା ପହଞ୍ଚିପାରୁନାହିଁ। ଅଞ୍ଚଳରେ ମୋବାଇଲ ନେଟୱର୍କ ସୁବିଧା ନାହିଁ। ଏ ଅଞ୍ଚଳରେ ଡାକ୍ତରଖାନାର ସୁବିଧା ନଥିବା ବେଳେ ୧୦ ରୁ ୧୨ କିଲୋମିଟର ଦୂର ହଦଗଡ଼ ଡାକ୍ତରଖାନା ନଚେତ ପଡ଼ୋଶୀ ଭଦ୍ରକ ଜିଲାର ଆଗରପଡ଼ା, ବାଲେଶ୍ୱର ଜିଲା କପ୍ତିପଦା ଅଞ୍ଚଳରେ ପୂବା ଡାକ୍ତରଖାନା ଉପରେ ଲୋକେ ନିର୍ଭର କରୁଛନ୍ତି।

ଏଥିସହ ଗାଁଗୁଡ଼ିକ ବନ ବିଭାଗର ସଂରକ୍ଷଣ ଜଙ୍ଗଲ ଭିତରେ ହୋଇଥିବାରୁ ଅନେକ ଲୋକଙ୍କୁ ସ୍ଥାୟୀ ବାସିନ୍ଦା ଭାବେ ଘରବାଡ଼ି ପଟ୍ଟା ମିଳିନାହିଁ ଓ ଯାହାଦ୍ୱାରା ଲୋକେ ଜାତିଗତ, ବାସସ୍ଥାନ ପ୍ରମାଣପତ୍ର ପାଇ ପାରୁ ନାହାନ୍ତି। ଏଥିପାଇଁ ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଜମି ପଟ୍ଟା ନଥିବାରୁ ଏହି ପଞ୍ଚାୟତ ଲୋକେ ଆବାସ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ସେହିପରି ସଂରକ୍ଷଣ ଜଙ୍ଗଲ ହେତୁ ବିଦ୍ୟୁତ୍ ଆସିପାରୁନାହିଁ। ଅନେକ ଦାବି ପରେ ବନ ବିଭାଗ ଦ୍ୱାରା ସେ ?ରଶକ୍ତିଚାଳିତ ଆଲୁଅ ଯୋଗାଇ ଦିଆଯାଇଛି। କିଛି ବର୍ଷ ପୂର୍ବେ ବସୁଧା ଯୋଜନାରେ ପାନୀୟଜଳ ସୁବିଧା ପାଇଁ ବ୍ୟବସ୍ଥା କରାଯାଇ ଥିଲେ ବି ତାହା କାର୍ଯ୍ୟକ୍ଷମ ହୋଇନି। ଫଳରେ ଲୋକେ ନିକଟସ୍ଥ ଝରଣା, ଚୁଆପାଣି ପିଉଛନ୍ତି। ଗ୍ରାମବାସୀମାନେ ଏନେଇ ବାରମ୍ବାର ବ୍ଲକ, ଜିଲ୍ଲାପାଳ ଅଫିସ ଓ ବିଧାନସଭା ସମ୍ମୁଖରେ ପ୍ରତିବାଦ କରି ଦାବିପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, କିନ୍ତୁ ଏଯାଏଁ ସେମାନଙ୍କ ଦୁଃଖ ପ୍ରଶାସନ କିମ୍ବା ସରକାରଙ୍କ ନିକଟରେ ପହଞ୍ଚିପାରିନାହିଁ।





# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ପଣ୍ଡିତ ନିରଞ୍ଜନ ରଥ



**ଭୁବନେଶ୍ୱର(ପିପିଏସ୍):** ପଣ୍ଡିତ ନିରଞ୍ଜନ ରଥ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ପ୍ରବୀଣ ସାମ୍ବାଦିକ,ବରିଷ୍ଠ ସମାଜସେବୀ, ପ୍ରାଚୀନ ସାହିତ୍ୟର ବିଦ୍ୱାନ,ସଂସ୍କୃତଜ୍ଞ, ବେଦ, ବେଦାନ୍ତ ଉପରେ ଅଗାଧ ଜ୍ଞାନୀ ଓ ସର୍ବୋପରି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତପ୍ରକାଶ ପାଇଛି। ପୂଜ୍ୟ ପୂଜା ଓଡିଶା ପକ୍ଷରୁ ଓଡିଶା ଲେଖକ ସମବାୟ ସମିତି ପରିସରରେ ଶ୍ରୀ ରଥଙ୍କ ୭୯ତମ ଜୟନ୍ତୀ ପାଳନ ଅବସରରେ ଅତିଥି ଭାବେ ଯୋଗଦେଇ ବୈଦ୍ୟଶ୍ରୀ ଗୋପାଳଚନ୍ଦ୍ର ନନ୍ଦ, ପ୍ରଫେସର ଭାରତ ଭୂଷଣ ରଥ, ପରମେଶ୍ୱର ମିଶ୍ର, ଆରତି କର, ସୁବାସଚନ୍ଦ୍ର ସାହୁ, କୈଳାସଚନ୍ଦ୍ର ରଥ, ମାଧବଚନ୍ଦ୍ର ରଥ, ସୁକାନ୍ତ ପ୍ରଧାନ ବିଭିନ୍ନ ଉଦାହରଣ ମାଧ୍ୟମରେ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଶ୍ରୀ ରଥଙ୍କ ସମ୍ପାଦିତ ପଣ୍ଡିତ ଚନ୍ଦ୍ରଶେଖର ରଥ ଶର୍ମାଙ୍କ ଶ୍ରୀ ଲକ୍ଷ୍ମଣା ପରିଣୟ ମହାକାବ୍ୟର ଓଡ଼ିଆ ଅନୁବାଦ ଉନ୍ମୋଚିତ ହୋଇଥିଲା। କଳିଙ୍ଗ ବିହାରସ୍ଥ ଜଗନ୍ନାଥ ବାଟିକାରେ ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ସ୍ୱର୍ଗତଃ ଶ୍ରୀ ରଥଙ୍କ ସ୍ମୃତିରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ନାରୀକେଳ ବୃକ୍ଷରୋପଣ କରିଥିଲେ। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସମିତ ରାଉତ ଭଜନ ଗାନ କରିଥିଲେ।

# ୩୪ତମ 'ନୃତ୍ୟାଞ୍ଜଳି ମହୋତ୍ସବ'



**ଭୁବନେଶ୍ୱର(ପିପିଏସ୍):** ୩୪ତମ 'ନୃତ୍ୟାଞ୍ଜଳି ମହୋତ୍ସବ' ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ସାଂସଦ ଅନୀତା ଶୁଭଦର୍ଶିନୀ, ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ କସ୍ତୁରୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ରାଜ କୁମାର ପ୍ରଧାନ, ଓଡ଼ିଶୀ ନୃତ୍ୟ ଗୁରୁ ଭରତ ଚରଣ ଗିରି ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କଳା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସନ୍ଧ୍ୟା ଅଧିବେଶନରେ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ଜେନା, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ରାଜେନ୍ଦ୍ର ନାଥ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ବ୍ରଜକିଶୋର ମଲ୍ଲିକ ଓ ସଚ୍ଚିଦାନନ୍ଦ ଦାସଙ୍କୁ 'ନୃତ୍ୟାଞ୍ଜଳି ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଉପେନ୍ଦ୍ର କୁମାର ପାହାଡ଼ସିଂହ ଓ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ 'ନାଟ୍ୟ ପୁରୁଷ ସମ୍ମାନ' ପ୍ରଦାନ କରାଯାଇଥିଲା। ମହୋତ୍ସବର ପ୍ରଥମ ଦିବସଟି ଶାସ୍ତ୍ରୀୟ ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା। ଉତ୍ସବରେ ୧୫୦ରୁ ଊର୍ଦ୍ଧ୍ୱ କଳାକାର ସଙ୍ଗୀତ, ବାଦ୍ୟ, ଗତରେ ନିଜର କଳାର ଚାତୁରୀ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସଭାପତି ସୁକାନ୍ତ କୁଣ୍ଡୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପୁଷ୍ପରଞ୍ଜନ ମଙ୍ଗରାଜ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

# ସାରସ୍ୱତ ସମାଜର ଆଲୋଚନାଚକ୍ର ଓ କବିତା ଆସର

**ଭୁବନେଶ୍ୱର(ପିପିଏସ୍):** ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଭୁବନେଶ୍ୱର ସାରସ୍ୱତ ସମାଜ ତରଫରୁ ସ୍ଥାନୀୟ ଖାରବେଳ ନଗରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବରିଷ୍ଠ ଛାତି ରୋଗ ବିଶେଷଜ୍ଞ ଡ. ସୁଦାମଚନ୍ଦ୍ର ସାହୁ, ପ୍ରଫେସର୍ ଡ. ଜୟକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ଜୀବନରେ ସଫଳତା ପାଇଁ ଭାଗବତ ଚିନ୍ତା ଚେତନା, କାର୍ଯ୍ୟଦକ୍ଷତାର ପରାକାଷ୍ଠା ଏବଂ ସମୟାନୁବର୍ତ୍ତିତା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ସୌଦାମିନୀ ସାମନ୍ତରାୟ ବେଦ ପାଠ କରିଥିବା ବେଳେ ଡ. ଶରତଚନ୍ଦ୍ର ପରିଡ଼ା ସାହିତ୍ୟ ଅନୁଭୂତି ସହ ବେଦ ଓ ଉପନିଷଦ ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ଅନୁଷ୍ଠାନ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଗବେଷିକା ଡ. ହିମାଦ୍ରି ତନୟା ମିଶ୍ର, ଶୁଭ୍ରା ନନ୍ଦ, କବି ଭକ୍ତିଲତା ମହାନ୍ତି ପ୍ରମୁଖ ସଞ୍ଚାଳନ କରିଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବି ସାହିତ୍ୟିକ ଓ ଲେଖକ କବିତା ଆସରରେ ଅଂଶଗ୍ରହଣ ନିଜ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଦେବଦତ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହମଦିୟା ମୁସଲିମ ସମ୍ପ୍ରଦାୟର ୧୧୮ତମ ଖିଲାଫତ ଦିବସ




**ଭୁବନେଶ୍ୱର(ପିପିଏସ୍):** ୟୁନିଟ୍-୪ସ୍ଥିତ ମସ୍‌ଜିଦ ହମଦଠାରେ ଅହମଦିୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ୧୧୮ତମ ଖିଲାଫତ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନମାଜ ତହଜୁଦ ପାଠ କରାଯିବା ପରେ ଫଜର ନମାଜ ପାଠ ଓ ସାମୂହିକ କୋରାନ ଆବୃତ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନମାଜ ମଗରିବ ଓ ଇଶା ପରେ ଭୁବନେଶ୍ୱର ଅହମଦିୟା ମୁସଲିମ ସମ୍ପ୍ରଦାୟ ସଚିବ ଶେଖ୍ ଅବଦୁଲ ହକିମ ସାହିବଙ୍କ ସଭାପତିତ୍ୱରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ସେହିପରି ପ୍ରାରମ୍ଭରେ ପବିତ୍ର କୋରାନ ପାଠ ଆବୃତ୍ତି ପରେ କବିତା ଆବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱର ମୁଖ୍ୟ ପ୍ରଚାରକ ହଲିମ ଖାନ ଯୋଗଦେଇ କହିଥିଲେ, ଖିଲାଫତର ଅର୍ଥ ହେଲା କୌଣସି ଅବତାର ବା ଯୁଗସଂସ୍କାରକ ଅଥବା ନବି। ରସୁଲଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟକୁ ଐଶୀ ଆଦେଶାନୁଯାୟୀ ଆଗକୁ ବଢ଼ାଇବା। ଯେପରି ପୈଗମ୍ବର ହଜରତ ମୁହମ୍ମଦଙ୍କ ପରେ ଇସଲାମ ଇତିହାସରେ ହଜରତ ଅବୁବକର ସିଦ୍ଦିକ୍, ହଜରତ ଉମର ଫାରୁକ୍, ହଜରତ ଉସ୍‌ମାନ ଗନି ଏବଂ ହଜରତ ଅଲ୍ଲି ଇସ୍‌ଲାମୀୟ ଖିଲାଫତର କାର୍ଯ୍ୟଭାରକୁ ତୁଲାଇଥିଲେ। ଖଲିଫା ପଦବୀ ପାଇଁ କେବଳ ଈଶ୍ୱର ହିଁ ଜଣେ ଏକେଶ୍ୱର ବିଶ୍ୱାସୀ, ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତିଙ୍କୁ ଚୟନ କରିଥାନ୍ତି। କାର୍ଯ୍ୟକ୍ରମକୁ ଯୁବ ସଂଗଠନ ଅହମଦିୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱରର ସଭାପତି ପରଭେଜ୍ ଅହମଦ, ନିଜାମୁଦ୍ଦିନ ଖାନ, ଶମିମ ଅହମଦ, ସମିର ଅହମଦ, ତାହିର ଅହମଦ ଖାନ ପ୍ରମୁଖ ଯୁବସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା।

# ମହିଳାଙ୍କୁ ଦୁଷ୍କର୍ମ; ଥାନାରେ ମାମଲା

**ଭୁବନେଶ୍ୱର(ପିପିଏସ୍):** ପୁଣି ଭୁବନେଶ୍ୱରରେ ଦୁଷ୍କର୍ମ ଅଭିଯୋଗ। ଭରତପୁର ଥାନାଞ୍ଚଳରେ ଥିବା ଏକ ବସ୍ତିରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ହୋଇଛି। ଗତ ୩ ଦିନ ତଳେ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ତାଙ୍କ ପଡ଼ୋଶୀ। ତାଙ୍କ ଘରେ କେହି ନଥିଲା ବେଳେ ସମ୍ପୃକ୍ତ ଯୁବକ ଜଣଙ୍କ ତାଙ୍କ ଘରକୁ ଆସି ଦୁଷ୍କର୍ମ କରିଥିଲେ। ପୁଲିସ ତଦନ୍ତ ଜାରି ରଖିଛି।

# ମହିଳା ଶ୍ରମିକଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ରାଜମିସ୍ତ୍ରିକୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର(ପିପିଏସ୍):** କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ମହିଳା ଶ୍ରମିକଙ୍କୁ ହତ୍ୟା ଘଟଣାରେ ଗତକାଲି ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଏହି ହତ୍ୟା ମାମଲାର ବିଚାରକରି ରାଜମିସ୍ତ୍ରି ତଥା ମଧ୍ୟପ୍ରଦେଶ ଭୋପାଳର ଶୁକଦେବ କେବଟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ। ପୁଲିସ ସୂଚନାନୁସାରେ, ବାଣପୁର ଅଞ୍ଚଳର ସୀତା ଦେଇଙ୍କ ସମେତ ଏକାଧିକ ମହିଳା ଶ୍ରମିକ ରାଜମିସ୍ତ୍ରି ସୁକଦେବ ଅଧୀନରେ କାମ କରୁଥିଲେ। ସୀତା ଓ ସୁକଦେବଙ୍କ ମଧ୍ୟରେ ଘନିଷ୍ଠ ରହିଥିଲା। ପୁରୀରେ କାମ ଚାଲିଥିବା ବେଳେ ପାରିଶ୍ରମିକକୁ ନେଇ ଝଗଡ଼ା ହେବାରୁ ସୀତା ଓ ଅନ୍ୟମାନେ କାମ ଛାଡ଼ି ଗାଁକୁ ପଳାଇଥିଲେ। ଏହାପରେ ସୁକଦେବ ତାଙ୍କ ଗାଁକୁ ଯାଇ ଗଣ୍ଡଗୋଳ କରିବା ସହ ସୀତାଙ୍କ ଘରେ ନିଆଁ ଲଗାଇ ଦେଇଥିଲା। ଗ୍ରାମବାସୀ ଏକାଠି ହୋଇଯିବାରୁ ସୁକଦେବ ସେଠାରୁ ଖସି ଆସିଥିଲା। ପରବର୍ତ୍ତୀ ସମୟରେ ସୀତା ଭୁବନେଶ୍ୱର ଆସି ସୁକଦେବ ଅଧିନରେ କାମ କରୁଥିଲେ। ଏଥିସହିତ ସୁକଦେବ ରହୁଥିବା ଅଶୋକ ନଗରସ୍ଥିତ କାଳୀ ବାଡ଼ି ବସ୍ତିସ୍ଥିତ ଭଡ଼ା ଘରକୁ ଯିବାଆସିବା କରୁଥିଲେ। ୨୦୧୮ ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ସନ୍ଧ୍ୟାରେ କୌଣସି କାରଣକୁ ନେଇ ସୁକଦେବ ଓ ସୀତାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁକଦେବ ଉତକ୍ଷିପ୍ତ ହୋଇ କୁରାଢ଼ିରେ ହାଣି ସୀତାଙ୍କୁ ହତ୍ୟା କରିଥିଲା। ସେ ମୃତ୍ୟୁବରଣ କରିବି ପରେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଭଡ଼ା ଘରେ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଖବରପାଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚିଥିଲା। ମୃତଦେହଟି ସୀତାଙ୍କର ବୋଲି ଜାଣିବା ସହ ଘରଟିକୁ ସୁକଦେବ ଭଡ଼ାରେ ନେଇଥିବା ଜଣାପଡ଼ିଥିଲା। ଉପରୋକ୍ତ ଘଟଣାକୁ ନେ କ୍ୟାପିଟାଲ ଥାନା ପୁଲିସ କେସ୍ ନଂ-୪୦୦/୧୮ରେ ଧାରା-୩୦୨ ଆଇପିସି ଲଗାଇ ମାମଲା ରୁଜୁ କରିବା ସହ ତତ୍କାଳୀନ ଇନ୍ସପେକ୍ଟର ତଥା ବର୍ତ୍ତମାନ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନାଧିକାରିଣୀ ସନ୍ଧ୍ୟାରଣୀ ସିଂହଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ସମୟରେ ଉକ୍ତ ଘରୁ କେବଳ ସୁକଦେବର ଏକ ଆଧାର କାର୍ଡ ମିଳିଥିଲା, ଯେଉଁଥିରୁ ଭୋପାଳ ବାସିନ୍ଦା ବୋଲି ଜଣାପଡ଼ିଥିଲା। ଆଧାରକାର୍ଡରେ ଥିବା ମୋବାଇଲ ନମ୍ବରକୁ ଟ୍ରାକ କରିବାରୁ, ସେ ସମ୍ବଲପୁରରେ ଥିବା ଜାଣି ପୁଲିସ ଟିମ୍ ସେଠାକୁ ଯାଇଥିଲା। ହେଲେ ସୁକଦେବ କି-ପ୍ୟାଡ ମୋବାଇଲ ଫୋନ୍ ବ୍ୟବହାର କରୁଥିବାରୁ ତା'କୁ ଧରିବା ପୁଲିସ ପାଇଁ କଷ୍ଟକର ବ୍ୟାପାର ହୋଇଥିଲା। ଏହାସହିତ ଆଧାର କାର୍ଡ ଫଟୋରୁ ଅଭିଯୁକ୍ତକୁ ଚିହ୍ନଟ କରିବା ମଧ୍ୟ ସହଜ ନଥିଲା। ସେ କ୍ଷେତରାଜପୁର ରେଲୱେ ଷ୍ଟେସନରେ ଥିବାବେଳେ ପୁଲିସ ଚଢ଼ଉ କରିଥିଲେ ମଧ୍ୟ ତାକୁ ଚିହ୍ନଟ କରିପାରିନଥିଲା। ହେଲେ ପୁଲିସକୁ ଦେଖି ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସୁକଦେବକୁ ମାଡ଼ି ବସିଥିଲା। ତଦନ୍ତକାରୀ ଅଧିକାରିଣୀ ଶ୍ରୀମତୀ ସିଂ ସୁକଦେବକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

# ଭିନ୍ନକ୍ଷମଙ୍କ ସମସ୍ୟା ନେଇ ଆଲୋଚନା

**ଭୁବନେଶ୍ୱର(ପିପିଏସ୍):** ତୋଷାଳି ଭବନସ୍ଥିତ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସକ୍ଷମାର ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଅଧ୍ୟକ୍ଷତା କରି ଗୃହ ବନ୍ଦନା ଏବଂ କ୍ରୀଡ଼ା ଉପରେ ବିଶେଷ ଆଲୋଚନା କରିଥିଲେ। କ୍ରୀଡ଼ା ଓ ଯୁବସେବା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ କଣ କଣ କାର୍ଯ୍ୟ କରୁଛି ସେ ବିଷୟରେ ସମୀକ୍ଷା କରିବା ସହ କ୍ରୀଡ଼ା କ୍ଷେତ୍ରରେ କଣ ସୁବିଧା ପ୍ରଦାନ କରାଯାଇପାରିବ ସେ ଦିଗରେ ବିଶେଷ ପଦକ୍ଷେପ ନେବା ତଥା ବିଭାଗର ଓ୍ୱେବ୍ସାଇଟ୍‌ରେ ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ ଆକସେସ୍ କରିବାକୁ ଅନୁରୋଧ କରିଥିଲେ। ଆଲୋଚନାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ଶାସନସଚିବ ଗୀତାଞ୍ଜଳି ନାୟକ ଯୋଗଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରହିଥିବା ସୁବିଧା ବିଷୟରେ ଅବଗତ କରାଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଭିନ୍ନକ୍ଷମମାନଙ୍କୁ ସୁହାଇଲା ଭଳି ଶୟନ ଗୃହ, ଶୌଚାଳୟ, ରାମ୍ପ, ଲିଫ୍ଟ ତଥା ଅନ୍ୟାନ୍ୟ ସୁବିଧା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡିଓ ଉଦାନର ପ୍ରତିଷ୍ଠାତା ଦାନିଶ ମହାଜନ ଏହି ଖୋଲା ଆଲୋଚନାରେ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଯୋଗଦେଇ ବିଭିନ୍ନ ରାଜ୍ୟରେ ଭିନ୍ନକ୍ଷମମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ଯେଉଁ ସୁବିଧା ପ୍ରଦାନ କରାଯାଉଛି ତାହାର ଅପଡେଟ୍ ପ୍ରଦାନ କରିଥିଲେ। ଜିଲ୍ଲା ଖୋର୍ଦ୍ଧା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ ଜିଲ୍ଲା ସ୍ତରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭିନ୍ନକ୍ଷମମାନଙ୍କ ନିମନ୍ତେ କରାଯାଉଥିବା କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ ହେଲା ପରେ ସେମାନଙ୍କୁ ମଧ୍ୟ ପ୍ରଦାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ।

# ଓର୍‌ମାସ ପକ୍ଷରୁ 'ମ୍ୟାଙ୍ଗୋ ଫେଷ୍ଟିଭାଲ ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ଆୟୋଜିତ 'ମ୍ୟାଙ୍ଗୋ ଫେଷ୍ଟିଭାଲ-୨୦୨୬' ପଟିଆସ୍ଥିତ ଶିଶୁ ବିହାରରେ ଉଦଘାଟିତ ହୋଇଯାଇଛି। ଏହି ମେଳାକୁ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉଦଘାଟନ କରି କହିଛନ୍ତି, ରାଜ୍ୟର ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ସହ ପ୍ରାକୃତିକ ଭାବେ ପାଚିଥିବା ଆମ୍ବକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଏହା ମାଧ୍ୟମରେ ଚାଷୀମାନେ ସିଧାସଳଖ ଗ୍ରାହକଙ୍କୁ ବିକ୍ରୟ କରି ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇପାରିବେ। ଭୁବନେଶ୍ୱରର ଏସ୍.ଆଇ.ଆର୍.ଡି. କ୍ୟାମ୍ପସ ସମ୍ମୁଖ, ସହିଦ ନଗର ଦୁର୍ଗା ମଣ୍ଡପ, ପୋଖରିପୁଟସ୍ଥିତ ମଧୁସୂଦନ ପାର୍କ ସମ୍ମୁଖ ଏବଂ ନନ୍ଦନକାନନ ରୋଡ୍, ପଟିଆସ୍ଥିତ ଶିଶୁ ବିହାର ଆଦି ଚାରିଟି ସ୍ଥାନରେ ଆୟୋଜିତ ହେଉଛି। ରାଜଧାନୀ ବ୍ୟତୀତ ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ଏବଂ ସୁନ୍ଦରଗଡ଼ ପରି ରାଜ୍ୟର ୧୮ ଜିଲ୍ଲାରେ ମଧ୍ୟ ଓରମାସ ପକ୍ଷରୁ ମ୍ୟାଙ୍ଗୋ ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଯାହା ଚାଷୀ ଓ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ବଜାର ସଂଯୋଗ ସୃଷ୍ଟି କରୁଛି। ତେବେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପହଞ୍ଚିବା ପାଇଁ ଦୁଇଟି 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ' ନାମକ ବିକ୍ରି ଗାଡିର ସୁବିଧା ମଧ୍ୟ ଆରମ୍ଭ କରାଯାଇଛି ଏହି ମହୋତ୍ସବରେ ଓଡ଼ିଶାର ୧୬ଟି ଜିଲ୍ଲାରୁ ସଂଗ୍ରହ କରାଯାଇଥିବା ବିଭିନ୍ନ ପ୍ରଜାତିର ଉନ୍ନତମାନର ଆମ୍ବ ଉପଲବ୍ଧ ରହିଛି। ଆମ୍ରପାଲି, ଦଶେରୀ, ଲାଲ ସୁନ୍ଦରୀ, ହିମସାଗର, ମଲ୍ଲିକା, ତୋତାପୁରୀ, ବମ୍ବେ ଗ୍ରୀନ୍, ଲାଙ୍ଗରା ଏବଂ ବଙ୍ଗନପାଲି ସମେତ ବିଭିନ୍ନ ଲୋକପ୍ରିୟ କିସମର ଆମ୍ବ ଏଠାରେ ବିକ୍ରୟ କରାଯାଉଛି। ଉତ୍ସବରେ ଓରମାସ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ସିଂହଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ।

# ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ଆଶାଏଁ ଛାତ୍ରଛାତ୍ରୀଙ୍କ ନିଆରା ଜନସଚେତନତା



**ଭୁବନେଶ୍ୱର (ପିପିଏସ୍):** ଦିନେ ଯେଉଁମାନେ ବିଭିନ୍ନ ନିଶା କବଳରେ କବଳିତ ଥିଲେ ଆଜି ସେମାନେ ଅନ୍ୟମାନଙ୍କୁ ନିଶା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ସଚେତନ ନାଗରିକ ଭାବେ ନିଜ ସ୍ୱର ଉଠାଇ ସମାଜକୁ ସଚେତନ କରିବାରେ ଅଗ୍ରଣୀ ଭୂମିକା ନେଇଛନ୍ତି। ବିଶ୍ୱ ତମାଖୁ ନିରୋଧ ଦିବସ ଅବସରରେ ଆଶାଏଁ ଟ୍ରଷ୍ଟର ପିଲାମାନଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ସଚେତନତା ଅଭିଯାନ କରାଯାଇଛି। ଏହି ଅବସରରେ ପିଲାମାନେ ସଚେତନତା ରାଲି ଓ ପଥପ୍ରାନ୍ତ ନାଟକ (ଷ୍ଟ୍ରିଟ୍ ପ୍ଲେ) ମାଧ୍ୟମରେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ସେମାନେ ନିଜ ହାତରେ ପ୍ରସ୍ତୁତ କରିଥିବା ବ୍ୟାନର ଓ ପ୍ଲାକାର୍ଡ ଧରି ତମାଖୁ ବିରୋଧୀ ବାର୍ତ୍ତା ପ୍ରଚାର କରିଥିଲେ। ଉତ୍ସାହର ସହିତ ସ୍ଲୋଗାନ୍ ଦେଇ ଲୋକଙ୍କ ମଧ୍ୟରେ ଏକ ସକାରାତ୍ମକ ସନ୍ଦେଶ ପହଞ୍ଚାଇଥିଲେ। ଏହି ସଚେତନତା ଅଭିଯାନ ଭୁବନେଶ୍ୱର ରେଳ ଷ୍ଟେସନରୁ କଳ୍ପନା ବସ୍ ଷ୍ଟାଣ୍ଡ, ଡମଣା ମାର୍କେଟରୁ ନୀଳାଦ୍ରି ବିହାର ପେଟ୍ରୋଲ ପମ୍ପ୍ ଏବଂ ୟୁନିଟ୍-୨ ମାର୍କେଟରୁ ରାଜମହଲ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ଉତ୍ସାହ, ଆତ୍ମବିଶ୍ୱାସ ଓ ସମାଜ ପ୍ରତି ସେମାନଙ୍କ ଦାୟିତ୍ୱବୋଧ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ଅନେକଙ୍କ ପ୍ରଶଂସା ସାଉଁଟିଥିଲା। ଆଶାଏଁ ଅନୁଷ୍ଠାନର ସଦସ୍ୟ ବିକ୍ରମ ନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ ତମାଖୁ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ପ୍ରତି ବୃଦ୍ଧି ପାଉଥିବା ଆକର୍ଷଣ ଏକ ଚିନ୍ତାଜନକ ବିଷୟ। ଏହାର ନିରାକରଣ ପାଇଁ ପରିବାର, ବିଦ୍ୟାଳୟ, ସମାଜ, ସରକାର ଏବଂ ବିଭିନ୍ନ ଅନୁଷ୍ଠାନର ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ଆଶାଏଁ ଦୀର୍ଘ ଦିନ ଧରି ଏହି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିଆସୁଛି ଏବଂ ବିଭିନ୍ନ ପ୍ରକାରର ନିଶା ଅଭ୍ୟାସରେ ପୀଡ଼ିତ ଶିଶୁମାନଙ୍କ ସହ କାମ କରୁଛି। କାର୍ଯ୍ୟକ୍ରମକୁ ଆଶାଏଁର ସହକର୍ମୀ ଓ ସ୍ୱେଚ୍ଛାସେବୀ ମାନସ ସାହୁ, ଲିପୁନ ସେଠୀ, ସୁଭଦ୍ରା ସେଠୀ, ପି. ଲକ୍ଷ୍ମୀ ରେଡ୍ଡୀ ପ୍ରମୁଖ ସମ୍ପାଦନ କରିଥିଲେ।


# ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ ଓଡିଏମ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଭୁବନେଶ୍ୱର (ପିପିଏସ୍)::** ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ କୃତିତ୍ୱ ହାସଲ କରିଛନ୍ତି। ମୋଟ ୨୩ ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିବାବେଳେ ସ୍ୱୟମ୍ ପ୍ରକାଶ ସେଠୀ ସର୍ବଭାରତୀୟ ସ୍ତରରେ ୮୫ କ୍ୟାଟେଗୋରୀ ର୍‍ୟାଙ୍କ୍ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସର୍ବଭାରତୀୟ ସ୍ତରରେ ୧୦୦୦ ର୍‍ୟାଙ୍କ୍ ମଧ୍ୟରେ ୪ଜଣ ଏବଂ ୫୦୦୦ ର୍‍ୟାଙ୍କ୍ ମଧ୍ୟରେ ୭ ଜଣ ସ୍ଥାନ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ପ୍ରତିଷ୍ଠାତ୍ରୀ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀଗଣ ତଥା ଶିକ୍ଷକଶିକ୍ଷୟିତ୍ରୀଗଣ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ କାମନା କରିଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପିଲାମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ୫ରୁ ଅନ୍ତର୍ଜାତୀୟ ରଜ ଉତ୍ସବ

**ଭୁବନେଶ୍ୱର(ପିପିଏସ୍):** ଆସନ୍ତା ୫ରୁ ୧୭ ଜୁନ ପର୍ଯ୍ୟନ୍ତ ଜନତା ମଇଦାନରେ ଅନ୍ତର୍ଜାତୀୟ ରଜ ଉତ୍ସବ ଆୟୋଜିତ ହେବ। ଏହି ରଜ ଉତ୍ସବ ଓଡିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ସଂସ୍କୃତି ଏବଂ ବ୍ୟବସାୟିକ ସମ୍ଭାବନାକୁ ପ୍ରଦର୍ଶିତ କରିବା ସହ ଦେଶ ବିଦେଶର ଅଂଶଗ୍ରହଣକାରୀଙ୍କୁ ଏକ ମଞ୍ଚରେ ଆଣିବ। ଏହି ଉତ୍ସବରେ ଭାରତର ବିଭିନ୍ନ ସ୍ଥାନର ଫର୍ଣ୍ଣିଚର, ଆଫଗାନିସ୍ଥାନର ଶୁଖିଲା ଫଳ, ବାଂଲାଦେଶର ଜାମଦାନୀ ଶାଢ଼ି, ଦୁବାଇ ପରଫ୍ୟୁମ, ଭାରତର ହସ୍ତତନ୍ତ ହସ୍ତଶିଳ୍ପ ଉତ୍ପାଦ, ପିତ୍ତଳ ଓ ତମ୍ବା ଆଣ୍ଟିକ ପିସ ଇତ୍ୟାଦି ରହିଛି। ଏହି ଉତ୍ସବ ସହିତ ଏକ ଆକର୍ଷଣୀୟ ଫୁଡ୍ ଫେଷ୍ଟିଭାଲ ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଓଡିଶା ଏବଂ ଭାରତର ବିଭିନ୍ନ ଅଞ୍ଚଳର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯିବ। ପରିଦର୍ଶକମାନେ ପାରମ୍ପରିକ ରଜ ପିଠା, ଓଡିଆ ବ୍ୟଞ୍ଜନ, ଷ୍ଟ୍ରିଟ ଫୁଡ ଓ ଅଞ୍ଚଳୀୟ ବିଶେଷ ଖାଦ୍ୟର ସ୍ୱାଦ ଉପଭୋଗ କରିପାରିବେ। ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଗତ ଦଶନ୍ଧିରୁ ଅଧିକ ସମୟଧରି ବୃତ୍ତିଗତ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ରହିଆସିଛି।

# ରଜରେ ମୁକ୍ତିଲାଭ କରିବ ୪ ଓଡ଼ିଆ ସିନେମା







**ଭୁବନେଶ୍ୱର (ପିପିଏସ୍):** ଆସନ୍ତା ରଜରେ ମୁକ୍ତିଲାଭ କରିବ ୪ଟି ଓଡ଼ିଶା ସିନେମା। ସେଗୁଡ଼ିକ ହେଲା 'ଶିକାର୍', 'ଡାଏରୀ', 'ଛକିଶୂନ' ଓ 'ମିଲେଟ୍ ଡାଏରୀ'। ୪ଜଣ ସୁପରହିଟ୍ କଳାକାର ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅମ୍ଲାନ ଏବଂ ଅର୍ଦ୍ଧେନ୍ଦୁଙ୍କ ମଧ୍ୟରେ ହେବ କଡ଼ା ଟକ୍କର। ସିଦ୍ଧାନ୍ତ ମହାପାତ୍ରଙ୍କ 'ମିଲେଟ ଡାଏରୀ', ଅନୁଭବ ମହାନ୍ତିଙ୍କ 'ଛକିଶୂନ', ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଏବଂ ଅମ୍ଲାନ ଦାସଙ୍କ 'ଶିକାର' ଚଳଚିତ୍ର ରଜ ବଜାରରେ ଦର୍ଶକଙ୍କୁ ବେଶ୍ ମନୋରଞ୍ଜନର ଖୋରାକ ଯୋଗାଇବ। ଆମର ଷ୍ଟୁଡିଓ ଓ ଏସଏମ ଏଣ୍ଟରଟେନମେଣ୍ଟ ପ୍ରେଜେଣ୍ଟ୍ସ ୨୯ ଟୁ ନାଇନ ଫିଲ୍ମସର ମିଳିତ ସହଯୋଗରେ ନିର୍ମିତ 'ଛକି ଶୂନ' ଫିଲ୍ମର ରଚନା ଓ ନିର୍ଦ୍ଦେଶନା ମାନସ ପଡିହାରୀ ଦେଇଥିବା ବେଳେ ଅନୁଭବଙ୍କ ପତ୍ନୀ ଜାଗୃତି, ନବୀନ ଭଣ୍ଡାରୀ ଓ ସ୍ୱୟଂ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି। ଥ୍ରୀଲର ଓ ସସପେନ୍ସ ଭରା ଏହି ଫିଲ୍ମରେ ଅନୁଭବ ମହାନ୍ତି ଜଣେ ଆଇପିଏସ୍ ଚରିତ୍ରରେ ନଜର ଆସିବେ। ଅନ୍ୟ ଭୂମିକାରେ ସମ୍ବାନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ନିତୁ ସିଂ, ବିଜିନୀ ମିଶ୍ର ପ୍ରମୁଖ ନଜର ଆସିବେ। ଚଳିତ ମାସ ୧୨ତାରିଖରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର 'ଆମେ ବାଲୁଙ୍ଗା ଟୋକା' ଗୀତର ଷ୍ଟୁଡିଓ ଭର୍ସନ ରିଲିଜ୍ ହୋଇଛି। ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛି। ସେହିପରି ଫିଲ୍ମ ଇନଫାଇସନ ଏଣ୍ଟରଟେନମେଣ୍ଟ ପ୍ରେଜଣ୍ଟ ବ୍ୟାନରରେ ନିର୍ମିତ 'ଦ ମିଲେଟ ଡାଏରୀ' ର ନିର୍ଦ୍ଦେଶନା ରାଜେନ୍ଦ୍ର ମହନ୍ତ ଦେଇଥିବା ବେଳେ କାହଣୀ ଏବଂ ପ୍ରଯୋଜନା କରୁଛନ୍ତି ଜେଆରଏମ୍ ଓ ସହ ପ୍ରଯୋଜକ ରହିଛନ୍ତି ରୋଜାଲିନ୍ ମହାନ୍ତି। ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ୍‌ଆନନ୍ଦ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ଦାୟିତ୍ୱ ନିର୍ବାହ କରିଛନ୍ତି। ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅଭିଷେକ ପଣ୍ଡା, ଶୀତମ ଦାସ, ଶିବାନୀ ସଂଗୀତା, କୁନା ତ୍ରିପାଠୀ, ରାଜ ରାଜେଶ ପ୍ରମୁଖ ଅଭିନୟ କରିଛନ୍ତି। ଅଭିଷେକ ଏଥିରେ ବିଏମ୍ପି ଡ୍ରାଇଭର ଚରିତ୍ରରେ ନଜର ଆସିବା ସହ ଗାଉଁଲି ଝିଅର ଚରିତ୍ରରେ ନଜର ଆସିବେ ଶିବାନୀ। ତେବେ ମାଣ୍ଡିଆର ଔଷଧୀୟ ଗୁଣ ଓ ବିଶ୍ୱ ଦରବାରରେ ଏହାର ପରିଚୟକୁ ନେଇ ଫିଲ୍ମଟି ଗତିଶୀଳ ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଥାତ ବୈଦ ଚରିତ୍ରରେ ନଜର ଆସିବେ ସିଦ୍ଧାନ୍ତ ମହାପାତ୍ର। ଏହି ସିନେମାଟି ମଧ୍ୟ ୧୨ରେ ହେବ ରିଲଜ୍ ହେବ ବୋଲି ଜଣାପଡ଼ିଛି। ସେହିପରି ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଓ ସହପ୍ରଯୋଜକ ଆଦିକନ୍ଦ ସାହୁଙ୍କ ଦ୍ୱାରା ନିର୍ମିତ 'ଡାଏରୀ' ସିନେମାର ଟିଜର୍ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ସିନେମାଟି ମଧ୍ୟ ଆଦୃତି ଲାଭ କରିବ ବୋଲି ଫିଲ୍ମ ର ପୁରା ଟିମ୍ ଆଶା ରଖିଛି। ତେବେ ସିନେମାରେ ଏକ ବକ୍ସରୁ ବାହାରୁଥିବା '୨୦୧୯' ଲେଖାଥିବା ଡାଏରୀ କାହାଣୀ ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି। ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନା, କୁନା ତ୍ରିପାଠୀଙ୍କ ବଳିଷ୍ଠ କାହାଣୀ, ସ୍କ୍ରିନପ୍ଲେ ତଥା ସଂଳାପ ଓ ସୀତାଂଶୁ ମହାପାତ୍ରଙ୍କ ସିନେମାଟୋଗ୍ରାଫି ବଡ଼ ପରଦାରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେବ। ତେବେ ଏହାର କେବଳ ଟିଜର୍ ଏବଂ ସଙ୍ଗୀତ ନିକଟରେ ରିଲିଜ୍ ହୋଇଛି। ସୋମେଶ ଶତପଥୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଅମିତ ନାୟକ ଓ ଲୁବୁନ୍-ଟୁବୁନ୍‌ଙ୍କ କୋରିଓଗ୍ରାଫି ଫିଲ୍ମର ଗୀତଗୁଡ଼ିକୁ ଆହୁରି ଆକର୍ଷଣୀୟ କରିଛି। ଏକ ସୁନ୍ଦର ପ୍ରେମ କାହାଣୀ ଉପରେ ପର୍ଯ୍ୟବେଶିତ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁଙ୍କ ସହ ଜସ୍ମିନ ଓ ପ୍ରଜ୍ଞା ନଜର ଆସୁଛନ୍ତି। ତେବେ ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ ସସପେନ୍ସ ସହ ମନୋରଞ୍ଜନ ଯୋଗାଇବ ଅମ୍ଲାନଙ୍କ 'ଶିକାର'। ନିକଟରେ ଫିଲ୍ମର ଫାର୍ଷ୍ଟ ଲୁକ୍ ଓ ଷ୍ଟାରକାଷ୍ଟଙ୍କ ଲୁକ୍ ସାମ୍ନାକୁ ଆସିଥିବା ବେଳେ ବର୍ତ୍ତମାନ ଏହାର ଟିଜର ରିଲିଜ୍ ହୋଇଛି। ସୋସିଆଲ ମିଡିଆରେ ଟିଜରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳୁଛି। ମୁନ୍ ଟିଭି ମୁଭିଜ୍ ପ୍ରସ୍ତୁତ ଏହି ଫିଲ୍ମର ୧ ମିନିଟ୍ ୨୮ ସେକେଣ୍ଡର ଟିଜରରେ ରକ୍ତାକ୍ତ ଅବସ୍ଥାରେ ଅମ୍ଲାନଙ୍କୁ ଦେଖିବାକୁ ମିଳୁଛି। ଚିତ୍କାର କରିବା ସହ ବନ୍ଧୁକ ଚଳାଉଥିବା ଦୃଶ୍ୟ ଟିଜରକୁ ଅଧିକ ରୋମାଞ୍ଚକର କରିଛି। ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି। ମୁନ୍ ଟିଭି ମୁଭିଜ୍ ପ୍ରଯୋଜନାରେ ପ୍ରସ୍ତୁତ 'ଶିକାର'ର ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ସଚ୍ଚିକାନ୍ତ ଜେନା। କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମନ୍ତୁ ଛୁରୀଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା।

# ରଚନା ବାନାର୍ଜୀଙ୍କ ନାଁରେ ଏଫ୍ଆଇଆର୍ ରୁଜୁ !

କୋଲକାତା : ଓଡ଼ିଶାରେ ଘରେ ଘରେ ପରିଚିତ ଲୋକପ୍ରିୟ ଅଭିନେତ୍ରୀ ତଥା ତୃଣମୂଳ କଂଗ୍ରେସ ଏମପି ରଚନା ବାନାର୍ଜୀଙ୍କ ନାଁରେ ଏଫଆଇଆର ରୁଜୁ। କୋଲକାତାର ଆର.ଜି. କର ମେଡିକାଲ କଲେଜରେ ଘଟିଥିବା ବର୍ବର ବଳାତ୍କାର ଓ ହତ୍ୟା ମାମଲାର ପୀଡ଼ିତାଙ୍କ ପରିଚୟ ଏବଂ ନାମ ସୋସିଆଲ ମିଡିଆରେ ପ୍ରକାଶ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ବର୍ତ୍ତମାନ ପୋଲିସରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। କୋଲକାତା ହାଇକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଶାୟନ ସଚିନ ବାସୁ ଏହି ମାମଲା ଦାୟର କରି ରଚନାଙ୍କ ବିରୋଧରେ ତୁରନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ରଚନା ବାନାର୍ଜୀ ଆର.ଜି. କର ମେଡିକାଲର ଏହି ଦୁଃଖଦ ଘଟଣାକୁ ନିନ୍ଦା କରି ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓରେ ସେ ବେଶ ଭାବୁକ ହୋଇ ପୀଡ଼ିତାଙ୍କ ପାଇଁ ନ୍ୟାୟ ଦାବି କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଭିଡିଓର ଶେଷ ଭାଗରେ ସେ ଭୁଲବଶତଃ ପୀଡ଼ିତା ଡାକ୍ତରଙ୍କ ଅସଲ ନାମ ଉଲ୍ଲେଖ କରିଦେଇଥିଲେ। ଆଇନ ଅନୁଯାୟୀ, କୌଣସି ବି ବଳାତ୍କାର ପୀଡ଼ିତାଙ୍କ ପରିଚୟ କିମ୍ବା ନାମ ସାର୍ବଜନୀନ କରିବା ଏକ ଗମ୍ଭୀର ଅପରାଧ, ଯେଉଁଥିପାଇଁ ଭାରତୀୟ ନ୍ୟାୟ ସଂହିତା (ଭଏସ) ର ଧାରା ୭୨ ଅନୁସାରେ ୨ ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ଜରିମାନା ହେବାର ପ୍ରାବଧାନ ରହିଛି।ଏହି ବିବାଦ ସାମ୍ନାକୁ ଆସିବା ଏବଂ ମାମଲା ରୁଜୁ ହେବା ପରେ ରଚନା ବାନାର୍ଜୀ ନିଜର ଭୁଲ ସ୍ୱୀକାର କରିଛନ୍ତି ଏବଂ ତୁରନ୍ତ ସୋସିଆଲ ମିଡିଆରୁ ସେହି ଭିଡିଓଟିକୁ ଡିଲିଟ କରିଦେଇଛନ୍ତି।ସେ ଗଣମାଧ୍ୟମରେ କହିଛନ୍ତି, ଏହା ନିଶ୍ଚିତ ଭାବେ ମୋର ଏକ ବଡ଼ ଭୁଲ ଥିଲା, ମୋର ଏପରି କରିବା ଉଚିତ ନଥିଲା। ବାକି ସମସ୍ତଙ୍କ ଭଳି ମୋର ମଧ୍ୟ ତାଙ୍କୁ 'ତିଲୋତ୍ତମା' ବୋଲି ସମ୍ବୋଧନ କରିବାର ଥିଲା। ସେହି ସମୟରେ ମୁଁ ମାନସିକ ସ୍ତରରେ ଅତି ଦୁଃଖିତ ଏବଂ ଭାବୁକ ଥିଲି। ମୁଁ ଯାହା ବି କହୁଥିଲି, ତାହା କୌଣସି ସ୍କ୍ରିପ୍ଟ ନଥିଲା ବରଂ ମୋ ହୃଦୟରୁ ବାହାରୁଥିଲା। ସେହି ଭାବବିହ୍ୱଳ ପରିସ୍ଥିତିରେ ଅଜାଣତରେ ମୋ ପାଟିରୁ ସେହି ନାମଟି ବାହାରି ପଡ଼ିଥିଲା।

# ସିବିଏସ୍ଇ ପୁନଃମୂଲ୍ୟାୟନ ପୋର୍ଟାଲ ଉପରେ ସାଇବର ଆଟାକ୍

ନୂଆଦିଲ୍ଲୀ: ଉଇଏସର ପୁନଃମୂଲ୍ୟାୟନ ପୋର୍ଟାଲରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସେମାନଙ୍କ ଉତ୍ତର ପତ୍ରର ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଛନ୍ତି । ଏହି ସମୟରେ ବୋର୍ଡ ରିପୋର୍ଟ କରିଛି ଯେ, ପୋର୍ଟାଲଟି ସାଇବର ଆକ୍ରମଣର ମଧ୍ୟ ସମ୍ମୁଖୀନ ହୋଇଛି, କିନ୍ତୁ ଏହା ସତ୍ତ୍ୱେ, ହଜାର ହଜାର ଛାତ୍ରଛାତ୍ରୀ କୌଣସି ବଡ଼ ସମସ୍ୟା ବିନା ପ୍ରକ୍ରିୟା ଶେଷ କରିଛନ୍ତି । ଉଇଏସର ଅନୁଯାୟୀ, ପୁନଃମୂଲ୍ୟାୟନ ପୋର୍ଟାଲ୍ ବର୍ତ୍ତମାନ ଏକ ସମୟରେ ୮ ହଜାରରୁ ଅଧିକ ବ୍ୟବହାରକାରୀଙ୍କୁ ପରିଚାଳନା କରିବାକୁ ସକ୍ଷମ। ମଙ୍ଗଳବାର ଅପରାହ୍ନ ୩ଟା ସୁଦ୍ଧା, ୧୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ସଫଳତାର ସହ ସେମାନଙ୍କର ଆବେଦନ ଦାଖଲ କରିଛନ୍ତି। ବୋର୍ଡ ରିପୋର୍ଟ କରିଛି ଯେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ, କିଛି ଅସାଧୁ ବ୍ୟକ୍ତି ମଧ୍ୟ ପୋର୍ଟାଲର ସେବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। ସାମ୍ପ୍ରତିକ ସାଇବର ଆକ୍ରମଣରେ, ପୋର୍ଟାଲ୍ ମାତ୍ର ଦୁଇ ମିନିଟ୍ ମଧ୍ୟରେ ପ୍ରାୟ ୧୫ ଲକ୍ଷ ହିଟ୍ ରେକର୍ଡ କରିଛି। ଏହା ସହିତ, ଅନଧିକୃତ ଭାବରେ ଫାଇଲ୍ ପ୍ରବେଶ କରିବାକୁ ଏକ ଲକ୍ଷରୁ ଅଧିକ ପ୍ରୟାସ କରାଯାଇଥିଲା। ତଥାପି, ଉଇଏସର ସାଇବର ସୁରକ୍ଷା ଦଳ ସକ୍ରିୟ ରହିଛି ଏବଂ ଏହି ଆକ୍ରମଣ ସତ୍ତ୍ୱେ ସାଧାରଣ ପୋର୍ଟାଲ୍ ସେବା ବଜାୟ ରଖିଛି। ବୋର୍ଡ କହିଛି ଯେ ଛାତ୍ରଛାତ୍ରୀ ମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ବୈଷୟିକ ଦଳ ୨୪/୭ ପରିସ୍ଥିତି ଉପରେ ନଜର ରଖିଛି। ଛାତ୍ରମାନଙ୍କ ଠାରୁ ମିଳିଥିବା ମତାମତ ଆଧାରରେ ପୋର୍ଟାଲରେ ଅନେକ ଉନ୍ନତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ପୋର୍ଟାଲରେ ସେସନ୍ ସମୟ ସୀମା ବୃଦ୍ଧି କରାଯାଇଛି, ଯାହା ଛାତ୍ରଛାତ୍ରୀ ମାନଙ୍କୁ ଆବେଦନ ପୂରଣ କରିବା ଏବଂ ଆବଶ୍ୟକୀୟ ସୂଚନା ଅପଲୋଡ୍ କରିବା ପାଇଁ ଅଧିକ ସମୟ ଦେଇଛି। ଏହା ସମଗ୍ର ପ୍ରକ୍ରିୟାକୁ ପୂର୍ବ ଅପେକ୍ଷା ବହୁତ ସହଜ କରିଛି ।

# ବିଜେପିରୁ ଇସ୍ତଫା ଦେଲେ ଆନ୍ନାମଲାଇ

ନୂଆଦିଲ୍ଲୀ: ପୂର୍ବତନ ତାମିଲନାଡୁ ବିଜେପି ରାଜ୍ୟ ସଭାପତି କେ ଆନ୍ନାମଲାଇ, ମଙ୍ଗଳବାର ଦଳର ରାଷ୍ଟ୍ରୀୟ ସଭାପତି ନୀତିନ ନବିନଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ତଥାପି ବିଜେପି ତାଙ୍କ ଇସ୍ତଫା ଗ୍ରହଣ କରିଛି କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ମିଳିଥିବା ସୂଚନା ଅନୁଯାୟୀ ଅନ୍ନାମାଲାଇ କିଛି ମାସ ମଧ୍ୟରେ ନିଜର ଲୋକ ଆନ୍ଦୋଳନ/ଆଞ୍ଚଳିକ ରାଜନୈତିକ ଦଳ ଆରମ୍ଭ କରିବେ। ଅନ୍ନାମଲାଇଙ୍କ ନିକଟତମ ସୂତ୍ର ଅନୁଯାୟୀ, ସେ ଗତ କିଛି ମାସ ମଧ୍ୟରେ ବିଜେପି ନେତୃତ୍ୱଠାରୁ ଦୂରେଇ ଯାଇଥିଲେ ଏବଂ ବିଧାନସଭା ନିର୍ବାଚନରେ ବିଜୟଙ୍କ ବିଜୟ ଦେଖି ରାଜ୍ୟରେ ଆଉ ଏକ ରାଜନୈତିକ ଦଳ ପାଇଁ ସ୍ଥାନ ଥିବା ବିଶ୍ୱାସ କରି ଆଉ ଏକ ଦଳ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭାରତୀୟ ପୁଲିସ ସେବା (ଆଇପିଏସ)ର ପୂର୍ବତନ ଅଧିକାରୀ, ଅନ୍ନାମଲାଇ କର୍ଣ୍ଣାଟକରେ ଏକ ଉଚ୍ଚ-ପ୍ରୋଫାଇଲ୍ କ୍ୟାରିୟରରେ କାର୍ଯ୍ୟ କରିଥିଲେ। ସେ ୪୦ ବର୍ଷ ବୟସରେ ୨୦୨୦ ମସିହାରେ ରାଜନୀତିରେ ପ୍ରବେଶ କରିଥିଲେ। ସେ ତାମିଲନାଡୁର କରୁର ଜିଲ୍ଲାର ମୂଳ ବାସିନ୍ଦା। ଶୀଘ୍ର ବିଜେପିର ପଦପଦବୀରୁ ଉପରକୁ ଉଠି ୨୦୨୧ ମସିହାରେ ଦଳର ତାମିଲନାଡୁ ସଭାପତି ଭାବରେ ନିଯୁକ୍ତ ହୋଇଥିଲେ। ବିଜେପି ତାଙ୍କୁ ଜଣେ ଯୁବ ଏବଂ ଦୃଢ଼ ନେତା ଭାବରେ ସାମ୍ନାକୁ ଆଣିଥିଲା। ଯିଏ ଦୀର୍ଘ ଦିନ ଧରି ଦ୍ରାବିଡ଼ ପ୍ରମୁଖଙ୍କ ଦ୍ୱାରା ପ୍ରଭାବିତ ତାମିଲନାଡୁରେ ଦଳର ସ୍ଥିତି ବିସ୍ତାର କରିବାରେ ସକ୍ଷମ ଥିଲେ। କିନ୍ତୁ ୨୦୨୩ ମସିହାରେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ର କାଝଗମ (ଇଓଇଉଗକ) ଏନଡ଼ିଏରୁ ବାହାରିଯିବା ପରେ ଉତ୍ତେଜନା ବୃଦ୍ଧି ପାଇଲା ଏବଂ ଦଳର ନେତା ଇ ପଲାନିସ୍ୱାମୀ ଏହି ନିଷ୍ପତ୍ତି ପାଇଁ ଆନ୍ନାମଲାଇଙ୍କୁ ଦାୟୀ କଲେ। ଏପ୍ରିଲ ୨୦୨୫ ରେ ଅମିତ ଶାହ ଇଓଇଉଗକକୁ ଘଉଇକୁ ଫେରାଇ ଆଣିବା ପରେ ଅନ୍ନାମଲାଇ ଦଳର ସଭାପତି ପଦରୁ ଇସ୍ତଫା ଦେଇଥିଲେ।

# ୮୪ ବର୍ଷ ବୟସରେ ହେଲେ ଦୋଷୀ ସାବ୍ୟସ୍ତ

ପ୍ରାୟ ୩ ଦଶନ୍ଧି ପୁରୁଣା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଜଣେ ବୃଦ୍ଧ। ଯୁବା ଅବସ୍ଥାରେ ସେ ଗୋଟିଏ ହିଂସାତ୍ମକ ଘଟଣାରେ ଅଭିଯୁକ୍ତ ବନିଥିଲେ। ଏବେ ତାଙ୍କୁ ୮୪ ବର୍ଷ। ବୃଦ୍ଧ ଅବସ୍ଥାରେ ଉକ୍ତ ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ। ବିହାରର ବୈଶାଳୀ ଜିଲ୍ଲାର ଗୋଟିଏ ସ୍ଥାନୀୟ କୋର୍ଟ ଏପରି ରାୟ ଦେଇଛନ୍ତି। ବୃଦ୍ଧ ଜଣଙ୍କ ଏବେ ଶାରୀରିକ ଭାବେ ଅସୁସ୍ଥ ଥିବା ବେଳେ ତାଙ୍କ ଅଣ୍ଟା ପୂରା ନଇଁ ଯାଇଛି। ଏପରି ସ୍ଥିତିରେ ତାଙ୍କୁ ୧୯୯୨ ମସିହାର ଗୋଟିଏ ମାମଲାରେ କୋର୍ଟ ଦୋଷୀ ସାବ୍ୟସ୍ତ କରି ଜେଲ ପଠାଇବା ସମସ୍ତଙ୍କୁ ଚକିତ କରିଛି। ଦୋଷୀ ସାବ୍ୟସ୍ତ ହେବା ପରେ ବୃଦ୍ଧଙ୍କୁ କୋର୍ଟରୁ ବାହାରକୁ ଆଣିବାରେ ଦୁଇ ଜଣ ଲୋକ ସହାୟତା କରିଥିଲେ। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଏହି ଦୃଶ୍ୟ ହିଁ ଅନେକ କିଛି କହୁଛି। ଅପରାଧ ଓ କୋର୍ଟ ରାୟରେ କେତେ ସମୟ ଲାଗିଥାଏ, ତା'ହା ଏହି ଦୃଶ୍ୟରୁ ସ୍ପଷ୍ଟ ହୋଇଯାଇଛି। ପୂରା ମାମଲା ୧୯୯୨ ମସିହା ମେ' ୧୦ର। ଯୁଦ୍ଧାବନପୁର ଗାଁର ଅଦାଲତ ରାୟ ନାମକ ଜଣେ ବ୍ୟକ୍ତି ହିଂସାତ୍ମକ ଆକ୍ରମଣର ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଅନୁଯାୟୀ, ଗୋଟିଏ ପରିବାରର ୫ ଜଣ ସଦସ୍ୟ ହାତରେ ଅସ୍ତ୍ରଶସ୍ତ୍ର ଧରି ରାୟଙ୍କ ଘରେ ପହଞ୍ଚିଥିଲେ। ଏହାପରେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନେ ଗୁଳି ମାଡ଼ କରିବା ସହ ଧାରୁଆ ଅସ୍ତ୍ରରେ ରାୟ ଓ ତାଙ୍କ ପତ୍ନୀଙ୍କୁ ହାଣି ପକାଇଥିଲେ। ରାୟଙ୍କ ଅଭିଯୋଗ ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୧୯୯୩ରେ ପୁଲିସ୍ ପକ୍ଷରୁ ଚାର୍ଜଶିଟ ଦାଖଲ କରାଯାଇଥିଲା। କିନ୍ତୁ ଏହା ପରେ କୋର୍ଟରେ ଆରମ୍ଭ ହୋଇଥିବା ଆଇନଗତ ଯୁଦ୍ଧ ଦୀର୍ଘ ୩ ଦଶନ୍ଧି ଧରି ଚାଲିଥିଲା। ଶୁଣାଣି ବେଳେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। କେବଳ ଦୀପ ରାୟ ଶୁଣାଣିର ସାମ୍ନା କରିଥିଲେ। ଏବେ ଅତରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ମନୋଜ କୁମାର ତିୱାରୀ ଆଇପିସିର ଧାରା ୧୪୭(ଦଙ୍ଗା), ୧୪୮ ଓ ୩୦୭ ସମେତ ଆର୍ମସ ଆକ୍ଟ ୧୩୪ ଅନୁସାରେ ଦୀପ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## ମମତାଙ୍କ ବିରୋଧରେ ମେଳି

# ଦଳ ଛାଡ଼ିବେ ଟିଏମ୍ସିର ୫୦ ବିଧାୟକ



କୋଲକାତା : ପ୍ରାୟ ୩ ଦଶନ୍ଧି ତଳେ ମମତା ବାନାର୍ଜୀ ଯେଉଁ ଟିଏମସିକୁ ନିଜ ହାତରେ ଗଢ଼ିଥିଲେ, ଏବେ ସେହି ଦଳ ତାଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯିବାକୁ ବସିଛି। ଏହି ସମ୍ଭାବନା ମଧ୍ୟ ଅସମ୍ଭବ ନୁହେଁ, କାରଣ ଏବେ ବିଦ୍ରୋହ, ବିଧାୟକଙ୍କ ଗୁପ୍ତ ବୈଠକ ଓ ଅନ୍ତଃ କନ୍ଦଳ ତୀବ୍ର ହୋଇଛି। ଦଳର ବିଦ୍ରୋହୀ ଗୋଷ୍ଠୀ କେବଳ ମମତାଙ୍କୁ ଛାଡ଼ିବେ ନାହିଁ, ବରଂ ଟିଏମସିର ନିର୍ବାଚନ ଚିହ୍ନକୁ ମଧ୍ୟ ନେଇ ଯାଇ ପାରନ୍ତି। ଦଳରୁ ନିକଟରେ ନିଲମ୍ବିତ ହୋଇଥିବା ଜାତୀୟ ମୁଖପାତ୍ର ରିଜୁ ଦତ୍ତା ଏପରି କିଛି ଆକଳନ କରିଛନ୍ତି। ଟିଏମସିରେ ସଙ୍କଟ ବଢୁଥିବାରୁ ମମତା ବାନାର୍ଜୀ କ'ଣ ସବୁ କିଛି ନିୟନ୍ତ୍ରଣ କରିପାରିବେ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି। ଏହି ଚର୍ଚ୍ଚା ଭିତରେ ରିଜୁ ଦାବି କରିଛନ୍ତି ଯେ ଟିଏମସିର ପ୍ରାୟ ୫୦ ବିଧାୟକ ଏବେ ଦଳରୁ ଅଲଗା ହେବାକୁ ଚାହୁଁଛନ୍ତି। ସେମାନେ ମମତାଙ୍କ ଠାରୁ ଅଲଗା ହୋଇ ଟିଏମସିର ଯମଜ ଫୁଲ ଚିହ୍ନକୁ ନିଜ ଅକ୍ତିଆରକୁ ବି ନେଇ ପାରନ୍ତି।

ଆଜି ପାର୍ଟି ସୁପ୍ରିମୋ ମମତା ବାନାର୍ଜୀ କୋଲକାତାର ରାଣୀ ରଶମଣି ଆଭିନ୍ୟୁରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦଳୀୟ ସାଂସଦଙ୍କ ଉପରେ ଆକ୍ରମଣ ବିରୋଧରେ ମମତା ବିଜେପି ବିରୋଧରେ ଗର୍ଜନ କରିବାରେ ଲାଗିଛନ୍ତି। ଏହି ବିକ୍ଷୋଭରେ କିନ୍ତୁ କିଛି ହାତ ଗଣତି ବିଧାୟକ ଓ ସାଂସଦଙ୍କୁ ଦେଖିବାକୁ ମିଳିଛି। ଦଳର ପ୍ରାୟ ୫୦ ଜଣ ବିଧାୟକ ଏଥିରେ ଯୋଗ ଦେଇ ନାହାନ୍ତି। ସେମାନେ ମମତାଙ୍କ ବିକ୍ଷୋଭ ବଦଳରେ ଗୁପ୍ତରେ ବୈଠକ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ପୂରା ବିବାଦ ବିରୋଧୀ ଦଳ ନେତା ନିଯୁକ୍ତିକୁ ନେଇ ଆରମ୍ଭ ହୋଇଛି। ଟିଏମସି ଶୋଭନଦେବ ଚଟ୍ଟୋପାଧ୍ୟାୟ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଛି। ଏନେଇ ବିଧାୟକଙ୍କ ଦସ୍ତଖତ ଥିବା ଗୋଟିଏ ଦାବିପତ୍ର ବିଧାନସଭା ସଚିବଙ୍କ ପାଖରେ ଦାଖଲ କରାଯାଇଥିଲା। କିନ୍ତୁ ବିଧାୟକଙ୍କ ଦସ୍ତଖତରେ ଜାଲିଆତି ଅଭିଯୋଗ ହୋଇଛି। ଏଥିପାଇଁ ଟିଏମସି ପକ୍ଷରୁ ରିତାବ୍ରତ ବାନାର୍ଜୀ ଓ ସନ୍ଦିପନ ସାହାଙ୍କୁ ଟିଏମସି ବହିଷ୍କାର କରିଛି। ରିଜୁ ଦତ୍ତା କହିଛନ୍ତି, ନବ ନିର୍ବାଚିତ ବିଧାୟକମାନେ ରିତାବ୍ରତ ବାନାର୍ଜୀଙ୍କୁ ବିରୋଧ ଦଳ ନେତା ଭାବେ ଦେଖିବାକୁ ଚାହୁଁଥିଲେ। କିନ୍ତୁ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ମିଳିତ ଭାବେ ଶୋଭନଦେବଙ୍କୁ ବିରୋଧୀ ଦଳ କରିଛନ୍ତି। ଏହାକୁ ନେଇ ଦଳ ଭିଭିତରେ ବିଦ୍ରୋହ ସୃଷ୍ଟି ହୋଇଛି। ସେହିପରି ଦଳ ଭିତରେ ସବୁ କିଛି ଠିକ ନଥିବା ମଧ୍ୟ ମମତା ବାନାର୍ଜୀ ଓ କୁନାଲ ଘୋଷ ସ୍ୱୀକାର କରିଛନ୍ତି। ମମତା କହିଛନ୍ତି, "ଟିଏମସି ବିଧାୟକମାନଙ୍କୁ ପୁଲିସ୍ର ଜରିଆରେ ଚାପ ପକାଇ ଭୟଭୀତ କରାଯାଉଛି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଲୋକଙ୍କ ସହ ଯୋଗାଯୋଗ କରିବାକୁ ମଧ୍ୟ କୁହାଯାଉଛି।" କୁନାଲ ଘୋଷ ହାତ ଯୋଡ଼ି ବିଦ୍ରୋହୀ ବିଧାୟକଙ୍କୁ ବିଭ୍ରାନ୍ତ ନ ହେବାକୁ ଅନୁରୋଧ କରିଛନ୍ତି।

# ୧୨ ବିଲିଅନ ଡଲାରର ସୁନା ବିକିଛି ରିଜର୍ଭ ବ୍ୟାଙ୍କ୍: ରିପୋର୍ଟ



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରାୟ ୧୨ ବିଲିଅନ ଡଲାରର ସୁନା ବିକ୍ରି କରିଥାଇପାରେ। ବିଦେଶୀ ମୁଦ୍ରା ଭଣ୍ଡାରକୁ ସୁରକ୍ଷା ଦେବା ପାଇଁ ଏହା କରାଯାଇଥିବା ନେଇ ଏକ ରିପୋର୍ଟରେ କୁହାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଅଶୋଧିତ ତେଲ ଦର ଅଧିକ ରହିବା ଏବଂ ଯୋଗାଣ ସଂକୁଚିତ ହେବା ଫଳରେ ଭାରତ ଅନେକ ଅସୁବିଧା ଦେଇ ଗତି କରୁଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଯିବା ଏବଂ ଡଲାର ତୁଳନାରେ ଟଙ୍କା ଟଙ୍କା ମୂଲ୍ୟ ଦୁର୍ବଳ ହେବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ବଡ଼ ଚାପ ପଡ଼ିଛି। ଏସବୁ ଚାପର ପ୍ରଭାବକୁ କମ୍ କରିବା ପାଇଁ ସରକାର କେତେକ ପଦକ୍ଷେପ ନେଇଛନ୍ତି। ଦେଶର ବିଦେଶୀ ମୁଦ୍ରା ଯେଭଳି କମ୍ ଖର୍ଚ୍ଚ ହେବ ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ଅନେକ ଆହ୍ୱାନ ଦେଇଛନ୍ତି। ଏଥିସହିତ ସୁନା ଉପରେ ଆମଦାନି ଶୁଳ୍କ ମଧ୍ୟ ୬ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରାଯାଇଛି।ବ୍ଲୁମବର୍ଗ ଇକୋନୋମିକ୍ସର ଆକଳନ ଅନୁଯାୟୀ, ରିଜର୍ଭ ବ୍ୟାଙ୍କ ଗତ ମେ ୨୨ ତାରିଖରେ ଶେଷ ହୋଇଥିବା ପକ୍ଷରେ ପ୍ରାୟ ୧୨ ବିଲିଅନ ଡଲାରର ସୁନା ବିକ୍ରି କରିଛି। ବ୍ଲୁମବର୍ଗ ଇକୋନମିକ୍ସର ବରିଷ୍ଠ ଅର୍ଥନୀତିଜ୍ଞ ଅଭିଷେକ ଗୁପ୍ତା ଆକଳନ କରିଛନ୍ତି ଯେ ରିଜର୍ଭ ବ୍ୟାଙ୍କ ପ୍ରାୟ ୭.୫ ବିଲିଅନ ଡଲାରର ବିଦେଶୀ ମୁଦ୍ରା ଯୋଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ପ୍ରାୟ ୮୮୦.୫୨ ଟନ ସୁନା ଗଚ୍ଛିତ ରଖିଥିଲା। ସେଥିରୁ ୭୭ ପ୍ରତିଶତ ସୁନା ଭାରତରେ ମହଜୁଦ ଥିଲା। କିଛିମାସ ପୂର୍ବରୁ ଏହି ପ୍ରତିଶତ ୬୬ ପ୍ରତିଶତରେ ରହିଥିଲା। ଏପ୍ରିଲରେ ରିଜର୍ଭ ବ୍ୟାଙ୍କ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଥିଲା ଯେ ବିଦେଶରେ ଏହାର ଅଧିକାଂଶ ସୁନା ବ୍ୟାଙ୍କ ଅଫ ଇଂଲଣ୍ଡ ଏବଂ ବ୍ୟାଙ୍କ ଫର୍ ଇଣ୍ଟରନ୍ୟାସନାଲ ସେଟେଲମେଣ୍ଟରେ ରହିଛି। ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେଲା ରିଜର୍ଭ ବ୍ୟାଙ୍କ ସୁନା କ୍ରୟ ବଢ଼ାଇ ଦେଇଛି। ୱାର୍ଲଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ, ୨୦୦୦ ମସିହା ବେଳକୁ ରିଜର୍ଭ ବ୍ୟାଙ୍କ ପାଖରେ ୩୫୭.୭୬ ଟନ୍ ସୁନା ଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୫୮ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୫ ଶେଷ ବେଳକୁ ରିଜର୍ଭ ବ୍ୟାଙ୍କ ନିକଟରେ ୫୫୭.୭୫ ଟନ ସୁନା ଥିବାବେଳେ ୨୦୨୫ ଶେଷବେଳକୁ ଏହା ୮୮୦.୩୪ ଟନରେ ପହଞ୍ଚିଛି।

# ଗାଜିଆବାଦ ଖୋଡାରେ ୩ ମଦରସା ସିଲ୍

ଗାଜିଆବାଦ : ଗାଜିଆବାଦ ଜିଲ୍ଲାର ଖୋଡା ଅଞ୍ଚଳରେ ସୂର୍ଯ୍ୟ ହତ୍ୟାକାଣ୍ଡ ପରେ ପୁଲିସ ଓ ଜିଲ୍ଲା ପ୍ରଶାସନ ଅପରାଧିଙ୍କ ବିରୋଧରେ ବଡ଼ ଅଭିଯାନ ଆରମ୍ଭ କରିଛି। 'ଅପରେସନ କ୍ଲିନ ସ୍ୱିପ୍' ଅନୁସାରେ ତିନି ଦିନ ଧରି ସଂପୃକ୍ତ ଅଞ୍ଚଳରେ ହିଷ୍ଟ୍ରିସିଟର , ଗୁଣ୍ଡା ଓ ଅସମାଜିକ ବ୍ୟକ୍ତିଙ୍କ ଘର ଉପରେ ଲଗାତାର ଚଢାଉ କରାଯାଉଛି। ପୁଲିସ୍ ଟିମ୍ ଚିହ୍ନଟ ଅପରାଧିଙ୍କ ଘର ଉପରେ ଚଢାଉ କରିବା ସହ ସନ୍ଦିଗ୍ଧ ଲୋକଙ୍କୁ ପଚରାପଚରି କରି ତାଙ୍କର ଯାଞ୍ଚ ମଧ୍ୟ କରୁଛି। ସେପଟେ ମଙ୍ଗଳବାର ପ୍ରଶାସନ ବଡ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଖୋଡାର ତିନୋଟି ମଦରସାକୁ ସିଲ୍ କରିଛି। ଏହି ସମୟରେ ବହୁ ସଂଖ୍ୟାରେ ଟଇଉ ଓ ଜଇର ଯବାନ ମୁତୟନ ଅଛନ୍ତି। ଡିଏମ୍ ରବିନ୍ଦ୍ର କୁମାର ମାନ୍ଦଡଙ୍କ କହିବାନୁସାରେ, ସଂପୃକ୍ତ ଅଞ୍ଚଳରେ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ରୋକ୍ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ନିରୀକ୍ଷଣ ବଢାଇବା ପାଇଁ ଡ୍ରୋନ୍ କ୍ୟାମେରା , ସ୍ନିଫର ଡଗ୍ସ ଓ ଅନ୍ୟ ଆଧୁନିକ ଉପକରଣର ସାହାଯ୍ୟ ନିଆଯାଉଛି। କୌଣସି ପ୍ରକାରର ଅପରାଧିକ କାର୍ଯ୍ୟକଳାପକୁ ସମୟ ପୂର୍ବରୁ ରୋକିବା ଉପରେ ଜୋର ଦିଆଯାଉଛି। କହି ରଖୁଛୁ କି, ଏହି ଅଭିଯାନ ସୂର୍ଯ୍ୟ ହତ୍ୟାକାଣ୍ଡ ପରେ ଆରମ୍ଭ କରାଯାଇଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଅସଦକୁ ପୁଲିସ ଏନକାଉଣ୍ଟରରେ ମାରି ଦିଆ ଯାଇଥିଲା। ପୁଲିସ ଅଧିକାରୀଙ୍କ କହିବାନୁସାରେ, ସଂପୃକ୍ତ ଅଞ୍ଚଳରେ ଆଇନ-ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଓ ଅପରାଧିକ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।ଡିଏମ ରବିନ୍ଦ୍ର କୁମାର ମାନ୍ଦଡ କହିଛନ୍ତି, ସେହି ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମଦରସା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରାଯାଉଛି। ପାଖାପାଖି ତିନୋଟି ଏମିତି ମଦରସାକୁ ଚିହ୍ନଟ କରାଯାଇଛି , ଯାହାକି ବେଆଇନ ଭାବେ ଚାଲିଛି। ସେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ନିଟ୍ ପେପର ଲିକ୍ ପ୍ରସଙ୍ଗରେ ମୁହଁ ଖୋଲିଲେ ଥରୁର୍



ତିରୁବନନ୍ତପୁରମ: କଂଗ୍ରେସ ସାଂସଦ ଶଶି ଥରୁର ୨୦୨୬ ଜାତୀୟ ଯୋଗ୍ୟତା-ସମ-ପ୍ରବେଶ ପରୀକ୍ଷା (ଏନ୍ଇଇଟି) ପେପର ଲିକ୍ ମାମଲାକୁ କଡ଼ା ସମାଲୋଚନା କରିଛନ୍ତି। ଥରୁର କହିଛନ୍ତି, ସେ ସରକାରଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଆପଣ ଏପରି ଏକ ପ୍ରକ୍ରିୟା ଚଲାଉଛନ୍ତି ଯେଉଁଠାରେ ପରୀକ୍ଷାର ନିରପେକ୍ଷତା ଉପରେ ବିଶ୍ୱାସ କରାଯାଇପାରୁ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏପରି ଘଟଣା ଆଉ କେବେ ଯେପରି ନ ଘଟିବ ତାହା ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି। ଶଶି ଥରୁର କହିଛନ୍ତି, ଦୁର୍ଭାଗ୍ୟବଶତଃ ଭାବେ ପରୀକ୍ଷା ପାଇଁ ପରିଶ୍ରମ କରି ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ହଠାତ୍ ଜାଣନ୍ତି ଯେ, ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି, ବେଇମାନୀ ହୋଇଛି ଏବଂ ସମ୍ପୂର୍ଣ୍ଣ ପ୍ରକ୍ରିୟା କଳଙ୍କିତ ସେମାନେ ଭାଙ୍ଗି ପଡ଼ିଥାନ୍ତି। କେତେକ ସମୟରେ ପରୀକ୍ଷା ବାତିଲ ହୋଇଯାଏ ଏବଂ ପୁନଃ ଆରମ୍ଭ କରିବାକୁ ପଡ଼ିଥାଏ। ଯେତେବେଳେ ଲୋକମାନେ ଏହା ଦେଖନ୍ତି, ସେମାନେ ଠକାମି ହୋଇଥିବା ଏବଂ ନିରାଶ ଅନୁଭବ କରିଥାନ୍ତି। ଥରୁର କହିଛନ୍ତି, ବିଶ୍ୱରେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ନିରପେକ୍ଷ ଭାବରେ ପରିଚାଳିତ ହେଉଛି। ତାହା ଏସ୍ଏଟି, କେମ୍ବ୍ରିଜ୍ ପରୀକ୍ଷା, ଆଇଏସ୍ସି, କିମ୍ବା ଅନ୍ୟ ଯେକୌଣସି ପରୀକ୍ଷା ହେଉ। କାହିଁକି କେବଳ ଆମର ସରକାରୀ ପରିଚାଳିତ ପରୀକ୍ଷାଗୁଡ଼ିକରେ ଲଗାତାର ଭାବରେ ଜାଲିଆତି ହେଉଛି। କାହିଁକି ସରକାର ଏପରି ସ୍ଥିତିରେ ଅଛନ୍ତି ଯେ ଜାତୀୟ ପରୀକ୍ଷା ଭଳି ଏକ ସରଳ ପ୍ରକ୍ରିୟାର ନିରପେକ୍ଷତା ଏବଂ ସଚ୍ଚୋଟତା ଗ୍ୟାରେଣ୍ଟି ଦେଇପାରିବେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଁ ଆଶା କରୁଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ମାମଲାରେ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ। ଏହା ଆଉ କେବେ ଘଟିବା ଉଚିତ୍ ନୁହେଁ। ଏହା ପ୍ରଥମ ଥର ନୁହେଁ, କିନ୍ତୁ ଏହା ଶେଷ ଥର ହେବା ଆବଶ୍ୟକ ବୋଲି ଥରୁର କହିଛନ୍ତି। ଥରୁର କହିଛନ୍ତି, ଏହା ପ୍ରକୃତରେ ସରକାରଙ୍କ ବିଫଳତା, ଏବଂ ସରକାରଙ୍କୁ ଦାୟୀ କରାଯିବା ଉଚିତ୍ । ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ନଚେତ୍, ଏହା ଏକ ସମ୍ପୂର୍ଣ୍ଣ ପିଢ଼ି ପ୍ରତି ବିଶ୍ୱାସଘାତକତା ହେବ। ଆମେ କେବଳ ସରକାରଙ୍କୁ ଦୋଷ ଦେଇପାରିବା। ସରକାର, ମନ୍ତ୍ରଣାଳୟ, ଏନ୍ଟିଏ, ସମସ୍ତେ ଏହି ପରିସ୍ଥିତି ପାଇଁ ଦାୟୀ।

# ଜାପାନରେ ଟାଇଫୁନ୍ 'ଜାଙ୍ଗମି'ର ତାଣ୍ଡବ



ଟୋକିଓ : ଭୟଙ୍କର ଟାଇଫୁନ୍ ଜାଙ୍ଗମି ପୁଣି ଥରେ ଜାପାନରେ ତାଣ୍ଡବ ରଚିଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ଏହି ଭୟଙ୍କର ଝଡ଼ ଯୋଗୁଁ ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ଓକିନାୱା ଏବଂ କାଗୋଶିମା ପ୍ରଦେଶର ୪୭,୦୦୦ ରୁ ଅଧିକ ଘରକୁ ବିଦ୍ୟୁତ୍ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଜାପାନର ଅନେକ ଅଞ୍ଚଳରେ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିଛି। ଜାପାନ ଟାଇମ୍ସ ରିପୋର୍ଟ କରିଛି ଯେ ଟାଇଫୁନ୍ ଦ୍ରୁତ ଗତିରେ କ୍ୟୁଶୁ ଅଞ୍ଚଳ ଆଡକୁ ମୁହାଁଇଛି। ମଙ୍ଗଳବାର ସକାଳ ସୁଦ୍ଧା, ଏହା କାଗୋସିମା ଦ୍ୱୀପର ୟାକୁସିମା ଦ୍ୱୀପରୁ ପ୍ରାୟ ୧୪୦ କିଲୋମିଟର ଦୂରରେ ଥିଲା। ଏହା ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଉତ୍ତର-ପୂର୍ବ ଦିଗରେ ସ୍ଥିର ଭାବରେ ଗତି କରୁଛି। କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସୁରକ୍ଷିତ ଅଞ୍ଚଳରେ ରହିବା ପାଇଁ ଏକ ଜରୁରୀ ଅପିଲ୍ ଜାରି କରିଛନ୍ତି।

# ଯେଉଁମାନେ ଆତଙ୍କବାଦୀଙ୍କୁ ସୁରକ୍ଷା ଦିଅନ୍ତି ସେମାନଙ୍କୁ କାହିଁକି ଲାଗୁଛି ଲଜ୍ଜା: ରିଜିଜୁ

ନୂଆଦିଲ୍ଲୀ: ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କପିଲ ସିବଲଙ୍କ 'ଲଜ୍ଜିତ' ମନ୍ତବ୍ୟର କଡ଼ା ଜବାବ ଦେଇ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ଯେ, ସେ ଭାରତରେ ରହିବା ପାଇଁ ଗର୍ବିତ କିନ୍ତୁ ଯେଉଁମାନେ କେବଳ ଟଙ୍କା ପଛରେ ଦୌଡ଼ନ୍ତି ଏବଂ ଆତଙ୍କବାଦୀ, ମାଓବାଦୀ, ଭାରତ ବିରୋଧୀ ଦଳ ଏବଂ ଅପରାଧୀଙ୍କ ସୁରକ୍ଷା କରନ୍ତି ସେମାନଙ୍କ ଲଜ୍ଜା ଲାଗିବା ଆବଶ୍ୟକ। ରିଜିଜୁ ସିଧାସଳଖ କାହାର ନାମ ନେଇ ନାହାନ୍ତି, କିନ୍ତୁ କପିଲ ସିବଲଙ୍କ ମନ୍ତବ୍ୟ ପରେ ତାଙ୍କର ମନ୍ତବ୍ୟ ଆସିଛି। ସିବଲ କହିଥିଲେ ଯେ, ସେ ଏପରି ଏକ ଦେଶରେ ରହିଥିବାରୁ ଲଜ୍ଜିତ ଯେଉଁଠାରେ କ୍ଷମତାରେ ଥିବା ଦଳ ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିବା ପାଇଁ ଯେକୌଣସି ସ୍ତରକୁ ଯାଇପାରେ। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ପ୍ରସଙ୍ଗରେ ସିବଲ ଏହି ମନ୍ତବ୍ୟ ଦେଇଥିଲେ। ପଶ୍ଚିମବଙ୍ଗର ସୋନାରପୁରରେ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ପଥର ମାଡ଼ ଏବଂ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଷେକ ବାନାର୍ଜୀ ଏହାକୁ ରାଜନୈତିକ ହିଂସା ବୋଲି କହି କୋର୍ଟକୁ ଯିବା ବିଷୟରେ କହିଛନ୍ତି।

# ଟ୍ରମ୍ପଙ୍କ ଭର୍ତ୍ସନା ପରେ ପଛକୁ ହଟିଗଲେ ନେତାନ୍ୟାହୁ !



ୱାଶିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ କଲ ସମୟରେ 'ଭର୍ତ୍ସନା' ପରେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଲେବାନନ ସମ୍ପର୍କରେ ତାଙ୍କର ମତ ନରମ କରିଛନ୍ତି। ଟ୍ରମ୍ପ ନେତାନ୍ୟାହୁଙ୍କୁ ଲେବାନନ ବିରୁଦ୍ଧରେ ଆକ୍ରମଣ ବନ୍ଦ କରିବାକୁ ରାଜି କରାଇଥିଲେ, ଯାହା ଫଳରେ ଇସ୍ରାଏଲୀ ନେତାନ୍ୟାହୁ ତାଙ୍କ ସୈନ୍ୟ ପ୍ରତ୍ୟାହାର କରିବାକୁ ପ୍ରେରଣା ଦେଇଥିଲେ। ଟ୍ରମ୍ପ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଶେୟାର କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ବେରୁତ ଉପରେ ଆକ୍ରମଣ ପ୍ରତ୍ୟାହାର କରିବାକୁ ରାଜି କରାଇଥିଲେ, ଯାହା ପରେ ଇସ୍ରାଏଲୀ ନେତା ତାଙ୍କ ସୈନ୍ୟ ପ୍ରତ୍ୟାହାର କରିଥିଲେ। ଟ୍ରମ୍ପ ସୋମବାର ସନ୍ଧ୍ୟାରେ (ଜୁନ ୧) ଟ୍ରୁଥ ସୋସିଆଲରେ ଏହି ଘୋଷଣା କରିଛନ୍ତି। ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଲୋକପ୍ରିୟ ଡାକନାମ ଦ୍ୱାରା ସମ୍ବୋଧିତ କରି ସେ କହିଥିଲେ, 'ଆଜି (ସୋମବାର), ମୁଁ ବିବି ନେତାନ୍ୟାହୁଙ୍କ ସହ କଥା ହୋଇଥିଲି; ମୁଁ ତାଙ୍କୁ ଲେବାନନର ବେରୁତ ଉପରେ ଏକ ବଡ଼ ଆକ୍ରମଣ ନକରିବାକୁ ଅନୁରୋଧ କରିଥିଲି। ସେ ତାଙ୍କ ସୈନ୍ୟ ପ୍ରତ୍ୟାହାର କରି ନେଇଥିଲେ। ଧନ୍ୟବାଦ, ବିବି।' ଏପରି ରିପୋର୍ଟ ଆସିଥିଲା ଯେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା 'ଉଷ୍ମ' ହୋଇଥିଲା, ଏବଂ ଆମେରିକାର ରାଷ୍ଟ୍ରପତି ନେତାନ୍ୟାହୁଙ୍କୁ କହିଥିଲେ ଯେ ଯଦି ସେ ହସ୍ତକ୍ଷେପ କରିନଥାନ୍ତେ, ନେତାନ୍ୟାହୁ 'ଜେଲରେ ରହିଥାନ୍ତେ।' ଆକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ସୋମବାର (ଜୁନ ୧) ନେତାନ୍ୟାହୁଙ୍କୁ ଲେବାନନ ଉପରେ ଇସ୍ରାଏଲର ବର୍ଦ୍ଧିତ ଆକ୍ରମଣ ସମ୍ପର୍କରେ ଭର୍ତ୍ସନା କରିବାକୁ ଫୋନ କରିଥିଲେ। ଟ୍ରମ୍ପ ନେତାନ୍ୟାହୁଙ୍କୁ 'ପାଗଳ' ବୋଲି କହିବା ପର୍ଯ୍ୟନ୍ତ ଯାଇଥିଲେ। ଟ୍ରମ୍ପ ମନ୍ତବ୍ୟ ଦେଇଥିଲେ, 'ଯଦି ମୁଁ ନ ଥାଆନ୍ତି, ତେବେ ତୁମେ ଜେଲରେ ଥାଆନ୍ତ। ମୁଁ ତୁମର ଜୀବନ ବଞ୍ଚାଉଛି। ଏବେ, ସମସ୍ତେ ତୁମକୁ ଘୃଣା କରନ୍ତି। ଏହି କାରଣରୁ, ସମସ୍ତେ ଇସ୍ରାଏଲକୁ ଘୃଣା କରନ୍ତି।' ଲେବାନନ ବିରୁଦ୍ଧରେ ଇସ୍ରାଏଲର ବର୍ଦ୍ଧିତ ସାମରିକ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ଇରାନ ଆମେରିକା ସହିତ ଏକ ଶାନ୍ତି ଚୁକ୍ତି ପାଇଁ ଆଲୋଚନା ପରିତ୍ୟାଗ କରିବାକୁ ଧମକ ଦେବାରୁ ଏହି ସବୁ ଘଟଣା ଘଟିଥିଲା। ସୋମବାର (ଜୁନ ୧) ଦିନ, ଇରାନର ଅର୍ଦ୍ଧ-ସରକାରୀ ଖବର ସଂସ୍ଥା, ତସନିମ କହିଛି ଯେ ଲେବାନନ ଉପରେ ଆକ୍ରମଣ ଯୋଗୁ ତେହରାନର ଆଲୋଚନା ଦଳ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆମେରିକା ସହିତ ବାର୍ତ୍ତା ଆଦାନପ୍ରଦାନକୁ ବନ୍ଦ କରୁଛି। ତଥାପି, ଟ୍ରମ୍ପ କହିଥିଲେ ଯେ ଆଲୋଚନା ଜାରି ରହିଛି।

## ବେଆଇନ ମଦ ଦୋକାନରେ ଚଢ଼ାଉ

# ବିପୁଳ ପରିମାଣର ମଦ ଜବତ, ଦୁଇ ଗିରଫ



ଧାମନଗର,(ପିପିଏସ୍): ଧାମନଗର ପୋଲିସ ଏକ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ' ବାରିକପୁର ବଜାରର ଏକ ଦୋକାନରେ ଦୀର୍ଘଦିନ ଧରି ବେଆଇନ ଭାବେ ମଦ ମହଜୁଦ ରଖାଯାଇ ବିକ୍ରି କରାଯାଉଛି। ଏହାକୁ ନଜର ରେ ରଖି ଧାମନଗର ଥାନାଧିକାରୀ ଶୁଭ୍ରଜିତ୍ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ କନେଷ୍ଟବଳ ନୀଳମଣି ବିଳାସ ଓ ଶିବ ପ୍ରସାଦ ଦାସ ସଦଳବଳେ ରବିବାର ସନ୍ଧ୍ୟାରେ ମଦ ଦୋକାନ ଉପରେ ଚଢ଼ାଉ କରିଥିଲେ।ଚଢ଼ାଉ ସମୟରେ ଦୋକାନରୁ ୧୭ ପେଟି ବିଦେଶୀ ମଦ ଓ ୫୦ ପେଟି ଆସ୍କା ଫର୍ଟି ସମେତ ମୋଟ ୨୬୮ ଲିଟର ଚୋରା ମଦ ଜବତ କରାଯାଇଥିଲା। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଧୂଳିଗଡ଼ିଆ ଗ୍ରାମର ଉତ୍ତମ ଜେନା ଏବଂ ଧାମନଗର ଥାନା ଅଧୀନ ମଙ୍ଗୁରୀଗଡ଼ିଆ ଅଞ୍ଚଳର ବଳରାମ ଜେନାଙ୍କୁ ଗିରଫ କରାଯାଇଛି। ଧାମନଗର ଥାନାରେ କେଶ ନଂ ୨୪୦/୨୬ରେ ଏକ ମାମଲା ରୁଜୁ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏଏସଆଇ ନରେନ୍ଦ୍ର କୁମାର ରାଉତଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଶୁଭ୍ରଜିତ୍ ଦାଶ ସୂଚନା ଦେଇଛନ୍ତି। ତେବେ ଅବକାରୀ ବିଭାଗ ଚୁପ୍ ବସିଥିବା ବେଳେ ଧାମନଗର ପୋଲିସର ଚୋରା ମଦ କାରବାର ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକେ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରଖିବାକୁ ଦାବି କରାଯାଇଛି। ପ୍ରଶ୍ନ ଉଠେ ଧାମନଗର ଅବକାରୀ ଅଧିକାରୀଙ୍କ ଚୋରା ମଦ ବେପାରୀ ପ୍ରିତୀ ଆଉ କେତେଦିନ ?

# ଯାଜପୁରରେ ଆଇଏମଏଫଏଲ୍ ଦୋକାନ ବଣ୍ଟନ ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

ଯାଜପୁର (ପିପିଏସ) ଅବକାରୀ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ଆଇଏମଏଫଏଲ୍ ଅଫ୍ ଏବଂ କଣ୍ଟ୍ରି ଲିକ୍ୟୁର ଦୋକାନଗୁଡ଼ିକର ବଣ୍ଟନ ନିମନ୍ତେ ଆଜି ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାର ମୋଟ ୪୨ ଟି ଆଇଏମଏଫଏଲ୍ 'ଅଫ୍' ଦୋକାନ ପାଇଁ ମୋଟ ୯୦୫ ଜଣ ଆବେଦନକାରୀ ଏବଂ ୧୬ ଟି କଣ୍ଟ୍ରି ଲିକ୍ୟୁର ଦୋକାନ ପାଇଁ ମୋଟ ୪୮୭ ଜଣ ଆବେଦନକାରୀ ଥିଲେ। ଲଟେରି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟେକ ଆବେଦନକାରୀଙ୍କୁ ଟୋକନ ନମ୍ବର ଦିଆଯାଇଥିଲା। ଆବେଦନକାରୀମାନଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ବାକ୍ସରେ ଭର୍ତ୍ତି କରାଯାଇଥିଲା। ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଅଧିକାରୀମାନେ ଆଖିରେ କଳାପଟି ପିନ୍ଧି ବାକ୍ସ ଭିତରୁ ଟୋକନ ଉଠାଇଥିଲେ। ବାକ୍ସରୁ ବାହାରିଥିବା ଟୋକନ ନମ୍ବର ଅନୁଯାୟୀ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଞ୍ଚ ପରେ ଏବଂ ନିର୍ଦ୍ଧାରିତ ଶୁଳ୍କ ପୈଠ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ଲଟେରିର ଫଳାଫଳ ଇ-ଅବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି।

ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଞ୍ଚ ଏବଂ ସଂସ୍କୃତି ଭବନ ପରିସରରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଆବେଦନକାରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା। ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ କର ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରା, ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି ଶଙ୍କର୍ଷଣ ସ୍ୱାଇଁ, ଅତିରିକ୍ତ ଏସପି ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ନିଜାରତ ଅଧିକାରୀ ମନୀଷା ସାହୁ, ଜିଲ୍ଲା ଇ-ଗଭର୍ଣ୍ଣେସ ମ୍ୟାନେଜର ଶାରଦା ପ୍ରସାଦ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି ଅଧିକ୍ଷକ ଅନିତା ଓଝା, ଅବକାରୀ ଇନ୍ସପେକ୍ଟର ସସ୍ମିତା ହୋତା, ଟାଉନ୍ ଥାନା ଆଇଆଇସି ଶରତ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋରି ହୋଇଥିବା ମୋବାଇଲ୍ ପାଇ ଲୋକେ ଖୁସି

ଭଦ୍ରକ, (ପିପିଏସ୍): ଟେବୁଲ ଉପରେ ଥୁଆ ହୋଇଛି ଗଣ୍ଡା ଗଣ୍ଡା ନାମୀ ଦାମୀ ମୋବାଇଲ୍। ଭିଭୋ ସାମସଙ୍ଗ ସହ ରହିଛି ଆଇ ଫୋନ ଭଳି ବ୍ରାଣ୍ଡ। କିନ୍ତୁ ଏହା କେଉଁ ମୋବାଇଲ୍ ଦୋକାନ ନୁହଁ ବରଂ ଏହା ହେଉଛି ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ ର ସଭା ଗୃହ । ଏଠାରେ କେଉଁ ମୋବାଇଲ୍ ବିକ୍ରି ହେବା ପାଇଁ ରଖାଯାଇନାହିଁ ବରଂ ଚୋରି ହୋଇଥିବା ମୋବାଇଲ୍ କୁ ପୋଲିସ୍ ଆଜି ମୋବାଇଲ୍ ର ଉଚିତ ମାଲିକ ଙ୍କୁ ଫେରାଉଛି । ଆଉ ତାହା ପୁଣି ଏକ ରିକଭରି ମେଳାର ଆୟୋଜନ ମଧ୍ୟ କରିଛି ପୋଲିସ । ସୂଚନା ଥାଉକି ଭଦ୍ରକ ଜିଲ୍ଲାରେ ଚୋରି ହୋଇଥିବା ମୋବାଇଲ୍ କୁ ଜବତ କରିବାରେ କିଛି ମାତ୍ରା ରେ ସକ୍ଷମ ହୋଇଛି ଭଦ୍ରକ ପୋଲିସ୍। ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି ହେବା ପରେ ଜିଲ୍ଲାର ବିଭିନ୍ନ ପୋଲିସ୍ ଷ୍ଟେସନ ରେ ଲୋକେ ଅଭିଯୋଗ କରିବା ପରେ ଏସପି ମନୋଜ ରାଉତ ଙ୍କ ନିର୍ଦ୍ଦେଶ ରେ ଏକ ଟିମ୍ ଗଠନ କରି ଚୋରି ହୋଇଥିବା ମୋବାଇଲ୍ କୁ ଜବତ କରିବାରେ ସକ୍ଷମ ହୋଇଛନ୍ତି। ବିଶେଷ କରି କିଛି ମାସ ପୂର୍ବରୁ ଭଦ୍ରକରେ ସାଇବର ଥାନା ଉଦ୍ଘାଟନ ହେବା ପରେ ସାଇବର ଅପରାଧ କିଛି ମାତ୍ରା ରେ ରୋକ ଲାଗିଛି। ସାଇବର ଥାନାର ଭାରପ୍ରାପ୍ତ ଅଧିକାରୀ ଦୟାନିଧି ଦାସ ଙ୍କ କାର୍ଯ୍ୟଦକ୍ଷତା ତଥା ଜିଲ୍ଲାର ବିଭିନ୍ନ ଥାନାର ଥାନାଧିକାରୀଙ୍କ ସ୍ୱତନ୍ତ୍ର ଟିମ ସହଯୋଗରେ ଆଇଏମଇଆଇ ଟ୍ରାକିଙ୍ଗ ତଥା ଅତ୍ୟାଧୁନିକ ଟେକନୋଲୋଜି ଜରିଆରେ ୧୧୭ ଗୋଟି ମୋବାଇଲ୍ କୁ ଜବତ କରିଛି ପୋଲିସ । ଚୋରି ହୋଇଥିବା ମୋବାଇଲ୍ କୁ ଉଚିତ ମାଲିକ ମାନଙ୍କୁ ଡାକି ନିଜ ପରିଚୟ ପତ୍ର ଓ ଅଭିଯୋଗ ପତ୍ର ଦେଖି ମୋବାଇଲ୍ ଫେରାଇଛି ପୋଲିସ । ସାଇବର କ୍ରାଇମ ଠାରୁ ଦୁରେଇ ରୁହନ୍ତୁ, ବ୍ୟବହାର ମୋବାଇଲ କିଣିବା ବେଳେ ସଠିକ ତଥ୍ୟ ରଖି କିଣନ୍ତୁ, ବୋଲି କହିଛନ୍ତି ଭଦ୍ରକ ଏସପି । ଯାହାର ମୋବାଇଲ୍ ଚୋରି ହୋଇଥିଲା ମୋବାଇଲ୍ ପାଇବା ପରେ ଖୁସି ପ୍ରକାଶ କରିଛନ୍ତି।

## ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପପୁ ପମ୍‌ପମ୍‌ଙ୍କ କମେଡି ଏବଂ ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ



ବ୍ରହ୍ମପୁର , (ପିପିଏସ୍): ଛତ୍ରପୁରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ମହାଆଡମ୍ବରରେ ଚାଲିଛି। ସ୍ଥାନୀୟ କଳା, ସଂସ୍କୃତି ଓ ପରମ୍ପରାର ଗରିମାମୟ ଐତିହ୍ୟକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଛତ୍ରପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୁପ୍ରସିଦ୍ଧ ହାସ୍ୟକଳାକାର ପପୁ ପମପମଙ୍କ ମନମତାଣିଆ କମେଡି ଏବଂ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ 'ରାଣୀ ଗୁରୀ', 'ଦିଲ୍ କି ରାଣୀ', 'ରସିଆ' ଓ 'ହଇ ଗୋ' ଗୀତରେ ଦର୍ଶକ ଓ ଶ୍ରୋତାମାନେ ବିଭୋର ହୋଇଥିଲେ।

ସାନ୍ଧ୍ୟ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ଶ୍ରୀ ନାୟକ, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା,ଛତ୍ରପୁର ବ୍ଲକ ଉପାଧ୍ୟାକ୍ଷା ଏସ. ଶାରଦା ରେଡ୍ଡୀ, ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ସୁନୀଲ କେରକେଟା, ବ୍ରହ୍ମପୁର ମହାନଗର ନିଗମର କମିଶନର ଅକବରମ ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ପ୍ରୋବାସେନର ସୁଶ୍ରୀ ସରନ୍ୟା, ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ମଙ୍ଗଳ କାମନା କରିବା ସହିତ ସମସ୍ତ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବା ସହିତ ଅନ୍ୟମାନଙ୍କୁ ଏ ମହୋତ୍ସବର ବିଭିନ୍ନ ଆୟୋଜନ ବିଷୟରେ ଜଣାଇବା ପାଇଁ କହିଥିଲେ । ଛତ୍ରପୁର ବିଧାୟକ ଶ୍ରୀ ନାୟକ ଛତ୍ରପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ।

ଏହି ଅବସରରେ ଛତ୍ରପୁର ପୌର ପରିଷଦ, ଗଞ୍ଜାମ ଓ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନସିଲର ଓ ଅନ୍ୟାନ୍ୟ ଜନପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ମା' ବ୍ରାହ୍ମଣ ଦେବୀ ନାଟ୍ୟ, ଜାମୁଲାଇ, ଭଞ୍ଜନଗରର କଳାକାରଙ୍କ କୃଷ୍ଣଲୀଳା, ଉତ୍କଳିକା ନୃତ୍ୟ ଅନୁଷ୍ଠାନ, ବ୍ରହ୍ମପୁରର ଓଡ଼ିଶୀ, ଲକ୍ଷ୍ୟମଞ୍ଜରୀ କଳାକ୍ଷେତ୍ରର କୁଚିପୁଡ଼ି, ଡି.ଏସ୍. ଡାନ୍ସ ଏକାଡେମୀ, ଗଞ୍ଜାମର ଆଧୁନିକ ନୃତ୍ୟ, ଜେଡିସି ଆକ୍ଟିଂ ଷ୍ଟୁଡିଓ, ଛତ୍ରପୁରର ଲୋକନୃତ୍ୟ, ରୟାଲ ଡାନ୍ସ ଏକାଡେମୀର ଆଧୁନିକ ନୃତ୍ୟ ଏବଂ ଦି ପଲ୍ଲବୀ, କରଞ୍ଜିଆ, ମୟୂରଭଞ୍ଜର ମଲ୍ଲଖମ୍ବ ନୃତ୍ୟ ଦେଖଣାହାରୀଙ୍କୁ ବିମୋହିତ କରିଥିଲା। ଛତ୍ରପୁର ମହୋତ୍ସବରେ ୧୫୦ଟି ଷ୍ଟଲ ରହିଛି। ତା'ମଧ୍ୟରୁ ୨୪ଟି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗ ଗୋଷ୍ଠୀ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଅଂଶଗ୍ରହଣ କରିଛନ୍ତି। ଏହି ଦଳମାନଙ୍କ ମଧ୍ୟରେ ୫୦ ଜଣ ଲକ୍ଷପତି ଦିଦି ଅଛନ୍ତି। ସେହି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗ ଗୋଷ୍ଠୀର ମା'ମାନେ ନିଜ ଉଦ୍ୟମ, ପରିଶ୍ରମ ଓ ସଫଳତାର କାହାଣୀକୁ ସେମାନଙ୍କ ଉତ୍ପାଦ ମାଧ୍ୟମରେ ପ୍ରଦର୍ଶନ କରୁଛନ୍ତି।

ସେହିପରି ୨୨ଟି ଷ୍ଟଲରେ ବିଭିନ୍ନ କୃଷି ଯନ୍ତ୍ରପାତି, ସରକାରୀ ଯୋଜନା, ଡ୍ରୋନ୍ ଇତ୍ୟାଦିର ପ୍ରଦର୍ଶନ କରାଯାଉଛି। ପ୍ରତ୍ୟେକ ଦିନ ବିଭିନ୍ନ ବିଷୟ ଉପରେ ପାଠ୍ୟଚକ୍ର ଆୟୋଜନ କରାଯାଇ କୃଷକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହି ପ୍ରଦର୍ଶନୀ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ କୃଷକ ଭାଇ ଓ ଭଉଣୀମାନେ ଲାଭାନ୍ୱିତ ହେଉଛନ୍ତି। ଗଞ୍ଜାମ ଜିଲ୍ଲାରେ ୧୦୦୦ରୁ ଅଧିକ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସୁଫଳ ମିଳିପାରିଛି। ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନାରେ ଜିଲ୍ଲାର ୧୨ଟି ଗୋଶାଳାକୁ ପାଖାପାଖି ୨.୨ କୋଟି ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି।

ଅନ୍ୟ ଷ୍ଟଲ ଗୁଡିକରେ ଖାଦ୍ୟ ମେଳା, ସୁଭଦ୍ରା ଶକ୍ତି ମେଳା,ପଲ୍ଲିଶ୍ରୀ ମେଳା , ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ପ୍ରଦର୍ଶିତ ହେଉଛି ।

ଗଞ୍ଜାମ ଜିଲ୍ଲାରେ ସୁଭଦ୍ରା ଯୋଜନାରେ ୯ ଲକ୍ଷରୁ ଅଧିକ ହିତାଧିକାରୀ ୧୮୪୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ଅଦ୍ୟାବଧି ପାଇସାରିଛନ୍ତି। ଏହି ଆର୍ଥିକ ସହାୟତା ଛୋଟ ଛୋଟ ବ୍ୟବସାୟର ବିକାଶ ଏବଂ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରୁଛି। ଖାଦ୍ୟ ମେଳାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟ ଯଥା ପିଠା, ପଣା, ମିଷ୍ଟାନ୍ନ ଇତ୍ୟାଦି ସହିତ ବାଲେଶ୍ୱରର ପତ୍ରପୋଡ଼ା ମାଂସ, ବାରିପଦାର ମୁଡ଼ିମାଂସ ଇତ୍ୟାଦି ମିଳୁଛି ।

ଆସନ୍ତାକାଲି ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଓ କୁଳଦୀପ ପଟ୍ଟନାୟକ ତାସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନେ ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।

## ନୟାଗଡ ଏନ୍ଏ ସି ହାଇସ୍କୁଲ କେଳେଙ୍କାରୀ ପ୍ରସଙ୍ଗ

# ସାଇନ୍ସ ସୁପରଭାଇଜରଙ୍କୁ ନେଇ ଚର୍ଚ୍ଚା

ନୟାଗଡ, (ପିପିଏସ୍): ନୟାଗଡ଼ ସହରର ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା କେଳେଙ୍କାରୀର ତଦନ୍ତକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉ ନାହିଁ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନଙ୍କୁ କେବଳ ଚିଠି ପରେ ଚିଠି କରାଯାଉଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ଏ ନେଇ ଜିଲ୍ଲାପାଳ ମଧୁମିତା ରଥ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି ପ୍ରଧାନଶିକ୍ଷୟିତ୍ରୀଙ୍କୁ ବହୁତ ସମୟ ଦିଆଗଲା, ଆଉ ଅଧିକ ସମୟ ନ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣ୍ଡେଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଫଳରେ ଜିଲ୍ଲା ଶିକ୍ଷା ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତ ନଜର ରହିଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପଣ୍ଡା ଏହି ଘଟଣା ଆରମ୍ଭରୁ କହୁଛନ୍ତି, ସବୁକିଛି ସରକାରୀ ପ୍ରକ୍ରିୟାରେ ଚାଲିଛି। ଏଣୁ ସେଥିପାଇଁ ବିଳମ୍ବ ହେଉଛି। ସବୁ ପ୍ରକ୍ରିୟା ଶେଷ ହେବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ମାତ୍ର ଏହି ପ୍ରକିୟା କେବେ ଶେଷ ହେବ, ତାହା କିନ୍ତୁ ସେ ସ୍ପଷ୍ଟ କରୁ ନାହାନ୍ତି। ସାଇନ୍ସ ସୁପର ଭାଇଜର ଙ୍କ ମସୁଧା ରେ ଏହି ଦୁର୍ନୀତିକୁ ଚାପି ଦେବା ପାଇଁ ଏକ ପ୍ରକାର ଷଡ଼ଯନ୍ତ୍ର ଚାଲିଥିବା ଚର୍ଚ୍ଚା ଚାଲିଛି। ପ୍ରଥମେ ବିଭାଗ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହାର ଉତ୍ତର ନମିଳିବାରୁ ତାଙ୍କୁ ଆଉ ଏକ ରିମାଇଣ୍ଡର ପଠାଯାଇଥିଲା। ଏହାର ଅବଧି ମଧ୍ୟ ଶେଷ ହୋଇଥିବା ବେଳେ ସେ ଏହାର ଉତ୍ତର ନ ଦେଇ ଆହୁରି ସମୟ ମାଗିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଜିଲ୍ଲା ଶିକ୍ଷା ବିଭାଗ ମଧ୍ୟ ତାଙ୍କ ଉତ୍ତରକୁ ଅପେକ୍ଷା କରି ବସି ରହିଛି। ମଧ୍ୟାହ୍ନ ଭୋଜନ ବାବଦକୁ ୪୭୪୦ଟି ଅଧିକ ଖାଦ୍ୟର ବିଲ୍, ଗୋଦାମରେ ୧୯ କୁଇଣ୍ଟାଲ ୩ କିଲୋ ୯୦୦ ଗ୍ରାମ ଅଧିକ ଚାଉଳ ଜବତ, ଇକୋ କ୍ଲବ ଓ ଚାରା ରୋପଣ ପାଇଁ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ଗୋଟିଏ ହେଲେ ଚାରା ବଞ୍ଚିନଥିବା ଘଟଣା ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିବାଦ ଘେରକୁ ଟାଣିଥିଲା। କେବଳ ସେତିକି ନୁହେଁ ୨୦୨୪-୨୫ ଆର୍ଥିକ ବର୍ଷରେ ସ୍କୁଲକୁ ଆସିଥିବା ୫୧,୩୬୫ ଟଙ୍କା ଅନୁଦାନକୁ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତି ଖାତୁନ ନିଜ ବ୍ୟକ୍ତିଗତ ବ୍ୟାଙ୍କ୍ ଆକାଉଣ୍ଟରେ ନେଇଛନ୍ତି। ମଧ୍ୟାହ୍ନ ଚାଉଳ ବାବଦରେ ୪୯,୭୦୩ ଟଙ୍କା ଓ ୭.୧୧ କୁଇଣ୍ଟାଲ ଚାଉଳ ହଡ଼ପ କରାଯାଇଥିବା ଜଣାପଡ଼ିଛି କେଉଁଠି ନା କେଉଁଠି ଏ ସମସ୍ତ ଘଟଣାରେ ଜାଲିଆତି ହୋଇଥିବା ଜିଲ୍ଲା ଶିକ୍ଷା ବିଭାଗ ଅନୁଭବ କରିଛି। ତଥାପି ଜିଲ୍ଲା ଶିକ୍ଷା ବିଭାଗ ଚୁପ୍ ରହୁଥିବାରୁ, ଏହାକୁ ନେଇ ସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି।

# ଗ୍ରାମାଞ୍ଚଳରେ ଏବେ ମଧ୍ୟ ଜଳୁଛି କାଠଚୁଲି

ଅସ୍ତରଙ୍ଗ, (ପିପିଏସ୍): ଧୂଆଁମୁକ୍ତ ରୋଷେଇ ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଉଜ୍ଜଳା ଯୋଜନା। ୨୦୧୬ମସିହାରେ ଯୋଜନା ଆରମ୍ଭ ହେବା ପରେ ଗ୍ରାମାଞ୍ଚଳ ର ଗରିବ ମହିଳାଙ୍କୁ ମାଗଣାରେ ଇନ୍ଧନ ଗ୍ୟାସ

### ଅପହଞ୍ଚ ହୋଇଛି ଉଜ୍ଜ୍ୱଳା ଯୋଜନା

### ଗ୍ୟାସ ଦର ବୃଦ୍ଧି ସାଜିଛି ଗରିବଙ୍କୁ ଚିନ୍ତାର କାରଣ

ସଂଯୋଗ ଯୋଗାଇ ଦିଆଯାଉଛି। କିନ୍ତୁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏହି ଯୋଜନା ଅନେକ ହିତାଧିକାରୀ ଙ୍କ ନିକଟରେ ପହଂଚି ପାରିନାହିଁ କି ଅନେକ ପାଇଥିଲେ ମଧ୍ୟ ଗ୍ୟାସ ଉଚ୍ଚ ଦର ଗରିବ ଙ୍କ ପେଟକୁ ଲାତ ମାରିଛି । ତେଣୁ ଏବେ ମଧ୍ୟ ଗ୍ରାମାଞ୍ଚଳର ମହିଳା କାଠଚୁଲି ବ୍ୟବହାର କରୁଛନ୍ତି। ଏଥିପାଇଁ ନିୟମିତ କାଠ ସଂଗ୍ରହ କରିବା ପାଇଁ ବାଧ୍ୟ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଅନେକ ସମୟରେ କାକଟପୁର ରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗଛରୁ କାଠ ସଂଗ୍ରହ ଅନେକ ସମୟରେ ମହିଳା ମାନେ କରୁଥିବା ସହ ଗ୍ରାମାଞ୍ଚଳ ମଧ୍ୟ ଜାଳେଣି କାଠ ରେ ସଂଗ୍ରହ ହୋଇ ରୋଷେଇ ହେଉଛି। ଘଣ୍ଟା ଘଣ୍ଟା କାଠ ସଂଗ୍ରହରେ ରହୁଥିବାରୁ ଆତ୍ମନିର୍ଭର ହେବା ପାଇଁ ସମୟ ପାଉନାହାନ୍ତି। ଏବେ ମଧ୍ୟ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ରେ ଅନେକ ପରିବାର ଅଛନ୍ତି ଉଜ୍ଜଳା ଯୋଜନା ରେ ସାମିଲ ହୋଇନାହାନ୍ତି। ତେଣୁ ମହିଳା ମାନେ ସକାଳୁ ଉଠିବା ମାତ୍ରେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଛନ୍ତି। କାଠ ସଂଗ୍ରହ ହେଲେ ଘରେ ଚୁଲି ଜଳୁଥିବା ସରୋଜିନୀ ସେନାପତି, ଦ୍ରୌପଦୀ ସାହୁ କହିଛନ୍ତି। କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ଠାରୁ କିଛି ଦୂରରେ ଏଲପିଜି ଗ୍ୟାସ ଏଜେନ୍ସି ରହିଛି। ସେହିପରି କିଛି ପରିବାର ଗ୍ୟାସ ସଂଯୋଗ ପାଇଥିଲେ ସୁଦ୍ଧା ବ୍ୟବହାର କରୁନାହାନ୍ତି। କାରଣ ମାସିକ ପାଖାପାଖି ୧ହଜାର ରୁ ଉର୍ଦ୍ଧ ଟଙ୍କା ଦେଇ ସିଲିଣ୍ଡର କିଣିବା ସେମାନଙ୍କ ପାଇଁ ସମ୍ଭବ



ନୁହେଁ ବୋଲି କହିଛନ୍ତି ସୁମିତ୍ରା କାଣ୍ଡି, ଜୟନ୍ତୀ ଦାସ।ଅପରପକ୍ଷେ ତୈଳ ନିଗମ ପକ୍ଷରୁ ନୂଆ ହିତାଧିକାରୀ ଙ୍କୁ ସାମିଲ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ସରକାର ସମସ୍ତ ପରିବାର କୁ ଉଜ୍ଜ୍ୱଳା ଯୋଜନା ସାମିଲ ସହ ସ୍ୱଳ୍ପ ପରିମାଣ ଗ୍ୟାସ ଯୋଗାଇଲେ ଗରିବ ଶ୍ରେଣୀର ଲୋକ ବ୍ୟବହାର କରିବା ସହ କେନ୍ଦ୍ରସରକାର ଙ୍କ ଲୋକାଭିମୁଖୀ ଧୂଆଁମୁକ୍ତ ରୋଷେଇ ଯୋଜନା ସଫଳ ହୁଅନ୍ତା।

# ଜୟ ସଂସ୍କାର ମିଶନ ଭଦ୍ରକ ଦ୍ୱାରା ବୃକ୍ଷରୋପଣ ଓ ମାତୃପିତୃ ପୂଜନ କାର୍ଯ୍ୟକ୍ରମ



ଭଦ୍ରକ, (ପି.ପି.ଏସ୍): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅଧିନସ୍ଥ ଗତ ସୋମବାର ଦିନ ବଳସାହି ହନୁମାନ ମନ୍ଦିର ପରିସର ମଧ୍ୟରେ ଜୟ ସଂସ୍କାର ମିଶନ ଭଦ୍ରକ ଓ ଉକ୍ତ ଗ୍ରାମର ଉମାକାନ୍ତ ମହାଲିକଙ୍କ ପରିବାର ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ଣ ୬ ଘଟିକା ସମୟରେ ମହାଲିକ ପରିବାର ଦ୍ୱାରା ଆୟୋଜିତ ମାତୃ,ପିତୃ ପୂଜନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଥମେ ମାତୃପିତୃ ଓ ପରେ ଗୁରୁମାନଙ୍କୁ ଉତ୍ତରୀୟ ସହ ଫୁଲ ଚନ୍ଦନ ଦିଆଯାଇ ପୂଜନ କାର୍ଯ୍ୟ କରାଯାଇଥିଲା। ଉକ୍ତ ସଭାରେ ଶିକ୍ଷାବିତ୍ ଲକ୍ଷ୍ମୀଧର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜୟ ସଂସ୍କାର ମିଶନର ସମ୍ପାଦକ ପିତବାସ ପଣ୍ଡା, ଆଜିର ଶିକ୍ଷିତ ଯୁବ ସମାଜ କିପରି ପଥଭ୍ରଷ୍ଟ ହୋଇ ବୃଦ୍ଧ ପିତାମାତାଙ୍କୁ ଅବହେଳିତ କରୁଛନ୍ତି ତାଙ୍କର ବକ୍ତବ୍ୟ ରଖିଥିଲେ। ପରେ ଶିକ୍ଷାବିତ୍ ଶରତ ଚନ୍ଦ୍ର କୁଣ୍ଡୁ, ରାଜେଶ ମିଶ୍ର, ପ୍ରଦୀପ ବାନାର୍ଜୀ, ସମାଜସେବୀ ଶ୍ରୀକାନ୍ତ ଦାସ, ପ୍ରଭାସ ପଣ୍ଡା, ସୋମନାଥ ମାଝୀ ଓ ଜୟ ସଂସ୍କାର ମିଶନର ସଭାପତି, ଗୀତିକାର ଗଙ୍ଗାଧର ଦେହୁରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ହେଉଛି ମଣିଷ ଜୀବନ ମାଲ୍ୟର ପରମଣି ସଦୃଶ୍ୟ, ବିଦ୍ୟାବିହୀନ ମଣିଷ ପଶୁ ସହିତ ସମାନ। ଆଜିର ଶିକ୍ଷାପଦ୍ଧତିରେ ମୂଲ୍ୟବୋଧ ପ୍ରାଚୀନ ଗୁରୁକୁଳ ପରି ନାହି। ପରେ ମୁଖ୍ୟବକ୍ତା, ପ୍ରବଚକ, ସାହିତ୍ୟିକ ତଥା ଦିବ୍ୟଭୂମି ତିହିଡିର ସମ୍ପାଦକ ନିତ୍ୟାନନ୍ଦ ରାଉତ ବିଭିନ୍ନ ଉଦାହରଣ ମାନ ଦେଇ ଆଜିର ଯୁବପିଢ଼ୀମାନେ କିପରି ଗୁରୁ ଏବଂ ପିତାମାତାଙ୍କୁ ସମ୍ମାନ ଦେଇ ସମାଜକୁ ଶୃଙ୍ଖଳିତ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥି ପରିଚୟ, ପଞ୍ଚାୟତ ଡିଗ୍ରୀ କଲେଜର ଅଧ୍ୟାପକ, ଉମାକାନ୍ତ ମହାଲିକ ଦେଇଥିଲାବେଳେ ଧନ୍ୟବାଦ ଦେଇଥିଲେ ବିନୋଦ ନାୟକ। ମଞ୍ଚ ପରିଚାଳନା କରିଥିଲେ ରମାକାନ୍ତ ମହାଲିକ, ବଟକୃଷ୍ଣ ମହାଲିକ, ଶଚୀକାନ୍ତ ମହାଲିକ, ସବିତା ମହାଲିକ ଓ ହରିଶ୍ଚନ୍ଦ୍ର ମହାଲିକ।

# ଭଦ୍ରକରେ ଏସ୍.ଆଇ.ଆର ସଚେତନତା ରଥର ଶୁଭାରମ୍ଭ

ଭଦ୍ରକ,(ପିପିଏସ୍): ନିର୍ବାଚନ କମିଶନଙ୍କ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ବ୍ୟାପକ ଭାବେ ପହଂଚାଇବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଏସ୍ଆଇଆର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଡଃ ଦିଲୀପ ରାଉତରାଏ ଓ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପଂଚାୟତ ଓ ସହରାଂଚଳ ପରିଭ୍ରମଣ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନେଇ ଚରଣ ଟୁଡ୍ଡୁ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଏସ୍ଆଇଆର ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା, ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଏନ୍ୟୁମେରେସନ୍ ଫର୍ମ ପୂରଣ କରି ଦାଖଲ କରିବା ପାଇଁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଏସଆଇଆର-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଈଖଡଂ ମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଏନ୍ୟୁମେରେସନ୍ ଫର୍ମ ବଂଟନ ଓ ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଓ ଅଦ୍ୟତନ କରାଯିବ। ଏସଆଇଆର ସଚେତନତା ରଥ ଜରିଆରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ସର୍ବାଧିକ ଜନସହଭାଗିତା ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଆଶା ପ୍ରକାଶ କରିଛି।

# ମହିଳାମାନଙ୍କ ପାଇଁ କୁକୁଡ଼ାଖଣ୍ଡିରେ ସଖୀ ନିବାସ

# ରହିବା ପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ କରିବେ ଆବେଦନ

ବ୍ରହ୍ମପୁର(ପିପିଏସ୍): ମହିଳାମାନଙ୍କ ସୁବିଧା ନିମନ୍ତେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ଠାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ୧୦୦ ଶଯ୍ୟା ବିଶିଷ୍ଟ ସଖୀ ନିବାସରେ ଉପଲବ୍ଧ ରହିଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି ସୁବିଧା ନେବା ପାଇଁ ମହିଳାମାନଙ୍କୁ ଅନୁରୋଧ କରାଯାଇଛି । ଏହି ସଖୀ ନିବାସରେ ବର୍ତ୍ତମାନ ୦୯ଟି ଏକକ, ୨୮ଟି ଦୁଇଜଣିଆ ଏବଂ ୦୯ଟି ବହୁଜନ ରହିବା କୋଠରୀ ଖାଲି ଅଛି। ଅନ୍ତେବାସୀମାନଙ୍କ ସୁବିଧା ପାଇଁ ଏଠାରେ ମନୋରଞ୍ଜନ କକ୍ଷ, ପରିଦର୍ଶକ କକ୍ଷ, ବିଶୁଦ୍ଧ ପାନୀୟ ଜଳ, ରୋଷେଇ ଓ ଖାଇବା ଘର, ସଂଲଗ୍ନ ତଥା ସାଧାରଣ ଶୌଚାଳୟ, ଷ୍ଟୋର୍ ରୁମ୍, ପ୍ରାଥମିକ ଚିକିତ୍ସା ବାକ୍ସ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରପାତି ସମେତ ସିସିଟିଭି ନିରୀକ୍ଷଣ ଏବଂ ୨୪ଘଣ୍ଟିଆ ସୁରକ୍ଷା ଭଳି ଅତ୍ୟାବଶ୍ୟକ ବ୍ୟବସ୍ଥାମାନ ଉପଲବ୍ଧ ରହିଛି । ନିଜ ପରିବାର ଠାରୁ ଦୂରରେ ତଥା ସମାନ ସହର ବା ଅଞ୍ଚଳରେ ରହୁନଥିବା ଅବିବାହିତ, ବିଧବା, ଛାଡ଼ପତ୍ର ପ୍ରାପ୍ତ କିମ୍ବା ବିବାହିତ କର୍ମଜୀବୀ ମହିଳାମାନେ ଏହାର ସୁବିଧା ନେଇପାରିବେ । ଏହାବ୍ୟତୀତ, ନିଜ ପିଲା (୧୮ ବର୍ଷ ପର୍ଯ୍ୟନ୍ତ ଝିଅ ଓ ୧୨ ବର୍ଷ ପର୍ଯ୍ୟନ୍ତ ପୁଅ)ଙ୍କ ସହ ରହୁଥିବା କର୍ମଜୀବୀ ମା' ଏବଂ ଚାକିରି ପ୍ରଶିକ୍ଷଣ ନେଉଥିବା ମହିଳାମାନେ (ହଷ୍ଟେଲ କ୍ଷମତାର ସର୍ବାଧିକ ୩୦% ଭିତ୍ତିରେ କେବଳ ୧ ବର୍ଷ ପର୍ଯ୍ୟନ୍ତ) ମଧ୍ୟ ଏଠି ରହିବା ପାଇଁ ଆବେଦନ କରିପାରିବେ। ତେବେ ଏହି ପ୍ରକ୍ରିୟାରେ ଅନଗ୍ରସର ଶ୍ରେଣୀ ଓ ଶାରୀରିକ ଭିନ୍ନକ୍ଷମ ମହିଳାଙ୍କୁ ପ୍ରାଥମିକତା ପ୍ରଦାନ କରାଯିବ। ଏହି ସୁବିଧା ପାଇବାକୁ ହେଲେ ମହିଳାଙ୍କ ମୋଟ ମାସିକ ଆୟ ମହାନଗରଗୁଡ଼ିକରେ ୫୦,୦୦୦ ଟଙ୍କା ଓ ଅନ୍ୟାନ୍ୟ ସ୍ଥାନରେ ୩୫,୦୦୦ ଟଙ୍କାରୁ ଅଧିକ ହୋଇନଥିବା ଆବଶ୍ୟକ। ଆବଶ୍ୟକସ୍ଥଳେ ସ୍ଥାନୀୟ ଆବଶ୍ୟକତା ଏବଂ କୋଠରୀ ଉପଲବ୍ଧତାକୁ ଭିତ୍ତି କରି ଜିଲ୍ଲାପାଳ କିମ୍ବା କୌଣସି ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଏହି ଆୟ ସୀମା କୋହଳ କରାଯାଇପାରିବ। ଏଠି ରହୁଥିବା ସମୟରେ କୌଣସି ମହିଳାଙ୍କ ଆୟ ନିର୍ଦ୍ଧାରିତ ସୀମାକୁ ଅତିକ୍ରମ କରେ, ତେବେ ତାଙ୍କୁ ୬ ମାସ ମଧ୍ୟରେ ହଷ୍ଟେଲ ଖାଲି କରିବାକୁ ପଡିବ। ସରକାରୀ ନିୟମାନୁଯାୟୀ ହଷ୍ଟେଲର ମାସିକ ଦେୟ ବାବଦକୁ ଏକକ ରୁମ୍ ପାଇଁ ମହିଳାମାନଙ୍କୁ ମୋଟ ଦରମାର ୧୫%, ଦୁଇ ଜଣିଆ ରୁମ୍ ପାଇଁ ୧୦% ଏବଂ ବହୁ ଜଣିଆ ପାଇଁ ମାତ୍ର ୭.୫% ଦେବାକୁ ହେବ । କର୍ମଜୀବୀ ମହିଳାମାନେ ଏଠାରେ ସାଧାରଣତଃ ୩ ବର୍ଷ ପର୍ଯ୍ୟନ୍ତ ରହିପାରିବେ, ଯାହାକି ଆବଶ୍ୟକ ସ୍ଥଳେ ଅନୁମୋଦନ କ୍ରମେ ଆହୁରି ୧ବର୍ଷ ପାଇଁ ବୃଦ୍ଧି କରାଯାଇପାରିବ। ଏହି ସୁବିଧାର ଲାଭ ଉଠାଇବାକୁ ଚାହୁଁଥିବା ଇଚ୍ଛୁକ ତଥା ଯୋଗ୍ୟ ପ୍ରାର୍ଥୀମାନେ ନିଜର ଲିଖିତ ଦରଖାସ୍ତ ଛତ୍ରପୁର ସ୍ଥିତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି ହଷ୍ଟେଲରୁ ବ୍ରହ୍ମପୁର ଏବଂ ଛତ୍ରପୁର ଯାତାୟାତ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି ।

# କେନାଲ ଓ ରାସ୍ତା କାମରେ ଦୁର୍ନୀତି

କେନ୍ଦ୍ରାପଡ଼ା,(ପିପିଏସ):କେନ୍ଦ୍ରାପଡ଼ା ଜିଲ୍ଲା ଗାଁଟକୁରା ଅଞ୍ଚଳରେ ପ୍ରାୟ ୨ କୋଟି ଟଙ୍କାର କେନାଲ ଓ ରାସ୍ତା କାମକୁ ନେଇ ଉଠିଛି ଦୁର୍ନୀତି ଅଭିଯୋଗ। ଚିର୍ତ୍ତେତଳାରୁ ଉଦାଳ ଗ୍ରାମ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରକଳ୍ପରେ ନିମ୍ନମାନର କାମ ସହ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଅଭିଯୋଗର ତଦନ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।ପାଇକା ନଦୀ ପାଖଡ଼ ମାଇନରର ଚିତ୍ତେତଳାରୁ ଉଦାଳ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ କେନାଲ ଓ ରାସ୍ତା ଉନ୍ନୟନ କାମ ଚାଲିଛି। ହେଲେ କାମ ସ୍ଥଳରେ ସୂଚନା ଫଳକ ନଥିବା ବେଳେ ନିର୍ଦ୍ଧାରିତ ମାନ ଅନୁଯାୟୀ କାମ ହେଉନଥିବା ଅଭିଯୋଗ ଆସିଛି। କେନାଲ କଡ଼ରୁ ମାଟି ଉଠାଇ ରାସ୍ତାରେ ପକାଇ କେବଳ ମେହେରମ୍ ବିଛାଯାଉଥିବାରୁ କାମର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. CAOCRSPBBS-25-2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ କଟକ-ପାରାଦୀପ ଲାଇନରେ ପାରାଦୀପ ଏବଂ ପାରାଦୀପ ପୋର୍ଟ ଏଣ୍ଡ ଷ୍ଟେସନ ମଧ୍ୟରେ ରେଳବାଇ କି.ମି. 491/17-19 ଠାରେ ଆପ୍ରୋଚ ଅଂଶ ନିମନ୍ତେ PPL ଫାଟକ ପାର୍ଶ୍ୱରେ 8 X 25.04 M RCC ଗର୍ଡର ଏବଂ PPL କାରଖାନା ପାର୍ଶ୍ୱରେ 7 X 25.04 M RCC ଗର୍ଡରର ପ୍ରସ୍ତାବିତ ସ୍ଥାନ ଏବଂ ଲେଭେଲ କ୍ରସିଙ୍ଗ CP-55 ପରିବର୍ତ୍ତେ ରେଳବାଇ ଅଂଶ ନିମନ୍ତେ 1 X 60.0 M କ୍ୟାମେଲ ବ୍ୟାକ ଟାଇପ୍ ଟ୍ରସ୍ ଗର୍ଡର + 1 X 24 M କମ୍ପୋଜିଟ୍ ଗର୍ଡର ସହିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ।

**ବିଜ୍ଞାପିତ ମୂଲ୍ୟ :** ₹ 63,03,12,691.46, EMD : ₹ 1,26,06,300/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.09.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.06.2026ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର

PR-67/CJ/26-27

# ବାହୁତୁଲେ ହେଲେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ



ମୁମ୍ବାଇ: ପୂର୍ବତନ ଲେଗ୍ ସ୍ପିନର ସାଇରାଜ ବାହୁତୁଲେ ଭାରତୀୟ କ୍ରିକେଟ୍ ଦଳର ନୂଆ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳାରୁ ସେ ନିଜ କାର୍ଯ୍ୟ ଆରମ୍ଭ କରିବେ। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଅଧୀନରେ କାମ କରିବେ ସେ। ୫୩ ବର୍ଷୀୟ ବାହୁତୁଲେ ସମସ୍ତ ତିନିଟି ଯାକ ଫର୍ମାଟ୍‌ରେ ଭାରତୀୟ ସ୍ପିନରଙ୍କ ଅଗ୍ରଗତି ତଥା ଦକ୍ଷତା ବୃଦ୍ଧି ନେଇ ମାର୍ଗଦର୍ଶନ କରିବେ।

ଏବର୍ଷର ଆଇପିଏଲ୍‌ରେ ସେ ପଞ୍ଜାବ କିଙ୍ଗ୍ସର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଥିଲେ। ତାଙ୍କର ମଧ ବେଙ୍ଗଲ ଓ କେରଳମ୍ ରଣଜୀ ଦଳ ସହ କାମ କରିବାର ଅଭିଜ୍ଞତା ରହିଛି। ଖେଳାଳି ଭାବେ ବାହୁତୁଲେ ୧୯୯୭ରୁ ୨୦୦୩ ମସିହା ପର୍ଯ୍ୟନ୍ତ ୬ବର୍ଷ ଧରି ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ବାହୁତୁଲେ ଆସିବା ପରେ ଗମ୍ଭୀର, ସିତାଂଶୁ କୋଟାକ (ବ୍ୟାଟିଂ ପ୍ରଶିକ୍ଷକ), ମର୍ଣ୍ଣି ମର୍କେଲ (ବୋଲିଂ ପ୍ରଶିକ୍ଷକ), ଟି ଦିଲୀପ (ଫିଲ୍ଡିଂ ପ୍ରଶିକ୍ଷକ) ଓ ରିୟାନ ଟେନ୍ ଡସେଟ୍ (ସହାକାରୀ ପ୍ରଶିକ୍ଷକ)ଙ୍କୁ ନେଇ ଗଠିତ ଭାରତୀୟ ବରିଷ୍ଠ କ୍ରିକେଟ୍ ଦଳର ପ୍ରଶିକ୍ଷକ ମଣ୍ଡଳି ଆହୁରି ପରବର୍ଦ୍ଧିତ ହୋଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ୍‌ରୁ ଭାରତୀୟ କ୍ରିକେଟ୍ ଦଳର ଚଳିତବର୍ଷ ତା'ର ଲାଲ୍ ବଲ୍ ଅଭିଯାନ ଆରମ୍ଭ କରିବ। ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ଟେଷ୍ଟ୍ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ। ଶୁବମନ ଗିଲ୍ ଉଭୟ ଫର୍ମାଟ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ। ଟେଷ୍ଟ୍‌ରେ କେଏଲ୍ ରାହୁଲ ଉପଅଧିନାୟକ ଏବଂ ଦିନିକିଆରେ ଶ୍ରେୟସ୍ ଆୟର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଭାରତ-ଆଫଗାନିସ୍ତାନ ଦିନିକିଆ ଶୃଙ୍ଖଳା ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏକମାତ୍ର ଟେଷ୍ଟ୍ ୬ ତାରିଖରୁ ଆରମ୍ଭ ହେବ।

ଭାରତୀୟ ଟେଷ୍ଟ୍ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ (ଉପଅଧିନାୟକ), ଋଷଭ ପନ୍ତ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକଲ, ଧ୍ରୁବ ଜୁରେଲ, ୱାସିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ହର୍ଷ ଦୁବେ ଓ ଗୁରନୁର ବ୍ରାର ।

ଭାରତୀୟ ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ୍ ଆୟର (ଉପଅଧିନାୟକ), କେଏଲ୍ ରାହୁଲ, ଈଶାନ କିଶନ, ହାର୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବ୍ରାର, ହର୍ଷ ଦୁବେ।

# ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁ କରିବେ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ: ଯେତେବେଳେ ବି ବିସିସିଆଇ ୧୯ତମ ସିଜିନ ବିଷୟରେ ଆଲୋଚନା ହୁଏ, ସମସ୍ତଙ୍କ ମୁହଁରେ ପ୍ରଥମେ ନାମ ନିଶ୍ଚିତ ଭାବରେ ୧୫ ବର୍ଷୀୟ ଯୁବ ସେନସେସନ ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ରହିବ। ୨୦୨୬ ଓଟଖରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ବୈଭବ କେବଳ ତାଙ୍କର ବ୍ୟାଟିଂ ଦକ୍ଷତା ସହିତ ରେକର୍ଡ ଭାଙ୍ଗି ନଥିଲେ; ସେ ଭାରତୀୟ କ୍ରିକେଟର ଭବିଷ୍ୟତ ସମ୍ପର୍କରେ ଏକ ନୂତନ ବିତର୍କ ମଧ ସୃଷ୍ଟି କରିଛନ୍ତି। ସେ ସବୁଠି ଚର୍ଚ୍ଚାର ବିଷୟ, ଏବଂ ଟିମ ଇଣ୍ଡିଆରେ ତାଙ୍କର ସାମିଲ ପାଇଁ ଦାବି ଦ୍ରୁତ ଗତିରେ ବୃଦ୍ଧି ପାଇବା ଆରମ୍ଭ କରିଛି। ତାଙ୍କ ଚୟନ ପାଇଁ ବଢୁଥିବା ଦାବି ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ ଏକ ବିବୃତ୍ତିରୁ ଆହୁରି ପ୍ରୋତ୍ସାହନ ପାଇଛି – ଏକ ବିବୃତ୍ତି ଯାହା ସଫଳତାର ସହ ସମଗ୍ର କ୍ରିକେଟ ଜଗତର ଦୃଷ୍ଟି ଆକର୍ଷଣ କରିଛି।

ପ୍ରକୃତରେ, ୨୦୨୬ ଓଟଖ ସିଜିନରେ ୧୬ ମ୍ୟାଚରେ ୭୭୬ ରନ କରି, ବୈଭବ ଅରେଞ୍ଜ କ୍ୟାପ ଦାବି କରିଥିଲେ, ଏବଂ ଟୁର୍ଣ୍ଣାମେଣ୍ଟର ଇତିହାସରେ ଏହି ସଫଳତା ହାସଲ କରିଥିବା ସବୁଠାରୁ କମ ବୟସ୍କ ଖେଳାଳି ହୋଇଥିଲେ। ସମଗ୍ର ସିଜିନରେ ସେ ଯେଉଁ ନିର୍ଭୀକ ଢଙ୍ଗରେ ଅଭିଜ୍ଞ ବୋଲରମାନଙ୍କ ବିରୁଦ୍ଧରେ ବ୍ୟାଟିଂ କରିଥିଲେ ତାହା ଚୟନକର୍ତ୍ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସମଗ୍ର ଓଟଖ ସିଜିନରେ ସମସ୍ତ ଚୟନକର୍ତ୍ତା ଖେଳାଳିମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି, ଏବଂ ବିଶେଷକରି ବୈଭବ ନିଜକୁ ପ୍ରକୃତରେ ଅସାଧାରଣ ପ୍ରମାଣିତ କରିଛନ୍ତି। ଖେଳାଳିଙ୍କ ଭବିଷ୍ୟତ ସମ୍ଭାବନା ସମ୍ପର୍କରେ ତାଙ୍କର ଏହି ବକ୍ତବ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଭାବରେ ବ୍ୟାଖ୍ୟା କରାଯାଉଛି। ଏହା ବ୍ୟତୀତ, ସାଇକିଆ ଆହୁରି କହିଛନ୍ତି ଯେ, ଆଗାମୀ ଗସ୍ତକୁ ଦୃଷ୍ଟିରେ ରଖି, ଚୟନ କମିଟି ବୈଭବଙ୍କ ସ୍ୱାର୍ଥ ପାଇଁ ଏକ ନିଷ୍ପତ୍ତି ନେବ। ଏହି ବୟାନ ପରେ, କଳ୍ପନାଜଳ୍ପନା ତୀବ୍ର ହୋଇଛି ଯେ ବୈଭବ ଖୁବ ଶୀଘ୍ର ଟିମ ଇଣ୍ଡିଆ ପାଇଁ ଡେବ୍ୟୁ କରିବାକୁ ପ୍ରସ୍ତୁତ। ଏହା ବ୍ୟତୀତ, ସାଇକିଆ ନିଜେ ବିଶ୍ୱାସ କରନ୍ତି ଯେ ଏହି ଯୁବ ରାଜସ୍ଥାନ ରୟାଲ୍ସ ଖେଳାଳି ତାଙ୍କର ସିନିୟର ଇଣ୍ଡିଆ କ୍ୟାପ ହାସଲ କରିବାରେ ବହୁତ ସମୟ ଲାଗିବ ନାହିଁ। ହିନ୍ଦୁସ୍ତାନ ଟାଇମ୍ସସହିତ କଥାବାର୍ତ୍ତା କରି ସେ କହିଛନ୍ତି: 'ବୈଭବ ହେଉଛନ୍ତି ଭାରତୀୟ କ୍ରିକେଟର ନୂତନ 'ବିସ୍ମୟକର ପିଲା', ଏବଂ ମୁଁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରେ ଯେ ଆଗାମୀ ଦିନରେ, ସେ ସମଗ୍ର ବିଶ୍ୱକୁ ଝଡ଼ରେ ପକାଇବେ। ଆମର ସମସ୍ତ ଚୟନକର୍ତ୍ତା ଟୁର୍ଣ୍ଣାମେଣ୍ଟ ସହିତ ସକ୍ରିୟ ଭାବରେ ଜଡିତ। ସମସ୍ତେ ବିଶେଷକରି ସମସ୍ତ ଚୟନକର୍ତ୍ତା ଏହି ମ୍ୟାଚ ଗୁଡ଼ିକୁ ବହୁତ ନିକଟରୁ ଦେଖୁଛନ୍ତି; ଅଧିକାଂଶ କ୍ଷେତ୍ରରେ, ସେମାନେ ଷ୍ଟାଡିୟମରେ ମଧ ଉପସ୍ଥିତ ଅଛନ୍ତି। ତେଣୁ, ଭାରତୀୟ ଦଳର ଯୁକେ ଗସ୍ତ ପାଇଁ ଆଗାମୀ ଚୟନ ବୈଠକ ସମୟରେ, ମୁଁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରେ ଯେ ଚୟନକର୍ତ୍ତାମାନେ ତାଙ୍କ ପ୍ରଦର୍ଶନର ଦକ୍ଷତାକୁ ଦୃଷ୍ଟିରେ ରଖି ଯାହା ଆବଶ୍ୟକ ଏବଂ ତାଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ ତାହା କରିବେ। ଅନ୍ୟ ଅନେକ ଖେଳାଳି ମଧ ଚମତ୍କାର ପ୍ରଦର୍ଶନ କରିଛନ୍ତି, ବୈଭବ ପ୍ରକୃତରେ ଅସାଧାରଣ। ମୁଁ ଆନନ୍ଦିତ ଏବଂ ଈଶ୍ୱରଙ୍କ ନିକଟରେ କୃତଜ୍ଞ ଯେ ଏହି ସମୟରେ, ଭାରତୀୟ କ୍ରିକେଟ ଏକ ନୂତନ ବିସ୍ମୟକର ପିଲା ଖୋଜି ପାଇଛି ଯିଏ ଖୁବ ଶୀଘ୍ର ସମସ୍ତ ସୀମା ଭାଙ୍ଗିବାକୁ ସ୍ଥିର।'

# ଟେନିସ୍ କୋର୍ଟରେ ନଜର ଆସିଲେ ଗମ୍ଭୀର



ନୂଆଦିଲ୍ଲୀ: ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବର୍ତ୍ତମାନ ବିରତିରେ ଅଛନ୍ତି । ଆଇପିଏଲ ଯୋଗୁଁ, ୨୦୨୬ ଟି-୨୦ ବିଶ୍ୱକପର ଫାଇନାଲ ପରଠାରୁ ଭାରତୀୟ ଦଳ କୌଣସି ମ୍ୟାଚ୍ ଖେଳିନାହିଁ । ଫଳସ୍ୱରୂପ, ଗୌତମ ଗମ୍ଭୀର ତାଙ୍କ ପରିବାର ସହିତ ସମୟ ବିତାଇବାର ସୁଯୋଗ ପାଇଛନ୍ତି । ଏସବୁ ମଧ୍ୟରେ, ଗମ୍ଭୀରଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଭାଇରାଲ ଭିଡିଓଟି ଏକ ଟେନିସ୍ କୋର୍ଟରେ ସେଟ୍ ହୋଇଛି, ଯେଉଁଠାରେ ଗମ୍ଭୀର ତାଙ୍କ ବଡ଼ ଝିଅ ଆଜିନ୍‌ଙ୍କ ଜୋତାର ଫିତା ବାନ୍ଧୁଥିବାର ଦେଖାଯାଉଛି । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଜେ ଏହି ଭିଡିଓକୁ ଫେସବୁକରେ ସେୟାର କରିଛନ୍ତି । ପୋଷ୍ଟ ସହିତ ଥିବା କ୍ୟାପସନରେ ସେ ଲେଖିଛନ୍ତି: "ଖେଳାଳିଙ୍କୁ ପ୍ରଶିକ୍ଷଣ ନ ଦେଇ ମ୍ୟାଚ୍ ଦେଖିବା ଭଲ ଲାଗୁଛି ।"

ଭାରତୀୟ ଦଳ ଜୁନ୍ ୬ ତାରିଖରୁ ଏକ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ମ୍ୟାଚ୍ ପାଇଁ ଗୌତମ ଗମ୍ଭୀର ଖୁବ୍ ଶୀଘ୍ର ଟିମ୍ ଇଣ୍ଡିଆରେ ଯୋଗଦେବେ ବୋଲି ଆଶା କରାଯାଉଛି । ଏହି ମ୍ୟାଚ୍ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ହେବ, ଯେଉଁଠାରେ ଭାରତ ଆଫଗାନିସ୍ତାନ ଦଳ ବିପକ୍ଷରେ ଏକ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ନୂତନ ଷ୍ଟାଡିୟମରେ ଆୟୋଜିତ ହେବ । ଏହି ମ୍ୟାଚ୍ ଟିମ୍ ଇଣ୍ଡିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, ଯଦିଓ ଏହା ଓଉଉ ଟେଷ୍ଟ ଚାମ୍ପିଅନସିପର ଅଂଶ ନୁହେଁ। ରିପୋର୍ଟ ଅନୁଯାୟୀ, ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ଭାରତୀୟ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜରେ ଦୁଇ ଥର କ୍ଲିନ୍ ସୁଇପ୍ କରିଛି । ଏହା ପୂର୍ବରୁ ୧୨ ବର୍ଷ ମଧ୍ୟରେ, ଦଳ ଘରୋଇ ମାଟିରେ କେବଳ ଗୋଟିଏ ସିରିଜ୍ ହାରିଥିଲା। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ସିରିଜ୍ ପରେ, ଭାରତ ଏକ ଦିନିକିଆ ଆନ୍ତର୍ଜାତୀୟ ସିରିଜ୍ ମଧ ଖେଳିବାର କାର୍ଯ୍ୟକ୍ରମ ରହିଛି । ଅଗଷ୍ଟରେ, ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିବ, ଯେଉଁଠାରେ ଓଉଉ ବିଶ୍ୱ ଚାମ୍ପିଅନସିପର ଅଂଶ ଭାବରେ ଏକ ଟେଷ୍ଟ ସିରିଜ୍ ଅନୁଷ୍ଠିତ ହେବ।

## ପ୍ରେମାନନ୍ଦ ମହାରାଜଙ୍କଠାରୁ ଆଶୀର୍ବାଦ ନେଲେ ବିରାଟ

ନୂଆଦିଲ୍ଲୀ: ଭାରତର ଷ୍ଟାର ବ୍ୟାଟସମ୍ୟାନ ଏବଂ ପୂର୍ବତନ ଅଧିନାୟକ ବିରାଟ କୋହଲି, ତାଙ୍କ ପତ୍ନୀ ଅନୁଷ୍କା ଶର୍ମାଙ୍କ ସହିତ ମଙ୍ଗଳବାର ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଭକ୍ତିରେ ବୁଡ଼ି ରହିଥିବା ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିରାଟ ଏବଂ ଅନୁଷ୍କା ଉଭୟଙ୍କ କପାଳରେ ତିଳକ ଲାଗିଛି। ଉଭୟ ହାତ ଯୋଡ଼ି ରାଧେ-ରାଧେ ଜପ କରୁଛନ୍ତି । ବିରାଟ ଏବଂ ଅନୁଷ୍କା ବୃନ୍ଦାବନର ରାଧାକେଳି କୁଞ୍ଜ ଆଶ୍ରମରେ ପହଞ୍ଚି ପ୍ରେମାନନ୍ଦ ମହାରାଜଙ୍କୁ ଦର୍ଶନ କରିଥିଲେ। ଉଭୟ ସେଠାରେ ବହୁତ ସମୟ ବିତାଇଥିଲେ। ବିରାଟ ଏବଂ ଅନୁଷ୍କା ଉଭୟ ପ୍ରେମାନନ୍ଦ ମହାରାଜଙ୍କ ଭକ୍ତ ଏବଂ ସମୟ ସମୟରେ ତାଙ୍କ ବୃନ୍ଦାବନ ଆଶ୍ରମକୁ ଯାଆନ୍ତି।

# ଟେଷ୍ଟ୍ କ୍ରିକେଟ୍ ନିୟମରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟ୍‌ରେ ପୁଣି ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଏନେଇ ଏକ ସୂଚନା ଶେୟାର କରିଛି। ସାଧାରଣତଃ ଖରାପ ଆଲୋକ ଯୋଗୁ ପ୍ରାୟତଃ ଟେଷ୍ଟ ମ୍ୟାଚଗୁଡିକ ଶୀଘ୍ର ବନ୍ଦ ହୋଇଯାଏ। ଏହି ଏହି ସମସ୍ୟାର ସମାଧାନ ପାଇଁ ଆଇସିସି ଦୁର୍ବଳ ଦୃଶ୍ୟମାନତା ସମୟରେ ଗୋଲାପୀ ବଲ ବ୍ୟବହାରକୁ ଅନୁମୋଦନ କରିଛି। ବର୍ତ୍ତମାନ ପାଇଁ ଏହି ପଦକ୍ଷେପ କେବଳ ପରୀକ୍ଷାମୂଳକ ଭାବରେ କାର୍ଯ୍ୟକାରୀ କରାଯାଉଛି।

ଗୋଟିଏ ଦିନ ପୂର୍ବରୁ ଅହମ୍ମଦାବାଦରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ ଗୋଲାପୀ ବଲ ବ୍ୟବହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ହେଉଛି ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ଓଭର ବୋଲିଂ କରିବା। ଖରାପ ଆଲୋକ ଯୋଗୁ ଖେଳ ଶୀଘ୍ର ବନ୍ଦ କରିଦେବା ଫଳରେ ମ୍ୟାଚ୍‌ରେ ମୋଟ ବୋଲିଂ ହୋଇଥିବା ଓଭର ସଂଖ୍ୟା ହ୍ରାସ ପାଏ। ସୂଚନାଯୋଗ୍ୟ, କ୍ରିକେଟ ଇତିହାସରେ ପ୍ରଥମ ଥର ପାଇଁ ଗୋଲାପୀ ବଲ ଟେଷ୍ଟ ମ୍ୟାଚ ୨୦୧୫ ରେ ଖେଳାଯାଇଥିଲା। ସେହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୩ ଉଇକେଟରେ ପରାସ୍ତ କରିଥିଲା।

ସେବେଠାରୁ ବିଭିନ୍ନ ଦେଶ ମଧ୍ୟରେ ସମୟ ସମୟରେ ଗୋଲାପୀ ବଲ ବ୍ୟବହାର କରି ମ୍ୟାଚ ଖେଳାଯାଇଛି। କମ ଆଲୋକ ସମୟରେ ଗୋଲାପୀ ବଲ ବ୍ୟବହାର କେବଳ ସେତେବେଳେ ଅନୁମତି ପାଇବ ଯଦି ଉଭୟ ଅଂଶଗ୍ରହଣକାରୀ ଦଳ ପରସ୍ପର ସହମତ ହୁଅନ୍ତି। ଆଇସିସି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏବେ ମ୍ୟାଚ ସମୟରେ ଡ୍ରିଙ୍କ୍ସ ବ୍ରେକ୍ କୋଚଙ୍କୁ ଖେଳାଳିଙ୍କ ସହ ଯୋଗାଯୋଗ କରିବା ପାଇଁ ଖେଳ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୬ରେ କାର୍ଯ୍ୟକାରୀ ହେବାକୁ ଯାଉଛି।

# ସବ୍ ଜୁନିଅର ବକ୍ସରମାନଙ୍କ ଚୟନ

ବ୍ରହ୍ମପୁର(ପିପିଏସ୍): ଚଳିତ ମାସ ୮ ଓ ୯ତାରିଖ ୨ଦିନ ଧରି ହେବାକୁ ଥିବା ସବ୍ ଜୁନିଅର୍ ଅଣ୍ଡର ୧୫ ବାଳକ ଓ ବାଳିକା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ସବ୍ ଜୁନିଅର ବାଳକ ଓ ବାଳିକା ବକ୍ସିଂ ଦଳ ଗଠନ କରାଯିବ । ୦୧.୦୧.୨୦୧୨ ଠାରୁ ୩୧.୧୨.୨୦୧୩ ମଧ୍ୟରେ ଯେଉଁ ବକ୍ସର ଜନ୍ମ ହୋଇଥିବେ ସେମାନେ ଯୋଗ ଦେଇ ପାରିବେ । ଚଳିତ ଜୁନ୍ ମାସ ୦୪.୦୬.୨୦୨୬ ସକାଳ ୭.୦୦ ଘଣ୍ଟା ଠାରୁ ୯.୦୦ ଘଣ୍ଟା ସମୟ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍‌ର ବକ୍ସିଂ ଆରେନା ଠାରେ ଚୟନ ହେବ। ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନ୍‌ର ବକ୍ସର ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ପାସ୍ ଫଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ(ଜିଡିଏଏ)ର ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଡିଏଏର ସମ୍ପାଦକ ଜେ.କାମେଶ୍ୱର ରାଓ ଜଣାଇଛନ୍ତି।

# ପଞ୍ଚମ ରାଜ୍ୟ ପୁଲିସ୍ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ

ବ୍ରହ୍ମପୁର(ପିପିଏସ୍): ପ୍ରଥମଥର ପାଇଁ ବ୍ରହ୍ମପୁର ପୁଲିସ୍ ଜିଲ୍ଲା ପକ୍ଷରୁ ପଞ୍ଚମ ରାଜ୍ୟ ପୁଲିସ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ୨୦୨୬-୨୭ ଆୟୋଜନ କରିଛି। ମଙ୍ଗଳବାର ସକାଳ ୮ଟାରେ ଆମ୍ବପୁଆ ରିଜର୍ଭ ପୁଲିସ୍ ପଡିଆରେ ଏହି ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଛି।

୪ଦିନଧରି ହେବାକୁ ଥିବା ଏହି ପ୍ରତିଯୋଗୀତାକୁ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ଭାଗ ନେଇଥିବା ୧୬ଟି ଜିଲ୍ଲାର ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ପ୍ରଥମଥର ପାଇଁ ବ୍ରହ୍ମପୁର ପୁଲିସ୍ ଜିଲ୍ଲା ରାଜ୍ୟ ପୁଲିସ୍ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଆୟୋଜନ କରୁଥିବାରୁ ଜିଲ୍ଲା ପୁଲିସ୍ ପକ୍ଷରୁ ଏସ୍‌ପି ଡା.ସର୍ବଣା ବିବେକ ଏମ୍, ଅତିରିକ୍ତ ଏସ୍‌ପି ଆଲୋକ କୁମାର ଜେନାଙ୍କ ସମେତ ବହୁ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କ ମନରେ ଉତ୍ସାହ ଦେଖାଦେବା ସହ ବାହାରୁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ରହଣି, ଖାଦ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ବ୍ରହ୍ମପୁର ମହାନଗର ନିଗମର ସହଯୋଗରେ ବୈକୁଣ୍ଠନଗର ସ୍ପୋର୍ଟ୍ସ ଏରିନା ଓ ୟୁସିପି ଖେଳ ପଡିଆ ପରିସରରେ ଥିବା ଇଣ୍ଡୋର ହଲ୍‌ରେ ବ୍ୟାଡମିଣ୍ଟନ୍ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି । ବିଭିନ୍ନ ବିଭାଗରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ଯେପରି ଅସୁବିଧା ନହୁଏ ସେନେଇ ପ୍ରତି ଟିମ୍ ପାଇଁ ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କୁ ସେମାନଙ୍କ ନିରୀକ୍ଷଣ ପାଇଁ ଦାୟୀତ୍ୱ ଦିଆଯାଇଛି । ଆସନ୍ତା ୪ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ଖେଳକୁ ପରିଚାଳନା ପାଇଁ ରାଜ୍ୟ ପୁଲିସ୍‌ର ସ୍ପୋର୍ଟ୍ସ ଅଫିସ୍‌ର ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ନିଳମାଧବ ସ୍ୱାଇଁ ପ୍ରତିଯୋଗୀତାକୁ ପରିଚାଳନା କରୁଥିବା ବେଳେ ଛତ୍ରପୁର ଆଇଆର୍‌ଇଏଲ୍‌ର ସହଯୋଗରେ ବ୍ରହ୍ମପୁର ପୁଲିସ୍ ଜିଲ୍ଲା ପକ୍ଷରୁ ଏହି ପ୍ରତିଯୋଗୀତା ଆୟୋଜନ ହେଉଛି । ରିଜର୍ଭ ଇନ୍ସପେକ୍ଟର ଏମ୍.ଲକ୍ଷ୍ମୀରଞ୍ଜନ ଓ ଦୀପକ ପରିଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରୁଥିବା ବେଳେ ସର୍ଜେଣ୍ଟ ସୁଧାଂଶୁ ଶେଖର ଦାସ ଖେଳାଳୀମାନଙ୍କୁ ଶପଥପାଠ କରାଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପୁଲିସ୍‌ର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।


ସପ୍ତାହର ଶେଷରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୩୧ ମଇରୁ ୬ଜୁନ୍ ୨୦୨୬ ଅସରପା ପାର୍ଟି




**ଜାତୀୟ:** ରୋମରେ ପିଏମ୍ ମୋଦୀ
**ଅନ୍ତର୍ଜାତୀୟ:** ପାସ୍‌ପୋର୍ଟରୁ ନିଜ ପ୍ରତିଷ୍ଠାତାଙ୍କ ସମାଧି ଚିତ୍ର ହଟାଇବ ବାଂଲାଦେଶ
**ବିଶେଷ ପ୍ରସଙ୍ଗ:** ସର୍ବନିମ୍ନ ମଜୁରୀ ବୃଦ୍ଧିର ବାସ୍ତବତା
**କ୍ଷୁଦ୍ରଗଳ୍ପ :** ଦୋଷ କାହାର
**ନାରୀ :** ବଦଳୁଛି ମହିଳାଙ୍କ ଖର୍ଚ୍ଚ କରିବା ସଉକ
**ଚଳଚ୍ଚିତ୍ର :** ମୁହଁ ଖୋଲିଲେ ଅଭିନେତ୍ରୀ ପାୟଲ
ଚଳଚ୍ଚିତ୍ର: ସ୍କ୍ରିପ୍ଟ ନପଢ଼ି ବଲିଉଡ଼ରେ ରାଜ୍ କରୁଛନ୍ତି ସଲମାନ
**ଖେଳ:** କାହିଁକି ନିଜ ବୋଲିଂ ଚମକ ହରାଇଛନ୍ତି ଯଶପ୍ରୀତ ବୁମ୍ରା ?
**ମୀନାବଜାର :** କାଉ ଓ ପିମ୍ପୁଡ଼ି, **ଚର୍ଚ୍ଚାରେ:** ଏଭରେଷ୍ଟର ରାଣୀ ଲାକ୍ପା ଶେର୍ପା, **ବିଜ୍ଞାନ:** କେତେ ଗରମରେ ପୋଡ, **ଜାଣନ୍ତି କି ? :** ଟ୍ରେନ୍ ଚାଳକଙ୍କୁ କାହିଁକି କୁହାଯାଏ ଲୋକୋ-ପାଇଲଟ୍ ?, **ସ୍ୱାସ୍ଥ୍ୟ:** ଡାକ୍ତରଙ୍କୁ ନ ପଚାରି ନାକ କିମ୍ବା କାନରେ ଔଷଧ ପକାଇବା ଅନୁଚିତ, ଧର୍ମ: ସ୍ଫଟିକ ଶିବଲିଙ୍ଗ କାହିଁକି ଏତେ ବିଶେଷ ?, କବିତା: ସ୍ମୃତିଘର ପରି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି ପ୍ରତିଯୋଗିତା



ବ୍ରହ୍ମପୁର(ପିପିଏସ୍): ଅନ୍ତଃ ଜିଲ୍ଲା ସିଏମ୍ କପ ବ୍ରହ୍ମପୁର ଜୋନରେ ଆଜି ଅନ୍ତଃ ୧୪ ବର୍ଷୀୟ ବାଳିକା ବର୍ଗରେ କଳାହାଣ୍ଡି ଓ ରାୟଗଡା ଜିଲ୍ଲା ମଧ୍ୟରେ ଖେଳାଯାଇଥିଲା। କଳାହାଣ୍ଡି ବାଳିକା ଦଳର ଖେଳାଳି ହର୍ଷିତା ଦାସ ପ୍ରଥମେ ଗୋଲ କରିଥିଲେ ଏବଂ କଳାହାଣ୍ଡି ୧-୦ ଗୋଲରେ ନିଜ ପ୍ରଥମ ମ୍ୟାଚ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ କବାଡି ସମ୍ପାଦକ ସୀତାରାମ ବେବରତା । ସେହିପରି ଦ୍ୱିତୀୟ ମ୍ୟାଚ ବାଳିକା ବର୍ଗରେ କନ୍ଧମାଳ ଓ ଗଜପତି ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା। ଗଜପତି ବାଳିକା ଦଳ ୨-୦ ଗୋଲ କରି ବିଜୟୀ ହାସଲ କରିଥିଲେ ଏବଂ ଗଜପତି ଜିଲ୍ଲାରୁ ଜାନି ରଶ୍ମିତା ଶବର ଓ ଲିଖିତ ଶବର ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟ ଦେଇଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ଫୁଟବଲ ଖେଳାଳି ଦେବେନ୍ଦ୍ର କଂହାର। ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ। ବାଳକ ବର୍ଗର ଦ୍ୱିତୀୟ ମ୍ୟାଚ କନ୍ଧମାଳ ଓ ଗଜପତି ଦଳ ମଧ୍ୟରେ ଖେଳାଯାଇଥିଲା। କନ୍ଧମାଳ ଦଳ ୬-୨ ଗୋଲ କରି ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ କୋଷାଧକ୍ଷ ଡ଼ି. ବାବୁ ରାଓ ଯୋଗ ଦେଇଥିବା ବେଳେ ଗଞ୍ଜାମ ଜିଲ୍ଲାର ସଦସ୍ୟ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟ୍ଟନାୟକ, ଜି.ଏମ୍ ବାବୁ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି.ଆପ୍ପା ରାଓ, ଦୁର୍ଗା ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲାର ବରିଷ୍ଠ ଫୁଟବଲ ଖେଳାଳି ମାନେ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଜେ.କାମେଶ୍ୱର ରାଓ ସୂଚନା ଦେଇଛନ୍ତି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583